

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ଶୁକ୍ରବାର ୦୮ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 08 November 2024
Vol.No. 35 ■ No.296 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

## ଜମ୍ମୁ-କଶ୍ମୀର ବିଧାନସଭାରେ ହଙ୍ଗାମା

### ଶାସକ ଓ ବିରୋଧୀ ହାତାହାତି



ନୂଆଦିଲ୍ଲୀ, ୦୭/୧୧ : ଜମ୍ମୁ-କଶ୍ମୀର ବିଧାନସଭାରେ ହେଲା ଜୋରଦାର ହଙ୍ଗାମା। ଗୃହ କାର୍ଯ୍ୟ ଚାଲିଥିବା ବେଳେ ଠେଲାପେଲା ହେଲେ ବିଧାୟକ। ନିଜ ନିୟନ୍ତ୍ରଣ ହରାଇଲେ ଶାସକ ଓ ବିରୋଧୀ ଦଳର ନେତା। ପରସ୍ପରକୁ ଦେଲେ ଧକ୍କା। ଧାରା ୩୭୦କୁ ନେଇ ବିଧାନସଭା ପରିସର ପାଲଟିଲା ରଣକ୍ଷେତ୍ର। ଚିରାଗଲା ପୋଷ୍ଟର। ଫଳରେ ଗୃହକୁ ମୁଲତବୀ କରାଯାଇଛି। ସୂଚନା ମୁତାବକ, ଗତକାଲି ଧାରା ୩୭୦ ହଟାଇବାକୁ ବିରୋଧରେ ଜମ୍ମୁ-କଶ୍ମୀର ବିଧାନସଭାରେ ପ୍ରସ୍ତାବ ପାରିତ ହୋଇଥିଲା। ଏହାକୁ ନେଇ ଗତକାଲି ଠାରୁ ଗୃହରେ ହଙ୍ଗାମା ଜାରି ରହିଥିଲା। ତେବେ ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଏହାକୁ ନେଇ ଦୁଇ ପକ୍ଷର ବିଧାୟକ ପରସ୍ପର ମୁହାଁମୁହିଁ ହୋଇଥିଲେ। ପରସ୍ପର ସହ ପିଟାପିଟି ହେବା ସହ ଠେଲାପେଲା ମଧ୍ୟ ହୋଇଥିଲେ। କୁହାଯାଉଛି ଯେ ବିଧାୟକ ଇଞ୍ଜିନିୟର ରସିଦଙ୍କ ଭାଇ ଖୁରସିଦ ଅହମ୍ମଦ ଶେଖ ଲାଗୁ କରିବା ପାଇଁ ଦାବି କରି ଗୃହରେ ଧାରା ୩୭୦ର ବ୍ୟାନର ଦେଖାଇଥିଲେ। ବିଧାନସଭାରେ ବିରୋଧୀଦଳ ନେତା ସୁନୀଲ ଶର୍ମା ବ୍ୟାନର ପ୍ରଦର୍ଶନକୁ ବିରୋଧ କରିଥିଲେ। ଏହି ପୋଷ୍ଟର ଦେଖିବା ପରେ ବିଜେପି ବିଧାୟକମାନେ ରାଗି ଯାଇଥିଲେ। ସେମାନେ ତାଙ୍କ ହାତରୁ ବ୍ୟାନର ଛଡ଼ାଇ ନେଇଥିଲେ। ଏହା ପରେ ଦଳର ବିଧାୟକ ଏବଂ ବିରୋଧୀଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥିଲା। ବିଜେପି ବିଧାୟକମାନେ ଶେଖ ଖୁରସିଦଙ୍କ ହାତରୁ ବ୍ୟାନର ନେଇ ଏହାକୁ ଚିରି ଦେଇଥିଲେ। ଏପରିକି ବିଧାୟକଙ୍କ ମଧ୍ୟରେ ପିଟାପଟି ମଧ୍ୟ ହୋଇଥିଲେ। ଏହାପରେ ମାର୍ଶଲ ଯେଉଁମାନେ ହଙ୍ଗାମା ସୃଷ୍ଟି କରିଥିଲେ ସେହି ବିରୋଧୀ ବିଧାୟକଙ୍କୁ ଗୃହରୁ ବାହାର କରି ଦେଇଥିଲେ। ଏହା ପରେ ଗୃହ କାର୍ଯ୍ୟକୁ କିଛି ସମୟ ପାଇଁ ସ୍ଥଗିତ ରଖାଯାଇଥିଲା। ବିଜେପି ନେତା ରବିନ୍ଦ୍ର ରାଇନା କହିଛନ୍ତି ଯେ ଜମ୍ମୁ-କଶ୍ମୀରରେ ଧାରା ୩୭୦ ବର୍ତ୍ତମାନ ଇତିହାସରେ ପରିଣତ ହୋଇଛି । ଓମାର ▶▶ପୃଷ୍ଠା ୭

## 'ମୋ ବସ୍' ଏମ୍‌ଡିଙ୍କୁ କଡ଼ା ଭର୍ତ୍ସନା କଲେ ହାଇକୋର୍ଟ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ହାଇକୋର୍ଟରେ ହାଜର ହେଲେ 'ମୋ ବସ୍'ର ଏମଡି ଥିରୁମାଲା ନାଏକ। କୁଟ୍ ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠକୁ ନେଇ ଅସନ୍ତୋଷ ପ୍ରକାଶ କଲେ ହାଇକୋର୍ଟ। ଏ ନେଇ 'ମୋ ବସ୍' ଏମ୍‌ଡିଙ୍କୁ କଡା ଭର୍ତ୍ସନା କଲେ କୋର୍ଟ। ଲୋକଙ୍କ ସୁରକ୍ଷା ଓ ଦୁର୍ଘଟଣା ରୋକିବା ପାଇଁ କ'ଣ ପଦକ୍ଷେପ ନେଇଛ ବୋଲି ପ୍ରଶ୍ନ କଲେ ହାଇକୋର୍ଟ। 'ମୋ ବସ୍' ଡ୍ରାଇଭର ଗାଡି ଚାଳନା କରିବା ପୂର୍ବରୁ ମଦ୍ୟପାନ ଯାଞ୍ଚ ହେଉଛି ନା ନାହିଁ ପ୍ରଶ୍ନ କଲେ। 'ମୋ ବସ୍' ଯୋଗୁ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ ଚିକିତ୍ସା ଓ କ୍ଷତିପୂରଣ ଦିଆଯାଇଛି କି ନାହିଁ? ସେ ନେଇ ସତ୍ୟପାଠ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। 'ମୋ ବସ୍' ଏମ୍‌ଡି ଥିରୁମାଲା ନାୟକ ଓ ଓଏସ୍‌ଆରଟିସିର ▶▶ପୃଷ୍ଠା ୭

## ବନ୍ଧା ହେଲେ ଇଡ୍‌କୋର କୋଟିପତି ବାବୁ



ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଇଡକୋର ଜୁନିୟର ମ୍ୟାନେଜର ବିଜୟ କୁମାର ଉଦୟସିଂହଙ୍କୁ ଗିରଫ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ସେ ୫ କୋଟି ୩୦ ଲକ୍ଷ ୭୨ ହଜାର ୭୧୭ ଟଙ୍କାର ସଂପତ୍ତି ଠୁଳ କରିଛନ୍ତି, ଯାହା ତାଙ୍କ ଆୟଠାରୁ ୭୩୬ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ବିଜୟ କୁମାର ଉଦୟସିଂହଙ୍କ ସମ୍ପତ୍ତି ମଧ୍ୟରେ ରହିଛି, ରାଜଧାନୀ ଭୁବନେଶ୍ୱରର ରାଜାରାଣୀ ମୌଜାର ଆର୍ଯ୍ୟ ବିହାର ସ୍ଥିତ ▶▶ପୃଷ୍ଠା ୭

## ନଡ଼ା ଜାଳିଲେ ତ୍ରାହି ନାହିଁ: ଦେବାକୁ ହେବ ଡ଼ବଲ ଜରିମାନା



ନୂଆଦିଲ୍ଲୀ, ୦୭/୧୧ : ଦେଶର ରାଜଧାନୀ ଦିଲ୍ଲୀରେ ଦିନକୁ ଦିନ ବଢ଼ି ଚାଲିଛି ପ୍ରଦୂଷଣ ମାତ୍ରା। ଆଉ ଏହି ପ୍ରଦୂଷଣ ପାଇଁ ମୁଖ୍ୟ ଭାବେ ପଡୋଶୀ ରାଜ୍ୟରେ ନଡ଼ା ଜାଳିବାକୁ ଦାୟୀ କରାଯାଉଛି। ତେବେ ଏହି ନଡ଼ା ଜାଳିବାକୁ ନେଇ ସୁପ୍ରିମକୋର୍ଟଙ୍କ ତାଗିଦ ପରେ କେନ୍ଦ୍ର ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଥର ନଡ଼ା ଜାଳିଲେ ଆଉ ତ୍ରାହି ନାହିଁ। ଦେବାକୁ ପଡିବ ଡବଲ ପେନାଲ୍ଟି। ଜରିମାନା ଡବଲ କରିଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର ସରକାର ନଡ଼ା ଜାଳିବା ଉପରେ ଜରିମାନା ବୃଦ୍ଧି କରିଛନ୍ତି। ବର୍ତ୍ତମାନ ୫ ଏକରରୁ ଅଧିକ ଜମି ଥିବା କୃଷକଙ୍କୁ ୩୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ସେହିପରି ୨ ଏକରରୁ କମ୍ ଜମି ଥିବା କୃଷକଙ୍କୁ ଜରିମାନା ୫ ହଜାର ଟଙ୍କା ଏବଂ ୨ ରୁ ୫ ଏକର ମଧ୍ୟରେ ଜମି ପାଇଁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ହେବ। କହିରଖୁ ଯେ ଗତ ମାସରେ ସୁପ୍ରିମକୋର୍ଟ ନଡ଼ା ଜାଳିବାକୁ ନେଇ ରାଜ୍ୟ ▶▶ପୃଷ୍ଠା ୭

## ଆମ୍ବ ଟାକୁଆ ଜାଉ ମୃତ୍ୟୁ ଘଟଣାରେ ଆସିଲା ଆରଡିସି ତଦନ୍ତ ରିପୋର୍ଟ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ବିଷାକ୍ତ ଆମ୍ବ ଟାକୁଆ ଜାଉ ନେଇଛି ଦୁଇ ଜୀବନ। ତଦନ୍ତ ରିପୋର୍ଟରୁ ଆସିଲା ତଥ୍ୟ। ଆଉ ଏପଟେ ଏହାକୁ ନେଇ ତେଜିଲା ରାଜନୀତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆମ୍ବ ଟାକୁଆ ଖାଇ ମୃତ୍ୟୁ ଘଟଣାରେ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। କହିଛନ୍ତି ଆମ ବାର ବର୍ଷର ତପସ୍ୟା ବିଜେପି ସରକାର ସୁଖୁଆ ପୋଡ଼ାରେ ସାରିଦେଲା। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ତଦନ୍ତ ରିପୋର୍ଟରେ ବିଷାକ୍ତ ଖାଦ୍ୟ ହିଁ ମୃତ୍ୟୁର କାରଣ ବୋଲି ସ୍ପଷ୍ଟ ଦର୍ଶାଯାଇଛି। କନ୍ଧମାଳ ଦାରିଙ୍ଗବାଡ଼ି ମାଣ୍ଡିପଙ୍କାରେ ଘଟିଥିବା ଅଘଟଣରେ ଦୁଇଜଣଙ୍କ ଜୀବନ ଯିବା ପରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ତଦନ୍ତ କରିଥିଲେ। ସଂଗୃହୀତ ଆମ୍ବ ଟାକୁଆ ଓ ପାଣି ନମୁନାରୁ ରୋଗ ସୃଷ୍ଟିକାରୀ ଜୀବାଣୁ ମିଳିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ଖାଦ୍ୟରେ ହାଇଡ୍ରୋଜେନ୍ ସଲଫାଇଡ୍ ଟେଷ୍ଟ ପଜିଟିଭ ରହିଛି। ସନ୍ଦେହ କରୁଛୁ ଖାଦ୍ୟ ବିଷାକ୍ତ ହୋଇଥିଲା । ଆମ୍ବ ଟାକୁଆ ଖାଇ ଯେଉଁ ୨ଜଣ ଏବେ ଝଉଇରେ ଚିକିତ୍ସିତ ହେଉଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ଅଛି। ▶▶ପୃଷ୍ଠା ୭

## ପର୍ବପର୍ବାଣୀକୁ ନେଇ ଦ୍ୱନ୍ଦ୍ୱ: ଅସନ୍ତୋଷ ଝାଡ଼ିଲେ ଶଙ୍କରାଚାର୍ଯ୍ୟ

ପୁରୀ, ୦୭/୧୧ (ନି.ପ୍ର): "ଜ୍ୟୋତିଷ ଏକ ବିଜ୍ଞାନ। ଜ୍ୟୋତିଷମାନେ ଯେତିକି ପରିଶ୍ରମ କରିବା କଥା ସେତିକି କରୁନାହାନ୍ତି। ଆମେରିକା- ବ୍ରିଟେନ ତଥ୍ୟରେ ତିଆରି କରୁଛନ୍ତି ପାଞ୍ଜି। ଯେଉଁଥିପାଇଁ ପାଞ୍ଜିରେ ଦେଖା ଦେଉଛି ବ୍ୟତିକ୍ରମ। ମେଳଖାଉନି ତିଥି ଓ ନକ୍ଷତ୍ର। ଭୁଲଭାଲ୍ ଆସୁଛି ପର୍ବପର୍ବାଣୀ ତାରିଖ।" ପର୍ବପର୍ବାଣୀକୁ ନେଇ ଦେଖାଦେଉଥିବା ଦ୍ୱନ୍ଦ୍ୱକୁ ନେଇ ଆଜି ଏମିତି କହିଛନ୍ତି ପୁରୀ ଶଙ୍କରାଚାର୍ଯ୍ୟ ଜଗଦଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ତେଣୁ ଏଠି ପ୍ରଶ୍ନ ଉଠୁଛି, ପାଞ୍ଜିକାରକୁ ନେଇ



କାହିଁକି ଏଭଳି ପ୍ରତିକ୍ରିୟାଶୀଳ ହେଲେ ଶ୍ରୀମନ୍ଦିର ମୁକ୍ତିମଣ୍ଡପର ସ୍ଥାୟୀ ସଭାପତି ତଥା ଜଗଦଗୁରୁ ଶଙ୍କରାଚାର୍ଯ୍ୟ? ତାଙ୍କ ଅସନ୍ତୋଷ ପଛରେ ରହିଛି କି ସତ୍ୟତା ? ଯଦି କେବଳ ଚଳିତବର୍ଷର ତଥ୍ୟକୁ ପ୍ରମାଣ ଭାବେ ନିଆଯାଏ, ତାହାଲେ ଚଳିତବର୍ଷ ଏପ୍ରିଲ ମାସରୁ ନଭେମ୍ବର ଯାଏଁ ଲାଗି ରହିଥିଲା ଓଡ଼ିଆ କ୍ୟାଲେଣ୍ଡରମାନଙ୍କରେ ତାରିଖ ଦ୍ୱନ୍ଦ୍ୱ। ଏମିତିକି ଗତ ଏପ୍ରିଲ ମାସରେ ପଣା ▶▶ପୃଷ୍ଠା ୭

## ନୂଆବର୍ଷରୁ ହିତାଧିକାରୀଙ୍କୁ ମିଳିବ ଚାଉଳ ସହ ଗହମ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଜାନୁଆରୀ ପ୍ରଥମ ସପ୍ତାହରୁ ହିତାଧିକାରୀଙ୍କୁ ମିଳିବ ଚାଉଳ ସହ ଗହମ। ଏନେଇ ଆଜି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ସେ କହିଛନ୍ତି, ଗହମ ଆସିଛି କିନ୍ତୁ ସରକାରୀ ସ୍ତରରେ କାମ ସାରି ନଥିବାରୁ ଦୁଇ ମାସ ବିଳମ୍ବ ହେବ। କିଛି ଲୋକ ଚାଉଳ ସହ ଗହମ ନେବାକୁ ଚାହୁଁ ନାହାନ୍ତି। ଆଉ କିଛି ଲୋକ ଗହମ ନେବାକୁ ଚାହୁଁଛନ୍ତି। କେଉଁ ଜିଲ୍ଲାରୁ କେତେ ହିତାଧିକାରୀ ଗହମ ଚାହୁଁଛନ୍ତି, ସେନେଇ ତାର ଡାଟା ମଗାଯାଇଛି। ସେହି ଅନୁସାରେ ପ୍ରତି ଜିଲ୍ଲାକୁ ଗହମ ପଠାଯିବ। ଏହି କାମ କେଉଁ କମ୍ପାନୀ ନେବ, ସେଥିପାଇଁ ଗୋଟିଏ ଟେଣ୍ଡର କରାଯିବ। ଏଥିପାଇଁ ଟିକିଏ ଡେରି ହେଉଛି। ହେଲେ ଜାନୁଆରୀ ମାସରୁ ଚାଉଳ ସହ ଗହମ ଦିଆଯିବ ବୋଲି ଆମେ ନିଷ୍ପତ୍ତି ନେଇଛୁ। ମନ୍ତ୍ରୀ ଆହୁରି କହିଛନ୍ତି, ଇ-କେୱାଇସି କାମ ଚାଲିଛି। ୮୫ ପ୍ରତିଶତ ଇ-କେୱାଇସି କାମ ସରିଯାଇଛି। ଆଉ ୧୦ରୁ ୧୫ ପ୍ରତିଶତ କାମ ବାକି ରହିଛି। ସଂପୂର୍ଣ୍ଣ କାମ ସାରିବାକୁ ଆହୁରି ୧୫ ଦିନ ସମୟ ଲାଗିବ। ସେହିଭଳି ନଭେମ୍ବର ଶେଷ ସୁଦ୍ଧା ବରଗଡ଼ ସୋହେଲାରେ ଚାଷୀ ସମାବେଶ ହେବ। ଏନେଇ ମୁଖ୍ୟମନ୍ତ୍ରୀ ତାରିଖ ଘୋଷଣା କରିବେ। ମୁଖ୍ୟମନ୍ତ୍ରୀ ଯେଉଁ ତାରିଖ ଘୋଷଣା କରିବେ ସେହିଦିନ ଚାଷୀ ସମାବେଶ କରାଯିବ। ▶▶ପୃଷ୍ଠା ୭

## ଭାଇଜାନଙ୍କ ପରେ କିଙ୍ଗ ଖାନଙ୍କୁ ଧମକ



ନୂଆଦିଲ୍ଲୀ, ୦୭/୧୧ :ସଲମାନ ଖାଁଙ୍କ ପରେ ଏବେ ବଲିଉଡ ସୁପରଷ୍ଟାର ସାହାରୁଖ ଖାଁଙ୍କୁ ହତ୍ୟା ଧମକ । ସାହାରୁଖଙ୍କ ବାସଭବନ ମନ୍ନତରେ ବଢାଗଲା ସୁରକ୍ଷା । ରାୟପୁରରୁ ଆସଥିଲା ଶାହାରୁଖଙ୍କୁ ଫୋନ, କୋଟିଏ ଟଙ୍କା ମାଗିଲା ଅପରାଧୀ, କଲ ପାଇଁ ଆକ୍ସନ ମୋଡରେ ମୁମ୍ବାଇ ପୋଲିସ । ବିଏନଏସ ଧାରା ୩୦୮(୪), ୩୫୧(୩)(୪)ରେ ମାମଲା ରୁଜୁ କରି ତଦନ୍ତ ▶▶ପୃଷ୍ଠା ୭

## ପ୍ରସନ୍ନ ଆଚାର୍ଯ୍ୟଙ୍କ ହାତ ଛାଡ଼ିଲେ ୧୮ ଜଣ ସରପଞ୍ଚ ଓ ନାଏବ ସରପଞ୍ଚ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଭୁଶୁଡୁଛି ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଗଡ଼! ତାଙ୍କ ହାତ ଛାଡ଼ିଛନ୍ତି ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ୧୮ ଜଣ ସରପଞ୍ଚ ଓ ନାଏବ ସରପଞ୍ଚ। ଆଜି ସେମାନେ ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସରପଞ୍ଚ ଓ ନାଏବ ସରପଞ୍ଚମାନେ ନିଜ ସମର୍ଥକଙ୍କ ସହ ବିଜେପିରେ ମିଶିଛନ୍ତି। ସମ୍ବଲପୁର ଜିଲ୍ଲାର ବିଜେଡି ଗଡ଼ ଭାବେ ପରିଚିତ ଥିଲା




ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ। ୨୦୦୦ ମସିହାରୁ ଏଠାରେ ଲଗାତାର ଭାବେ ବିଜେଡି ଜିତି ଆସୁଛି। ରୋହିତ ପୂଜାରୀ ଏଠାରେ ଦୁଇଟି ଟର୍ମ ଜିତିଥିଲେ। ଆଉ ମନ୍ତ୍ରୀ ମଧ୍ୟ ହୋଇଥିଲେ। ଏଥର ଦଳ ରୋହିତଙ୍କ ବଦଳରେ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରିଥିଲା। ଲୋକମାନେ ତାଙ୍କ ଭରପୂର ସମର୍ଥନ ଦେଇଥିଲେ। ପ୍ରସନ୍ନ ଆଚାର୍ଯ୍ୟଙ୍କୁ ବିଜୟୀ କରାଇ ବିଧାନସଭାକୁ ପଠାଇଥିଲେ। କୁହାଯାଉଛି ପ୍ରସନ୍ନଙ୍କ ବିଜୟର ପ୍ରମୁଖ ଭୂମିକା ନେଇଥିଲେ ଗ୍ରାସ୍ ରୁଟ୍‌ରେ କାମ କରୁଥିବା ସରପଞ୍ଚ ଓ ନାଏବ ସରପଞ୍ଚ। ହେଲେ ହଠାତ୍ କଣ ହେଲା ପ୍ରସନ୍ନଙ୍କ ହାତ ଛାଡ଼ିଦେଲେ ୧୮ ସରପଞ୍ଚ ଓ ନାଏବ ସରପଞ୍ଚ? ଏହାର ଉତ୍ତର ବିଜେଡି ପାଖରେ ନଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଓ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ଉପସ୍ଥିତିରେ ସରପଞ୍ଚ ଓ ନାଏବ ସରପଞ୍ଚମାନେ ଆଜି ବିଧିବଦ୍ଧ ଭାବେ ବିଜେପିରେ ସାମିଲ୍ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ସେମାନଙ୍କୁ ସ୍ୱାଗତ କରିଛନ୍ତି। ମିଶ୍ରଣ ପର୍ବ ପରେ ଧର୍ମେନ୍ଦ୍ର ପ୍ରଧାନ ଢରେ ଲେଖିଛନ୍ତି, ସମ୍ବଲପୁରଠାରେ ଆୟୋଜିତ ▶▶ପୃଷ୍ଠା ୭

## ଲେବାନନ ଉପରେ ଇସ୍ରାଏଲର ବଡ଼ ଆକ୍ରମଣ: ଇସ୍ରାଏଲ ଓ ହିଜବୁଲ୍ଲା ମଧ୍ୟରେ ଉତ୍ତେଜନା ବୃଦ୍ଧି

ନୂଆଦିଲ୍ଲୀ, ୦୭/୧୧ : ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବା ପରେ ଲେବାନନ ଉପରେ ବଡ ଆକ୍ରମଣ କରିଛି ଇସ୍ରାଏଲ । ଏକାଥରେ ୪୦ଟି ଆକ୍ରମଣ କରିଛି ଇସ୍ରାଏଲ ଏବଂ ଏଥିରେ ଅନେକ ଲୋକ ପ୍ରାଣ ହରାଇଛନ୍ତି । ଇସ୍ରାଏଲ ଓ ହିଜବୁଲ୍ଲା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଇସ୍ରାଏଲ ଲେବାନନରେ ଆକ୍ରମଣକୁ ଜୋରଦାର କରିଛି । ଇସ୍ରାଏଲ ଲେବାନନରେ ହିଜବୁଲ୍ଲା ବିରୋଧରେ ଆକ୍ରମଣାତ୍ମକ ରହିଛି । ପୁଣିଥରେ ଲେବାନନରେ ଥିବା ହିଜବୁଲ୍ଲା ଆତଙ୍କବାଦୀଙ୍କୁ ଟାର୍ଗେଟ



କରିଛି ଆଇଡିଏଫ । ଲେବାନନର ବେକା ଉପତ୍ୟକାର ପୂର୍ବ ସହର ବାଲବେକ୍ ନିକଟରେ ଇସ୍ରାଏଲ ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ପାଖାପାଖି ୪୦ ଜଣଙ୍କ ମୃତ୍ୟୁ ଘଟିଛି ବୋଲି ସୂଚନା ମିଳିଛି। ସୂଚନା ଦେଲେ ବେରୁତର ରାଜ୍ୟପାଳ । ଲେବାନନର ଦକ୍ଷିଣ ଓ ପୂର୍ବରେ ଇସ୍ରାଏଲ ସେନା ବୋମାମାଡ଼କୁ ତୀବ୍ର କରିଛି । ବେରୁତ ଗଭର୍ଣ୍ଣର ବଚିର ଖୋଦାର କହିଛନ୍ତି, ଇସ୍ରାଏଲର ୪୦ଟି ଆକ୍ରମଣରେ ଆମର ୪୦ ଜଣ ପ୍ରାଣ ହରାଇଛନ୍ତି ଏବଂ ୬୦ଜଣ ଆହାତ ହୋଇଛନ୍ତି । ଆଇଡିଏଫ କହିଛି ଇସ୍ରାଏଲର ମେଟୁଲା ସହରରେ ହିଜବୁଲା ପକ୍ଷରୁ ରକେଟ ମାଡ କରିଥିବା କମାଣ୍ଡର ଅଲ-ହଲିମକୁ ଦକ୍ଷିଣ ଲେବାନନରେ ଇସ୍ରାଏଲ କରିଥିବା ଏୟାର ଷ୍ଟ୍ରାଇକରେ ନିହତ କରାଯାଇଛି । ସେପଟେ ଯୁଦ୍ଧ ଭିତରେ ଇରାନର ନ୍ୟାୟାଳୟ ଚାରିଜଣଙ୍କୁ ମୃତ୍ୟୁ ଦଣ୍ଡ ଦେବାକୁ ଘୋଷଣା କରିଛନ୍ତି।

## ମହାରାଷ୍ଟ୍ର ନିର୍ବାଚନ ପାଇଁ ମହାବିକାଶ ଅଘାଡ଼ିର ୫ ପ୍ରତିଶ୍ରୁତି: ଉଦ୍ଧବ କହିଲେ ଆମେ ଜିତିବୁ

ନୂଆଦିଲ୍ଲୀ, ୦୭/୧୧ : ମହାରାଷ୍ଟ୍ର ନିର୍ବାଚନକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ବଡ ବୟାନ, ମହାବିକାଶ ଆଘାଡିର ଇସ୍ତାହାର ଉନ୍ମୋଚନ ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ୨୩ ତାରିଖରେ ଆମେ ବିଜୟର ବାଣ ଫୁଟାଇବୁ ବୋଲି ଉଦ୍ଧବ ଠାକରେ କହିଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନାମ ନନେଇ ସେ



କହିଛନ୍ତି ଯେ ଜଣେ ବ୍ୟକ୍ତି ଏବେ ବେରୋଜଗାର ହେବାକୁ ଯାଉଛନ୍ତି। ଦେବେନ୍ଦ୍ର ଫଡନାଭିସ ମୋତେ ପ୍ରଥମେ ମୁମ୍ବାଇରେ ମନ୍ଦିର ନିର୍ମାଣ କରିବାକୁ ଚ୍ୟାଲେଞ୍ଜ କରିଥିଲେ। ଫଡନାଭିସଙ୍କୁ ଟାର୍ଗେଟ କରି ଉଦ୍ଧବ କହିଛନ୍ତି , ଥାନେ ଜିଲ୍ଲାରେ ଛତ୍ରପତି ▶▶ପୃଷ୍ଠା ୭

# ବଲାଙ୍ଗୀରଠାରେ ଆନ୍ତର୍ଜାତୀୟ ପ୍ରୋସ୍ଥେଟିକ୍ସ ଏବଂ ଅର୍ଥୋଟିକ୍ସ ଦିବସ ପାଳିତ

ବଲାଙ୍ଗୀର, ୦୭/୧୧ (ନି.ପ୍ର): ସ୍ଥାନୀୟ ଶାସ୍ତ୍ରୀନଗରସ୍ଥିତ ଭାରତ ସରକାରଙ୍କର ଦକ୍ଷତା ବିକାଶ ପୁନର୍ବାସ ଏବଂ ଭିର୍ଣ୍ଣକ୍ଷମ ସଶକ୍ତି କରଣ ବିଭାଗ ଅଧିନସ୍ଥ ସଂଯୁକ୍ତ ଆଂଚଳିକ କେନ୍ଦ୍ର(ସିଆରସି) ବଲାଙ୍ଗୀର ଠାରେ ଆନ୍ତର୍ଜାତୀୟ ପ୍ରୋସ୍ଥେଟିକ୍ସ ଏବଂ ଅର୍ଥୋଟିକ୍ସ ଦିବସ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ୟାମା ମେହେର, ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରତିନିଧି ବିଷ୍ଣୁ ବିଶ୍ୱାଳ, ସ୍ୱତନ୍ତ୍ର ଶିକ୍ଷାର ସହାୟକ ପ୍ରଫେସର ଶ୍ରୀମତୀ ଲୁସିକା ନାୟକ ଏବଂ ଭୌତିକ ଚିକିତ୍ସାର ଅଧାପକ ବିଶ୍ୱଜିତ କାନୁନଗୋ ଯୋଗ ଦେଇଥିଲେ। ପ୍ରୋସ୍ଥେଟିକ୍ସର କୁମାରୀ ଶୁଭସ୍ମିତା ସାହୁ ଏବଂ ଅର୍ଥୋଟିକ୍ସ ବିଭାଗର ଅଧିକାରୀ ଏହି କାର୍ଯ୍ୟକ୍ରମ ମଂଚ ପରିଚାଳନା କରିବା ସହିତ ପ୍ରୋସ୍ଥେଟିକ୍ସ ଏବଂ ଅର୍ଥୋଟିକ୍ସ ବିଷୟରେ ପ୍ରାଞ୍ଜଳ ଭାବରେ ସମସ୍ତଙ୍କୁ ବୁଝାଇଥିଲେ। ଏହାବ୍ୟତୀତ ଏହି ବିଭାଗର ସମନ୍ୱୟ ଅନ୍ୟ ସବୁ ବିଭାଗରେ କେମିତି ରହିଛି ସେ ବିଷୟରେ ମଧ ଜଣାଇଥିଲେ। ଅମିତ ମିଶ୍ର ଅତିଥି ସ୍ୱାଗତ କାର୍ଯ୍ୟର ପରିଚାଳନା କରିଥିଲେ। ମଂଚାସୀନ ଅତିଥିଗଣ ନିଜ ନିଜର ମତ ରଖିଥିଲେ ଏବଂ ଏହି ଦିବସର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ଉକ୍ତ ଦିବସରେ ଅତିଥିମାନଙ୍କ ଦ୍ୱାରା ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ପ୍ରକାରର ପ୍ରୋସ୍ଥେଟିକ୍ସ ଏବଂ ଅର୍ଥୋଟିକ୍ସ ଉପକରଣ ବଂଟନ କରାଯାଇଥିଲା। ସହାୟକ ପ୍ରଫେସର(ବାକ୍ ଏବଂ ଶ୍ରବଣ ବିଭାଗ) ଜିତେନ୍ଦ୍ର ବାରିକ ଏବଂ ବ୍ୟବସାୟିକ ଚିକିତ୍ସା ବିଭାଗର ଅଧାପକ ଶ୍ରିଦ୍ୟୁତି ମହାପାତ୍ର ନିଜର ମତ ଉପସ୍ଥାପନ କରିଥିଲେ। ସିଆର୍‌ସିର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ମିଳିତ ଭାବେ ସହଯୋଗ କରି, ସିଆର୍‌ସି ପ୍ରାଙ୍ଗଣରେ ବୃକ୍ଷରୋପଣ କରିଥିଲେ। ସଭାର ଶେଷରେ ପୁନର୍ବାସ ଅଧିକାରୀ ସୌମ୍ୟ ଶେଖର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଲକାନଗିରି ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧିଗ୍ରହଣ ଉତ୍ସବ

ମାଲକାନଗିରି, ୦୭/୧୧ (ନି.ପ୍ର): ମାଲକାନଗିରି ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍ କ୍ରସ୍ ପକ୍ଷରୁ ଅଧିଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଧକ୍ଷ ପଦ୍ମନାଭ ପୁଆଲ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ ଜିଲ୍ଲା ଯୁବ ରେଡକ୍ରସ୍ ର ପରାମର୍ଶଦାତା ଡଃ. ରଞ୍ଜନ କୁମାର ସ୍ୱାଇଁ କ୍ଷମାଲକାନଗିରି ଜିଲ୍ଲାକୁ କିପରି ଭାବରେ ସୁସ୍ଥ ସମାଜରେ ପରିଣତ କରି ପାରିବା ଓ ଯୁବ ସମାଜକୁ କିପରି ଭାବେ ପ୍ରୋତ୍ସାହିତ କରି ପାରିବା ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ଅଧକ୍ଷ ଅବଗତ କରାଇଛନ୍ତି । ସମାଜରେ ସ୍ୱଇଛାରେ ଏବଂ ନିସ୍ୱାର୍ଥ ମାନବ ସେବା କରିବା ପାଇଁ ଜିଲ୍ଲା ଯୁବ ରେଡ୍ କ୍ରସ୍ ର ପରାମର୍ଶଦାତା ଡଃ. ଶ୍ରୀ ସ୍ୱାଇଁ ଉପଦେଶ ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ, ସେବା ଏବଂ ବନ୍ଧୁତା ବିଷୟରେ ବହୁ ଉପଦେଶ ମୂଳକ ତଥ୍ୟ ମଧ ପ୍ରଦାନ କରିଛନ୍ତି । ଯୁବ ରେଡକ୍ରସ ଅଧିଗ୍ରହଣ କାର୍ଯ୍ୟକ୍ରମ ହେଉଛି ସୁସ୍ଥ ସମାଜ ଗଠନ କରିବାର ଏକ ପ୍ରୟାସ । ଏହି କାର୍ଯ୍ୟକ୍ରମର ସମ୍ମାନିତ ଅତିଥି ରୂପେ ଅଧାପକ ମୁରଲୀ ମାଝୀ, ନାଗାର୍ଜୁନ ବକ୍ସି, ଦୀପକ କୁମାର ପାତ୍ର ଏବଂ ଅଧାପିକା ନିକିତା ସିଂ, ସଙ୍ଗୀତା କୁମାରୀ ହୋତା, ଉଜ୍ଜଳୀ ହାଜରା ଯୋଗଦାନ କରିଥିଲେ ।

# ଗୁଣାତ୍ମକ ମାନର ଇଂରାଜୀ ଶିକ୍ଷା ପାଇଁ ପ୍ରଶିକ୍ଷଣ ଶିବିର

ମାଲକାନଗିରି, ୦୭/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କର ନେତୃତ୍ୱରେ ୧୫ ଜଣିଆ ଆର.ପି.ଦଳ ଦୀର୍ଘ ୬ ମାସର ରିସର୍ଚ୍ଚ ପରେ ଆଣିଲେ ଇଂରାଜୀ ଶିକ୍ଷାର ୮୦ ୟୁନିକ୍ ଟେକନିକସ୍ ଅଫ୍ ଟିଚିଙ୍ଗ ଯାହାର ସଫଳ ପ୍ରଶିକ୍ଷଣ ତାଲିମ ଗତ ଇଂରାଜୀ ୦୨. ୧୧. ୨୦୨୪ ରେ ଜଗନ୍ନାଥପାଳୀ ଉଚ୍ଚବିଦ୍ୟାଳୟ, ଏମ.ଭି.୭ ନମ୍ବର ଠାରେ ସଫଳ ଭାବେ ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷଣରେ ବରୀଷ୍ଠ ଆର.ପି. ଅଜୟ କୁମାର ନାୟକ, ସୁଧୀର ରଞ୍ଜନ ସିକଦାର, ଭୋଜରାଜ ମେହେର, ତଥା ମହିଳା ଆର.ପି ପ୍ରତିନନ୍ଦା ଶାମଲ ଓ ଶୁଭଶ୍ରୀ ଶତପଥୀ , ସମସ୍ତେ ମିଶି ଜିଲ୍ଲାର ୧୧୬ଜଣ ଇଂରାଜୀ ଶିକ୍ଷକଙ୍କୁ ତାଲିମ୍ ଦେଇଥିଲେ। ତାଲିମ ଡ୍ରିଲ ଓ ଡେମନ୍ସ୍ଟ୍ରେସନ ମାଧମରେ ହୋଇଥିଲା ତଥା ବହୁତ ଲାଭଦାୟକ ଥିଲା। ୮୦ଟି ପଏଂଟକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ଉଦାହରଣସହ ବୁଝାଇଥିଲେ। ତାଲିମ କାର୍ଯ୍ୟ ସକାଳ ୧୦ ଘଟିକାରୁ ଆରମ୍ଭ ହୋଇ ସନ୍ଧା ୫ ଘଟିକା ପର୍ଯ୍ୟନ୍ତ ଚାଲୁ ରହିଲା। ଆରମ୍ଭରେ ପ୍ରଧାନଶିକ୍ଷକ ଇଶ୍ୱର ରାଓ, ଜିଲ୍ଲା ଡି.ଏସ୍.ଏସ୍. ଶ ରତ ରାଉତ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ଦିନ ୧୧.୩୦ ମିନିଟ ପରଠାରୁ ସନ୍ଧା ୫ଟି ପର୍ଯ୍ୟନ୍ତ ଡି.ଇ.ଓ. ବିଶ୍ୱନାଥ ସାହୁ କ ତତ୍ୱାବଧାନରେ ସବୁ ପଏଂଟକୁ ବିସ୍ତାର କରି ବୁଝେଇଥିଲେ। ସେ କହିଲେ ଯେ ପିଲା ମୁହଁଖୋଲିବେ ଇଂରାଜୀ କହିବେ। ପରେ ପରେ ତାଲିମ ଶିବିରରେ ଏ.ଡି.ଡବ୍ଲ.ଓ. ମାଲକାନଗିରି ଯୋଗଦେଇ, ତାଲିମର ବହୁତ ପ୍ରସଂଶା କରିଥିଲେ। ଆଶା ଏହା ମାଲକାନଗିରି ଜିଲ୍ଲାର ଇଂରାଜୀ ଶିକ୍ଷାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ।

# କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଯିବା ରାସ୍ତା ଜାମ

କେନ୍ଦୁଝର/ଘଟଗାଁ, ୦୭/୧୧ (ନି.ପ୍ର): କେନ୍ଦୁଝର ସହର ନିକଟସ୍ଥ ମୁଖ୍ୟ ଚିକିତ୍ସାଳୟକୁ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ଖୋଲାଯାଇଥିବା ବିଭିନ୍ନ ଦୋକାନ ଗୁଡିକ ନିଜ ନିଜ ଦୋକାନ ସମ୍ମୁଖରେ ନିଜ ନିଜ ଦୋକାନକୁ ଆସୁଥିବା ଲୋକମାନଙ୍କର ଯାନ ଗୁଡିକ ଲାଗି ପାର୍କିଙ୍ଗର ବ୍ୟବସ୍ଥା ନକରି ଯିଏ ଯେଉଁଠି ପାରିଲା ଜଳଖିଆ, ପାନ, ଚା, ଔଷଧ, ପାଥୋଲାବ, କ୍ଲିନିକ, ମାନ ଖୋଲି ବ୍ୟବସାୟର ପସରା ମେଲାଇଛନ୍ତି। ଯାହାଫଳରେ ଉକ୍ତ ଦୋକାନକୁ ଆସୁଥିବା ଲୋକ ମାନେ ଦୋକାନ ନିକଟସ୍ଥ ରାସ୍ତାର ଉଭୟ ପାର୍ଶ୍ୱରେ ନିଜ ନିଜ ଛୋଟ ବଡ ଯାନ ଗୁଡିକୁ ଘଂଟା ଘଂଟା ଧରି ପାର୍କିଂ କରୁଛନ୍ତି। ଉକ୍ତ ବ୍ୟସ୍ତ ବହୁଳ ରାସ୍ତା ପ୍ରତ୍ୟହ ଦିନ ୧୦ ଟା ଓ ୪ ଟା ସମୟ ରାସ୍ତା ଜାମ ଲାଗିରହୁଛି। ଦୋକାନି ମାନଙ୍କର ଏଭଳି ବେପାରୁଆ ଦୋକାନର ପସରା ସାଙ୍ଗକୁ ରାସ୍ତା ଉପରେ ଗାଇ ଗୋରୁ ମାନଙ୍କର ବିଚରଣ ଓ ବିଶ୍ରାମ ଯୋଗୁଁ ଉକ୍ତ ଚଳଚଂଚଳ ରାସ୍ତାରେ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ପଥଚାରି, ଡାକ୍ତରଖାନାକୁ ଆସୁଥିବା ରୋଗୀ, ଆମ୍ବୁଲାନ୍ସ ଓ ସ୍କୁଲ ପିଲାମାନଙ୍କ ପାଇଁ ନାହିଁଥିବା ଅସୁବିଧା ସୃଷ୍ଟି ହେଉଛି, ଯାହାକି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି।

# ପୁଅ ମୃତ୍ୟୁର କେଇଘଂଟା ପରେ ମା'ର ମୃତ୍ୟୁ

ବଲାଙ୍ଗୀର, ୦୭/୧୧ (ନି.ପ୍ର): ପୁଅ ମୃତ୍ୟୁର କେଇ ଘଂଟା ପରେ ମା'ର ମରଣ ହେବା ଓ ଗୋଟିଏ ଜୁଇରେ ଉଭୟ ମା' ଓ ପୁଅଙ୍କ ଶବ ସତ୍କାର କରାଯିବା ଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଲୁଚକିବାହାଲ ଗ୍ରାମରେ। ଲୋଇସିଂହା ବ୍ଲକ ଝାରମୁଣ୍ଡା ପଂଚାୟତ ଲୁଚକିବାହାଲ ଗ୍ରାମର ଭକ୍ତବନ୍ଧୁ ସାହୁ(୩୫) କିଛିଦିନ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ଥାଇ ଚିକିତ୍ସାଧୀନ ଥିଲେ। ଗତକାଲି ସନ୍ଧ୍ୟାରେ ଭକ୍ତଙ୍କ ଅବସ୍ଥା ଗୁରୁତର ହେବା ସହିତ ତାଙ୍କର ପରଲୋକ ହୋଇଯାଇଥିଲା। ଘରେ ଥିଲେ ବିଧବା ମାଆ ରୁକ୍ମଣୀ(୬୫), ସ୍ତ୍ରୀ ରାଜଶ୍ରୀ(୩୨) ଓ ତିନି ପୁଅ। ତିନି ପୁଅଙ୍କ ମଧ୍ୟରୁ ଜଣକର ବୟସ ୩ ବର୍ଷ ଏବଂ ଆଉ ୨ଜଣ ଯମଜ ସନ୍ତାନ(୨ ବର୍ଷ)। ଏଭଳି ସ୍ଥିତିରେ ନିଜକୁ ସମ୍ଭାଳି ପାରି ନଥିଲେ ମାଆ ରୁକ୍ମଣୀ। ସ୍ୱାମୀଙ୍କ ମୃତ୍ୟୁ ପରେ ଏକମାତ୍ର ପୁଅର ଭେଣ୍ଡା ବୟସରେ ଅକାଳ ବିୟୋଗ ଘଟଣାରେ ମ୍ରିୟମାଣ ହୋଇପଡ଼ିଥିବା ରୁକ୍ମିଣୀଙ୍କ ମଧ ଆଜି ସକାଳେ ହୃଦଘାତରେ ପରଲୋକ ହୋଇଯାଇଛି। ସାହିପଡ଼ିଶା ତଥା ଜ୍ଞାତି କୁଟୁମ୍ବଙ୍କ ସହଯୋଗ କ୍ରମେ ଉଭୟ ମା' ଓ ପୁଅଙ୍କ ମୃତଦେହକୁ ଆଜି ଗୋଟିଏ ଜୁଇରେ ଦାହ ସଂସ୍କାର କରାଯିବା ଘଟଣା ବେଶ ହୃଦୟ ବିଦାରକ ଥିଲା। ଏପଟେ ସ୍ୱାମୀଙ୍କ ଅକାଳ ମୃତ୍ୟୁପରେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି ରାଜଶ୍ରୀ। ୩ଟି ଶିଶୁଙ୍କୁ ନେଇ ସ୍ୱାମୀ ତଥା ଶାଶୁଙ୍କ ଶୁଦ୍ଧିକ୍ରିୟା କରାଯିବା ସହିତ ପରିବାର ଚଳାଇବା ଚିନ୍ତାରେ ରାଜଶ୍ରୀ। ଜିଲ୍ଲା ପ୍ରଶାସନ ଏହି ପ୍ରଭାବିତ ପରିବାର ପ୍ରତି ଉପଯୁକ୍ତ ଦୃଷ୍ଟିଦେଇ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

# ଭୁବନରେ ମା' କାଳୀଙ୍କ ଭସାଣି ଯାତ୍ରା

ଭୁବନ, ୦୭/୧୧ (ନି.ପ୍ର): ଭୁବନ ସିନେମା ହଲ ଛକ ଓ କାଳୀ ବଜାରରେ ଗତ ଗୁରୁବାର ରାତିରୁ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଆଜି ସନ୍ଧ୍ୟାରେ ବାଜା ବାଣରେ ମା କାଳୀଙ୍କ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଛି । ମ୍ୟୁଜିକ ଗ୍ରୁପ୍, ଭାଙ୍ଗଡା ବାଜା ସାଙ୍ଗକୁ ଲଉଡି ବାଡି ଖେଳ ଗହଣରେ ମା କାଳୀଙ୍କୁ ବିଦାୟ ଦେଉଛନ୍ତି । ସିନେମା ହଲ କାଳୀ ପୂଜା କମିଟି ସଭାପତି ସନ୍ତୋଷ କୁମାର ପୋଥାଳଙ୍କ ତତ୍ୱାବଧାନରେ ରବି ନାରାୟଣ ସାହୁ, ଧନେଶ୍ୱର ଦାସ,ସନାତନ ପାତ୍ର,ଅଜିତ ନନ୍ଦୀ, ଟିଟୁ ଦାସ, ଲୋକନାଥ ପାତ୍ର, ସମରସେନ୍ ନାୟକ, ଗୋପାଳ ନାୟକ, ପର୍ଶୁରାମ ପୋଥାଳ, ସଦାନନ୍ଦ ନାୟକ, ମନୋଜ ପୋଥାଳ ପ୍ରମୁଖ ଭସାଣି ଯାତ୍ରାରେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି । ଅନୁରୂପ ଭାବେ କାଳୀ ବଜାର ବଣିକ ସଂଘ ସଭାପତି ସମୀର କୁମାର ସାହୁଙ୍କ ନେତୃତ୍ୱରେ ବଣିକ ସଂଘ କର୍ମକର୍ତ୍ତା ଓ ବ୍ୟବସାୟୀ ଭାଇ ମାନେ ଭସାଣି ଯାତ୍ରାରେ ସାମିଲ ହୋଇଛନ୍ତି ।

# ବିଧାୟକଙ୍କ ଦ୍ୱାରା ପ୍ଲାଷ୍ଟିକ କ୍ରେଟ ବିତରଣ କାର୍ଯ୍ୟକ୍ରମ

ଜୟପୁର, ୦୭/୧୧ (ନି.ପ୍ର): କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ଡାମଣା ହାଣ୍ଡି ଗ୍ରାମପଂଚାୟତ ଅନ୍ତର୍ଗତ ବାଟକୁହୁଡି ଗାଁ ରେ ଥିବା ଉଦ୍ୟାନ ବିଭାଗରେ ପ୍ଲାଷ୍ଟିକ କ୍ରେଟ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ରୁପୁ ଭତରା ଯୋଗଦେଇ ଆଳୁ, ଲେମ୍ବୁ, ଆମ୍ବ, ବିଭିନ୍ନ ପ୍ରକାର ପନିପରିବା ଓ ଫଳ ଚାଷ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ସହକାରୀ ଉଦ୍ୟାନ ଅଧିକାରୀ ବିଜୟ କୁମାର ମାହୁନ୍ତ ସମସ୍ତ ବିହନର ରିହାତି ଏବଂ ସଂରକ୍ଷଣ ବିଷୟରେ ଆଲୋକପାତ କରିଥିଲେ। ଆଳୁ ବିହନ ମଧ ରିହାତି ଦରରେ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ବ୍ଲକ ଅଧକ୍ଷା କମଳା ଭତରା, ଉପାଧ୍ୟକ୍ଷ ତପନ ପାଣିଗ୍ରାହୀ, ସରପଂଚ ଦିନମଣି ରନ୍ଧାରୀ, ଡଃ. ବିଶ୍ୱଜିତ, ଡଃ. ସତ୍ୟବ୍ରତ ସାମନ୍ତ, ମହମ୍ମଦ ସଲିମ, ରଞ୍ଜିତ କୁମାର ପଟ୍ଟନାୟକ, ସୀତାରାମ ନାୟକ, ଗୁପ୍ତ ଚନ୍ଦ୍ର ମାଝୀ, ଲଖମଣ ରାଉଳ, ବିଜୟ କୁମାର ମଲିକଙ୍କ ସମେତ ଏମ ବି କେ. ସି ଆର ପି. କୃଷି ମିତ୍ରଙ୍କ ସମେତ ଦୁଇ ଶହରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ଯୋଗ ଦେଇଥିବାର ଜଣାଯାଇଛି। ରାଜ୍ୟ ଯୋଜନାରେ ଅମଳ ପରବର୍ତ୍ତୀ ଯତ୍ନ ପାଇଁ ରିହାତି ଦରରେ ପ୍ଲାଷ୍ଟିକ କ୍ରେଟ ବିତରଣ କରାଯାଇଥିଲା।

# ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ କେନ୍ଦ୍ରାପଡ଼ା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୦୭/୧୧ (ନି.ପ୍ର): ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ କେନ୍ଦ୍ରାପଡ଼ା ମହୋତ୍ସବ ଆସନ୍ତା ଡିସେମ୍ବର ମାସ ୨୦ ତାରିଖ ସ୍ୱୟଂଶାସିତ ମହା ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ବିକାଶ ମେଳାରେ ଯେପରି ସମସ୍ତଙ୍କ ସହଯୋଗ ଓ ଆନ୍ତରିକ ଯୋଗୁଁ ସଫଳ ହୋଇ ପାରିବ ସେହିଭଳି ସମସ୍ତ ସରକାରୀ ବିଭାଗୀୟ ଅଧିକାରୀମାନେ ପଲ୍ଲିଶ୍ରୀ ମେଳାରେ ନିଜେ ନିଜର ଷ୍ଟଲ କରି ଏହାକୁ ସଫଳ କରିବେ। ସ୍ୱୟଂ ସହାୟକ ଗୋଷ୍ଠୀର ସ୍ୱଉତ୍ପାଦିତ ସାମଗ୍ରୀ ଗୁଡିକୁ ବିକ୍ରି କରାଯିବ । ସେମାନଙ୍କ ଆର୍ଥିକ ମାନଦଣ୍ଡ କିପରି ସୁଦୃଢ ହେବ ସେଥିପାଇଁ ରାଜ୍ୟ ସରକାରଙ୍କର ଏହା ଏକ ପ୍ରୟାସ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ସ୍ୱୟଂ ସହାୟିକା ଗୋଷ୍ଠୀ ଗ୍ରୁପମାନେ ସେମାନଙ୍କ ଦ୍ରବ୍ୟଗୁଡିକ ଏହି ମେଳାରେ ବିକ୍ରି କରିବାର ସୁଯୋଗ ପାଇବେ, ଏହି ମେଳାରେ ଓରମାସ, କୃଷି, ମତ୍ସ୍ୟ, ଓଦ୍ୟାନ କୃଷି, ପଶୁ ଚିକିତ୍ସା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ବିଭାଗର ୨୦୦ ରୁ ଉର୍ଦ୍ଧ୍ୱ ଷ୍ଟଲ ପ୍ରଦର୍ଶନ କରାଯିବ। ଶ୍ରେଷ୍ଠ ବିବେଚିତ ଷ୍ଟଲକୁ ପୁରସ୍କାର ପ୍ରଦାନ କରାଯିବ। ଏହି ମେଳାରେ ଜିଲ୍ଲା ବାହାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବୈଠକରେ ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା କୃଷି ଅଧିକାରୀ କଲ୍ୟାଣ କୁମାର ରାୟ, ସିଏସ୍‌ଓ ଶ୍ରୀନିବାସ ସାହୁଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ଗଣିତ ବିଭାଗର ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା, ୦୭/୧୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ଗଣିତ ବିଭାଗ ଆନୁକୁଲ୍ୟରେ "ନ୍ୟୁମରିକାଲ୍ ଆନାଲିସିସ୍" ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଗଣିତ ବିଭାଗର ପୂର୍ବତନ ସହଯୋଗୀ ପ୍ରଫେସର୍ ଡ଼ ନବଘନ ସାମଲ ଏବଂ ପୂର୍ବତନ ପ୍ରଫେସର୍ ବିଜୟ କୁମାର ଦାସ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ "ନ୍ୟୁମରିକାଲ୍ ଆନାଲିସିସ୍"ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦନ କରିଥିଲେ। ବିଭାଗର ମୂଖ୍ୟା ପ୍ରାଧ୍ୟାପିକା ଜ୍ୟୋସ୍ନାମୟୀ ପତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଇ.କ୍ୟୁ.ଏସିର ସଂଯୋଜକ ଡ଼ ମଥୁରୀ ଚରଣ ନାୟକ ଆଲୋଚନା ଚକ୍ରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ନିବେଦିତା ନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପକ ରାଜେନ୍ଦ୍ର କୁମାର ସାହୁ, ରଞ୍ଜିତ୍ ଦାସ, ବ୍ରହ୍ମାନନ୍ଦ ସେଠୀ, ମୋହିତ୍ ମହାପାତ୍ର, ଅଧାପିକା ପ୍ରଜ୍ଞାପାରମିତା ପଣ୍ଡା, ଲିପିକା ରାଉତ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହା ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରୀ ଓ ମହା ବିଦ୍ୟାଳୟର ଅଧାପକ, ଅଧାପିକା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# କେନ୍ଦୁଝରଠାରେ ଆଂଚଳିକ ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ

କେନ୍ଦୁଝର, ୦୭/୧୧ (ନି.ପ୍ର): କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ନଭେମ୍ବର ୧୦ ଓ ୧୧ ତାରିଖରେ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଦୁଇଦିନିଆ 'ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟ ସମ୍ମିଳନୀ' ଆୟୋଜିତ ହେବ। ଏଥିରେ 'ଓଡ଼ିଶାର ଶ୍ରୀ ଅନ୍ନ ଓ କୃଷି ଐତିହ୍ୟ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରାଯିବା ସହ ଖାଦ୍ୟ ନିରାପତା ତଥା ଚିରନ୍ତନ କୃଷି ପଦ୍ଧତି ଏବଂ ବିସ୍ମୃତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରୋତ୍ସାହନ ଦିଆଯିବ। ଏହାର ଅବ୍ୟବହିତ ପୂର୍ବରୁ କେନ୍ଦୁଝର ସ୍ଥିତ ଟାଉନ ଅଡିଟୋରିଅମଠାରେ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ସାଂସଦ କେନ୍ଦୁଝର ଅନନ୍ତ ନାୟକଙ୍କ ଦ୍ୱାରା ଉଦଘାଟିତ ଏହି ସମ୍ମିଳନୀରେ ଜିଲ୍ଲାପରିଷଦ କେନ୍ଦୁଝରର ଅଧକ୍ଷା ସାଗରିକା ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, କେନ୍ଦୁଝର ଶ୍ରୀ ପର୍ଶୁରାମ ବେହେରା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଅନୁଗୁଳ ପ୍ରଶାନ୍ତ କୁମାର ମହାନ୍ତି ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ସୌମେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ। ମୁଖ୍ୟ ଅତିଥି ନିଜ ଅଭିଭାଷଣ ରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ଐତିହ୍ୟ ସହିତ ଜଡ଼ିତ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟକୁ ଆଲୋକିତ କରିବା ସହ ଆମ ଐତିହ୍ୟ ସହ ଜଡ଼ିତ ଖାଦ୍ୟକୁ ଆମ ଦୈନନ୍ଦିନ ଜୀବନରେ ଆପଣାଇବା ପାଇଁ ଆହ୍ୱାନ କରିଥିଲେ। ସୁନ୍ଦରଗଡ, ଅନୁଗୋଳ, ମୟୂରଭଞ୍ଜ ଏବଂ କେନ୍ଦୁଝରର ଜିଲ୍ଲା ର ଚାଷୀ ଭାଇ ଓ ଭଉଣୀ ମାନେ, ମହିଳା ସ୍ୱୟଂ ସହୟିକା ଗୋଷ୍ଠୀ ସଦସ୍ୟା, ଉଦ୍ୟୋଗୀ, ସ୍କୁଲ ଛାତ୍ର ଓ ଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ । ମିଲେଟ ରଥର ଉଦଘାଟନ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଚାଷୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏତଦବ୍ୟତୀତ ବିଭାଗୀୟ ଷ୍ଟଲରେ ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟ ପ୍ରଦର୍ଶନୀ, ସ୍ୱୟଂ ସହୟିକା ଗୋଷ୍ଠୀ ଦ୍ୱାରା ଖାଦ୍ୟ ପ୍ରସ୍ତୁତି, ପୃଷ୍ଟି ଶସ୍ୟ ଶୀର୍ଷକ କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା, କଳା ନାଟକ, ନୃତ୍ୟ, କବିତା ପଠନ, ଛାତ୍ର ଛାତ୍ରୀ ଏବଂ କଳାକାର ଗୋଷ୍ଠୀ ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ୱାର୍ଲ୍ଡ ଟୁରିଜିମ ମାର୍କେଟ(ଡବ୍ଲୁଟିଏମ)ରେ ଝଲସିଲା ଓଡ଼ିଶା ପର୍ଯ୍ୟଟନ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ବିଶ୍ୱ ଦରବାରରେ ଓଡ଼ିଶା ପର୍ଯ୍ୟଟନକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଲଣ୍ଡନ ଏକ୍ସେଲ ସେଂଟରରେ ଅନୁଷ୍ଠିତ ୱାର୍ଲ୍ଡ ଟୁରିଜିମ ମାର୍କେଟ(ଡବ୍ଲୁଟିଏମ)-୨୦୨୪ରେ ଓଡ଼ିଶା ପାଭିଲିୟନକୁ ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ୟୁନାଇଟେଡ କିଙ୍ଗଡମ୍‌ର ଭାରତୀୟ ହାଇ-କମିଶନର ଶ୍ରୀ ବିକ୍ରମ ଦୋରାଇସ୍ୱାମୀଙ୍କ ସହ ତେଲେଙ୍ଗନା ରାଜ୍ୟର ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଜୁପଲି କ୍ରୀଷ୍ଣା ରାଓ ଓ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରାଳୟର ମହାନିର୍ଦ୍ଦେଶକା ଶ୍ରୀମତୀ ମୁଗ୍ଧା ସିହ୍ନା ମଧ ଉପସ୍ଥିତ ଥିଲେ । ୱାର୍ଲ୍ଡ ଟୁରିଜିମ ମାର୍କେଟ (ଡବ୍ଲୁଟିଏମ)- ୨୦୨୪ରେ ଓଡ଼ିଶା ପାଭିଲିୟନକୁ ଉଦ୍‌ଘାଟନ କରିବା ନିମନ୍ତେ ୱାର୍ଲ୍ଡ ଟୁରିଜିମ ମାର୍କେଟ(ଡବ୍ଲୁଟିଏମ)- ୨୦୨୪ରେ ଶ୍ରୀମତୀ ପରିଡାଙ୍କୁ ସମ୍ମାନିତ କରାଯାଇଥିଲା । ଏହା ସହ ଶ୍ରୀମତୀ ପରିଡା ଅନ୍ୟ ପ୍ରତିଷ୍ଠିତ ରାଜ୍ୟର ପର୍ଯ୍ୟଟନ ପାଭିଲିୟନକୁ ମଧ ପରିଦର୍ଶନ କରିଥିଲେ । ଓଡ଼ିଶା ପର୍ଯ୍ୟଟନର ବିକାଶ ନିମନ୍ତେ ଶ୍ରୀମତୀ ପରିଡାଙ୍କ ନେତୃତ୍ୱରେ ଲଣ୍ଡନ ଗସ୍ତ କରିଥିବା ଉଚ୍ଚସ୍ତରୀୟ ପ୍ରତିନିଧିବୃନ୍ଦ ୟୁକେସ୍ଥିତ ପ୍ରମୁଖ ନିବେଶକ, ଅଂଶୀଦାର ଓ ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ବୈଠକରେ ପ୍ରତିନିଧିବୃନ୍ଦ ଇନ୍ଦସ୍ ଏକ୍ସପେରିଏନ୍ସର ନିର୍ଦ୍ଦେଶକ ମିଷ୍ଟର ୟାଶୀନ ଜାରଗରଙ୍କ ସହ ୟୁକେ ମାର୍କେଟରେ ଓଡ଼ିଶା ପର୍ଯ୍ୟଟନର ବିକାଶକୁ ପ୍ରୋତ୍ସାହିତ କରିବା ବିଷୟରେ ଆଲୋଚନା କରାଯାଇଥିଲା । ଏହା ସହ ସିଗ୍ନେଚର ହସ୍ପିଟାଲିଟି ଗ୍ରୁପର ପ୍ରତିଷ୍ଠାତା ଓ ସିଇଓ ଶ୍ରୀ ରମେଶ ଅରୋରାଙ୍କ ସହ ଓ ପିଆଇଓ ଚାମ୍ବର ଅଫ କମର୍ସ୍ ଆଣ୍ଡ ଇଣ୍ଡଷ୍ଟ୍ରୀ(ପିଆଇଓସିସିଆଇ)ର ସେକ୍ରେଟାରୀ ଓ ଇଂଟରନାସନାଲ କୋଡିନେଟର ତଥା ପିଆଇଓ ଟିଭିର ଚେୟାରମ୍ୟାନ, ମ୍ୟାନେଜିଂ ଡାଇରେକଟର ଶ୍ରୀ ମନୀଷ ଗୁପ୍ତାଙ୍କ ସହ ମଧ ପ୍ରତିନିଧିବୃନ୍ଦ ଆଲୋଚନା କରିଥିଲେ । ଆଲୋଚନାରେ ବିଶେଷ କରି ପର୍ଯ୍ୟଟନ ବିଭାଗର ପୁନଃବିକାଶ ଓ ବିଭାଗ ଅଧିନସ୍ଥ ସମ୍ପତ୍ତି ପାଇଁ ପୁଞ୍ଜିନିବେଶ, ୟୁରୋପିୟାନ ବଜାରରେ ଓଡ଼ିଶାର ପର୍ଯ୍ୟଟନର ଲୋକାଦୃତି ବୃଦ୍ଧି ଓ ଆତିଥ୍ୟ କ୍ଷେତ୍ରରେ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଲଣ୍ଡନର ଅଗ୍ରଣୀ ଗଣମାଧ୍ୟମ ସଂସ୍ଥା ସ୍କାଏ ନ୍ୟୁଜ ଏବଂ ଏନ୍‌ବିସି ଚ୍ୟାନେଲ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ସାକ୍ଷାତକାର ମଧ ନେଇଥିଲେ । ଏହି ସାକ୍ଷାତକାରରେ ଶ୍ରୀମତୀ ପରିଡା ଓଡ଼ିଶାରେ ପର୍ଯ୍ୟଟନର ଅପାର ସମ୍ଭାବନା ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ନୀତି ବିଷୟରେ ତଥ୍ୟ ରଖିଥିଲେ । ଡବ୍ଲୁଟିଏମ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଉପସ୍ଥିତ ଅନ୍ତର୍ଜାତୀୟ ଗଣମାଧ୍ୟମ ପ୍ରତିନିଧି, ଶିଳ୍ପପତି, ନିବେଶକ ଏବଂ ପ୍ରମୁଖ ପ୍ରତିନିଧିବୃନ୍ଦଙ୍କୁ ସମ୍ବୋଧନ କରି କହିଲେ ଯେ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧ ପରମ୍ପରା ସମସ୍ତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ୟୁକେ ଓ ୟୁରୋପିଆନ ପର୍ଯ୍ୟଟନର ଅଂଶୀଦାର ଓ ନିବେଶକମାନଙ୍କୁ ଓଡ଼ିଶା ପର୍ଯ୍ୟଟନରେ ପୁଞ୍ଜିନିବେଶ କରିବା ପାଇଁ ଆମେ ଆଶାବାଦୀ ଅଛୁ । ଓଡ଼ିଶାର ସଂସ୍କୃତିକୁ ପ୍ରୋତ୍ସାହିତ କରି ଓଡ଼ିଶା ସହ ଆଉଥରେ ଯୋଡିହବା ପାଇଁ ଜାନୁଆରୀ ୮-୧୦ରେ ଓଡ଼ିଶାରେ ଅନୁଷ୍ଠିତ ହବାକୁ ଥିବା ପ୍ରବାସୀ ଭାରତୀୟ ଦିବସରେ ଯୋଗ ଦେବା ପାଇଁ ଶ୍ରୀମତୀ ପରିଡା ୟୁକେରେ ଅବସ୍ଥିତ ପ୍ରବାସୀ ଓଡିଆମାନଙ୍କୁ ନିମନ୍ତ୍ରଣ କରିଛନ୍ତି । ଓଡ଼ିଶାର ପ୍ରତିନିଧିବୃନ୍ଦ ଏସ୍‌ଆଇଟିଏ, ଇଣ୍ଡିଆର ମ୍ୟାନେଜିଂ ଡାଇରେକଟର ଓ ଫିକି ଟୁରିଜିମ ସବ-କମିଟିର ଅଧକ୍ଷ ଶ୍ରୀ ଦୀପକ ଦେଭାକୁ ମଧ ସାକ୍ଷାତ କରିଥିଲେ । ଓଡ଼ିଶାର କିଛି ବିଶେଷ ପର୍ଯ୍ୟଟନ ସ୍ଥାନମାନଙ୍କୁ ବିଶ୍ୱସ୍ତରର ମାନ୍ୟତା ଦେବା ସହ ଓଡ଼ିଶାର ସୃଜନଶୀଳକୁ ପ୍ରୋତ୍ସାହିତ କରିବାକୁ ସମସ୍ତ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହା ସହ ପ୍ରତିନିଧିବୃନ୍ଦ ପ୍ରମୁଖ ବିବାହ ପର୍ଯ୍ୟଟନ ଶିଳ୍ପ ୱେଡିଂଲାଇନ ଇଭେଂଟସ୍ ଆଣ୍ଡ ହସ୍‌ପିଟାଲିଟିର ଏମ୍‌ଡ଼ି ଶ୍ରୀ ଚେତନ ବୋହୋରାଙ୍କ ସହ ଓଡ଼ିଶାରେ ବିବାହ ପର୍ଯ୍ୟଟନ ଶିଳ୍ପର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ସନ୍ଧ୍ୟାରେ, ପ୍ରତିନିଧିବୃନ୍ଦ ଏକ ଗୋଲଟେବୁଲ ବୈଠକରେ ୧୭ଟି ୱେଡିଂ ଓ ଇଭେଂଟ ପ୍ଲାର୍ନଙ୍କ ସହ ଆଲୋଚନା କରିଥିଲେ । ଏହି ଆଲୋଚନରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଶ୍ରୀ ସମର୍ଥ ବର୍ମା ଓଡ଼ିଶାର ପର୍ଯ୍ୟଟନ ସୁଯୋଗ, ଭିତ୍ତିଭୂମିର ଉପଲବ୍ଧତା, ପର୍ଯ୍ୟଟନ ସମ୍ଭାବନା ଓ ବିବାହ ପର୍ଯ୍ୟଟନ ଏବଂ ପର୍ଯ୍ୟଟନ ବିକାଶ ପାଇଁ ସଭା-ପ୍ରୋତ୍ସାହନ-ସମ୍ମିଳନୀ ଓ ପ୍ରଦର୍ଶନୀ ଇତ୍ୟାଦିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।


# ବିଧାୟକଙ୍କ ଦ୍ୱାରା ପ୍ଲାଷ୍ଟିକ କ୍ରେଟ ବିତରଣ କାର୍ଯ୍ୟକ୍ରମ

ଜୟପୁର, ୦୭/୧୧ (ନି.ପ୍ର): କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ଡାମଣା ହାଣ୍ଡି ଗ୍ରାମପଂଚାୟତ ଅନ୍ତର୍ଗତ ବାଟକୁହୁଡି ଗାଁ ରେ ଥିବା ଉଦ୍ୟାନ ବିଭାଗରେ ପ୍ଲାଷ୍ଟିକ କ୍ରେଟ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ରୁପୁ ଭତରା ଯୋଗଦେଇ ଆଳୁ, ଲେମ୍ବୁ, ଆମ୍ବ, ବିଭିନ୍ନ ପ୍ରକାର ପନିପରିବା ଓ ଫଳ ଚାଷ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ସହକାରୀ ଉଦ୍ୟାନ ଅଧିକାରୀ ବିଜୟ କୁମାର ମାହୁନ୍ତ ସମସ୍ତ ବିହନର ରିହାତି ଏବଂ ସଂରକ୍ଷଣ ବିଷୟରେ ଆଲୋକପାତ କରିଥିଲେ। ଆଳୁ ବିହନ ମଧ ରିହାତି ଦରରେ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ବ୍ଲକ ଅଧକ୍ଷା କମଳା ଭତରା, ଉପାଧ୍ୟକ୍ଷ ତପନ ପାଣିଗ୍ରାହୀ, ସରପଂଚ ଦିନମଣି ରନ୍ଧାରୀ, ଡଃ. ବିଶ୍ୱଜିତ, ଡଃ. ସତ୍ୟବ୍ରତ ସାମନ୍ତ, ମହମ୍ମଦ ସଲିମ, ରଞ୍ଜିତ କୁମାର ପଟ୍ଟନାୟକ, ସୀତାରାମ ନାୟକ, ଗୁପ୍ତ ଚନ୍ଦ୍ର ମାଝୀ, ଲଖମଣ ରାଉଳ, ବିଜୟ କୁମାର ମଲିକଙ୍କ ସମେତ ଏମ ବି କେ. ସି ଆର ପି. କୃଷି ମିତ୍ରଙ୍କ ସମେତ ଦୁଇ ଶହରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ଯୋଗ ଦେଇଥିବାର ଜଣାଯାଇଛି। ରାଜ୍ୟ ଯୋଜନାରେ ଅମଳ ପରବର୍ତ୍ତୀ ଯତ୍ନ ପାଇଁ ରିହାତି ଦରରେ ପ୍ଲାଷ୍ଟିକ କ୍ରେଟ ବିତରଣ କରାଯାଇଥିଲା।


# ଟ୍ରକ୍ -ବାଇକ୍ ଧକ୍କାରେ ଜଣେ ମୃତ: ଜଣେ ଗୁରୁତର

ଚମ୍ପୁଆ, ୦୭/୧୧ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ ରଘୁଆଳ ସାହି ନିକଟରେ ବାଇକକୁ ଏକ ଟ୍ରକ ଧକ୍କା ଦେବାରୁ ବାଇକରେ ଯାଉଥିବା ଦୁଇ ଜଣଙ୍କ ମଧ୍ୟରୁ ଜଣେ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ନିକଟସ୍ଥ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଯୋଡ଼ା ଭୁୟାଁ ବସ୍ତିର ଚକ୍ର ମୁଣ୍ଡା ଓ ଅମିୟ ନାଏକ ବାଇକ ଯୋଗେ ରିମୁଳିରୁ ଯୋଡ଼ା ଯାଉଥିବା ବେଳେ ଯୋଡ଼ା ପଟୁ ଆସୁଥିବା ଏକ ଟ୍ରକ ସେମାନଙ୍କୁ ନାରଦପୁର ରଘୁଆଳସାହି ନିକଟରେ ଧକ୍କା ଦେବାରୁ ଘଟଣାସ୍ଥଳରେ ଅମିୟ ନାଏକ ମୃତ୍ୟୁ ବରଣ କରିଥିବା ବେଳେ ଗୁରୁତର ଅବସ୍ଥାରେ ଚକ୍ରଙ୍କୁ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ମାତ୍ର ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ରିମୁଳି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ତେବେ ଖବର ଅନୁସାରେ ବାସୁଦେବପୁର ଠାରୁ ନାରଦପୁର ଯାଏଁ ରାସ୍ତା ମରାମତି କାର୍ଯ୍ୟ ଚାଲୁ ରହିଥିବା ବେଳେ ଗୋଟିଏ ପାର୍ଶ୍ୱ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ କରାଯାଇ ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱରେ ଗାଡ଼ି ଚଳାଚଳ ପାଇଁ ଛଡ଼ା ଯାଇଥିବାରୁ ଏହି ଦୁର୍ଘଟଣା ଘଟିଛି।

# ଶୀତଦିନେ କିପରି ପାଳିବେ ଶିଶୁ; ପିଲାଙ୍କୁ ସୁସ୍ଥ ରଖିବା ପାଇଁ ଜାଣନ୍ତୁ ୫ଟି ଟିପ୍ସ



ଶିଶୁଙ୍କ ଭବିଷ୍ୟତକୁ ସୁରକ୍ଷା ଦେବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ତେବେ ଗୋଟେ ଛୋଟ ପିଲାକୁ ପାଳି ମଣିଷ କରିବା ସହଜ କଥା ନୁହେଁ। ଏଥିପାଇଁ ବାପାମାଆଙ୍କୁ ଅନେକ କଷ୍ଟ କରିବାକୁ ପଡେ। ଅନେକ ବାପାମାଆ ଏ ଦିଗରେ ଯତ୍ନବାନ ହୋଇଥିବା ବେଳେ କେତେକ ଏହାକୁ ଅଣଦେଖା ମଧ କରିଥାନ୍ତି। କୁହାଯାଏ 'ଆଜିର ଶିଶୁ, କାଲିର ଭବିଷ୍ୟତ'। ତେଣୁ ଏହି ଭବିଷ୍ୟତକୁ ସୁରକ୍ଷା ଦେବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ତେବେ ଗୋଟେ ଛୋଟ ପିଲାକୁ ପାଳି ମଣିଷ କରିବା ସହଜ କଥା ନୁହେଁ। ଏଥିପାଇଁ ବାପାମାଆଙ୍କୁ ଅନେକ କଷ୍ଟ କରିବାକୁ ପଡେ। ଅନେକ ବାପାମାଆ ଏ ଦିଗରେ ଯତ୍ନବାନ ହୋଇଥିବା ବେଳେ କେତେକ ଏହାକୁ ଅଣଦେଖା ମଧ କରିଥାନ୍ତି। ସେଥିପାଇଁ ପ୍ରତିବର୍ଷ ୭ ନଭେମ୍ବରରେ 'ଶିଶୁ ସୁରକ୍ଷା ଦିବସ' ପାଳନ କରାଯାଏ। ନବଜାତ ଶିଶୁର ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସେମାନଙ୍କର ଉପଯୁକ୍ତ ଯତ୍ନ ନେବା ଏକମାତ୍ର ଉଦ୍ଦେଶ୍ୟ ସହିତ ଏହି ଦିନ ପାଳନ କରାଯାଏ।



ଏହି ଦିନଟି ଅସୁରକ୍ଷିତ ବିକାଶ ପର୍ଯ୍ୟାୟରେ ଛୋଟ ପିଲାମାନଙ୍କୁ କିପରି ସୁରକ୍ଷା ଏବଂ ପୋଷଣ କରାଯିବ ସେ ବିଷୟରେ ଆଲୋଚନା କରିବା ପାଇଁ ସ୍ଥିର କରାଯାଇଛି।

<u>ମହତ୍ତ୍ୱ:</u> 'ଶିଶୁ ସୁରକ୍ଷା ଦିବସ' ପାଳନ କରିବାର ମୁଖ୍ୟ କାରଣ ହେଉଛି ଶିଶୁମାନଙ୍କର ଜୀବନ ରକ୍ଷା ପାଇଁ ପଦକ୍ଷେପ ନେବା। ଏହି ଦିନ ଶିଶୁମାନଙ୍କର ନିରାପତ୍ତା ଏବଂ ପୁଷ୍ଟିକର ଖାଦ୍ୟ ବିଷୟରେ ସଚେତନତା ସୃଷ୍ଟି କରିବାକୁ ସରକାର ଆଶା ରଖିଛନ୍ତି। ପ୍ରତ୍ୟେକ ପିଲାଙ୍କୁ ସେମାନଙ୍କର ଶକ୍ତିଶାଳୀ ସ୍ୱାସ୍ଥ୍ୟ ଏବଂ ପ୍ରତିରୋଧକ ଶକ୍ତି ଯୋଗାଇବାକୁ ଚେଷ୍ଟା କରିବା ଏହି ଦିବସର ଲକ୍ଷ୍ୟ।

<u>ଇତିହାସ:</u>

ପ୍ରତିବର୍ଷ ୭ ନଭେମ୍ବରରେ ଆମେ 'ଶିଶୁ ସୁରକ୍ଷା ଦିବସ' ପାଳନ କରୁ। ଯଦିଓ ଏହି ଦିନର କୌଣସି ବିଶେଷ ଐତିହାସିକ ମହତ୍ତ୍ୱ ନାହିଁ।



ଶିଶୁ ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରଥମେ ୟୁରୋପୀୟ ଦେଶମାନଙ୍କ ଦ୍ୱାରା ଶିଶୁ ସୁରକ୍ଷା ଦିବସ ପ୍ରତିଷ୍ଠା ନେଇ ପ୍ରୟାସ କରାଯାଇଥିଲା। ୧୯୯୦ ରେ, ପ୍ରାୟ ୫୦ ଲକ୍ଷ ଶିଶୁ ସାରା ବିଶ୍ୱରେ ପ୍ରାଣ ହରାଇଥିଲେ। ଶିଶୁମାନଙ୍କର ସୁରକ୍ଷା ପ୍ରତି ସଚେତନତା ଅଭାବରୁ ଏଭଳି ହେବା ଯୋଗୁଁ ଏହି ଦିନଟି ପାଳନ କରିବାକୁ ସ୍ଥିର କରାଗଲା।

ଶିଶୁ ସୁରକ୍ଷା ଦିବସ ହେଉଛି ସାରା ବିଶ୍ୱରେ ଶିଶୁମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବାର ଏକ ସୁଯୋଗ।

<u>ଚଳିତ ବର୍ଷତ ଥିମ୍:</u>

ପ୍ରତ୍ୟେକ ଦିସବ ପାଳନ କରିବା ପାଇଁ ଏକ ଥିମ୍ ସ୍ଥିର ହୋଇଥାଏ। ପ୍ରତି ଏକ ନିର୍ଦ୍ଦିଷ୍ଟ ଥିମ୍‌କୁ ନେଇ ମଧ 'ଶିଶୁ ସୁରକ୍ଷା ଦିବସ' ପାଳନ ହୁଏ। ଚଳିତ ବର୍ଷର ଥିମ୍ ହେଉଛି "ନବଜାତ ଶିଶୁର ଯତ୍ନ ଏବଂ କିଛି ପ୍ୟାରେଣ୍ଟିଂ ଟିପ୍ସ ଦ୍ୱାରା ଶିଶୁ ମୃତ୍ୟୁହାର କମ କରିବା" ଉପରେ କେନ୍ଦ୍ରୀତ।



<u>ସ୍ନାନ:</u>

ନବଜାତ ଶିଶୁମାନଙ୍କୁ ସ୍ନାନ କରିବା ଜରୁରୀ କିନ୍ତୁ ଶୀତଦିନରେ ପ୍ରତିଦିନ ସ୍ନାନ ନ କରି ପ୍ରତି ଦୁଇ କିମ୍ବା ତିନି ଦିନରେ ସେମାନଙ୍କୁ ସ୍ନାନ କରିପାରିବେ।

<u>ତେଲ ମାଲିସ୍:</u>

ସ୍ନାନ କରିବା ପରେ ନବଜାତ ଶିଶୁର ଶରୀରକୁ ମାଲିସ୍ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଶରୀରକୁ ମସାଜ୍ କରିବା ପାଇଁ ଆପଣ ବାଦାମ, ନଡିଆ ତେଲ ଇତ୍ୟାଦି ବ୍ୟବହାର କରିପାରିବେ।

<u>ମଷ୍ଟରାଇଜ୍:</u>

ଶିଶୁର ଚର୍ମକୁ ମଷ୍ଟରାଇଜ୍ ରଖିବା ପାଇଁ ଦିନକୁ ଦୁଇଥର ମଷ୍ଟରାଇଜର ବ୍ୟବହାର କରନ୍ତୁ। ତେବେ ମଷ୍ଟରାଇଜର ବ୍ୟବହାର କରିବା ପୂର୍ବରୁ, ଡାକ୍ତରଙ୍କଠାରୁ ଅନୁମତି ନେବା ଜରୁରୀ।

<u>ଗରମ ପୋଷାକ ପିନ୍ଧାନ୍ତୁ:</u>

ଶୀତରୁ ରକ୍ଷା କରିବା ପାଇଁ ଶିଶୁକୁ ଗରମ ପୋଷାକ ପିନ୍ଧାଇବା ଉଚିତ।

<u>କମ୍ବଳ ଲଦନ୍ତୁ ନାହିଁ:</u>

ଥଣ୍ଡାର ଚକ୍କରରେ ପିଲା ଉପରେ ରେଜେଇ ଏବଂ କମ୍ବଳ ଲଦନ୍ତୁ ନାହିଁ। ପିଲାକୁ ଏପରି ଘୋଡାନ୍ତୁ ଯେପରି ସେ ସହଜରେ ଶ୍ୱାସ ନେଇ ପାରିବେ।

# ଶୀତଦିନେ ବାଛନ୍ତୁ ଏମିତି ଶାଢ଼ି; ଲାଗିବେ ଷ୍ଟାଇଲିସ୍, ଥଣ୍ଡାରୁ ମିଳିବ ରକ୍ଷା

**ମହିଳାମାନେ ମହଙ୍ଗା ଏବଂ ଷ୍ଟାଇଲିସ୍ ଏଥନିକ୍ କିମ୍ବା ପାର୍ଟି ପିନ୍ଧିବାକୁ ଅଧିକ ପସନ୍ଦ କରନ୍ତି, କିନ୍ତୁ ଥଣ୍ଡା କାରଣରୁ ସେମାନଙ୍କୁ ସ୍ୱିଟର କିମ୍ବା କୋଟ୍ ଇତ୍ୟାଦି ପିନ୍ଧିବାକୁ ପଡେ। ଏପରି ପରିସ୍ଥିତିରେ, ସୁନ୍ଦର ପୋଷାକ ସ୍ୱିଟର ତଳେ ଲୁଚି ରହିଯାଏ। କିଛି ଟିପ୍ସ ବିଷୟରେ ଜାଣନ୍ତୁ ଆପଣ ଷ୍ଟାଇଲିସ୍ ଶାଢି ପିନ୍ଧିପାରିବେ ଆଉ ଶୀତରୁ ମଧ ନିଜକୁ ରକ୍ଷା କରିପାରିବେ। ଧିରେ ଧିରେ ଶୀତ ପଡିବା ଆରମ୍ଭ ହୋଇଛି। ଅନେକ ପ୍ରାୟ ଶୀତକୁ ପସନ୍ଦ କରନ୍ତି। ଏହି ଋତୁରେ, ବିବାହ ଭୋଜିର ମଜା ଭିନ୍ନ କିଛି ହୋଇଥାଏ। କିନ୍ତୁ ଅତ୍ୟଧିକ ଥଣ୍ଡା ମହିଳାମାନଙ୍କ ପାଇଁ ଏକ ସମସ୍ୟା ହୋଇଯାଏ କାରଣ ଶୀତ ସମୟରେ ମହିଳାମାନେ ବିବାହ ଉତ୍ସବରେ ନିଜକୁ ଷ୍ଟାଇଲ୍ କରିବାକୁ ସକ୍ଷମ ହୁଅନ୍ତି ନାହିଁ। ପ୍ରକୃତରେ ମହିଳାମାନେ ମହଙ୍ଗା ଏବଂ ଷ୍ଟାଇଲିସ୍ ଏଥନିକ୍ କିମ୍ବା ପାର୍ଟି ପିନ୍ଧିବାକୁ ଅଧିକ ପସନ୍ଦ କରନ୍ତି, କିନ୍ତୁ ଥଣ୍ଡା କାରଣରୁ ସେମାନଙ୍କୁ ସ୍ୱିଟର କିମ୍ବା କୋଟ୍ ଇତ୍ୟାଦି ପିନ୍ଧିବାକୁ ପଡେ। ଏପରି ପରିସ୍ଥିତିରେ, ତାଙ୍କର ସୁନ୍ଦର ପୋଷାକ ସ୍ୱିଟର ତଳେ ଲୁଚି ରହିଯାଏ।**

**ଯଦି ନିଜର ଷ୍ଟାଇଲ୍‌କୁ ଦେଖେଇ ହେବା ପାଇଁ ସେମାନେ ଶୀତଦିନିଆ ପୋଷାକ ପିନ୍ଧନ୍ତି ନାହିଁ ତେବେ ସେ ଶୀତରରେ ଥରି ଥରି ଅସୁବିଧାର ସମ୍ମୁଖିନ ହୁଅନ୍ତି। ଏପରି ପରିସ୍ଥିତିରେ, ସମସ୍ତ ଫ୍ୟାଶନ୍ ମଧ ବେକାର ହୋଇଯାଏ। ତେଣୁ, ଶୀତଦିନେ ଯେକୌଣସି ଫଙ୍କସନ୍ ପାଇଁ ଶାଢି ପିନ୍ଧୁଥିବା ମହିଳାମାନେ ଫ୍ୟାଶନ୍ ଦୃଷ୍ଟିରୁ ସର୍ବାଧିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ତେବେ ଆଜି ଆମେ ଆପଣଙ୍କୁ ଶୀତକାଳୀନ ଫ୍ୟାସନ ପାଇଁ ଏମିତି କିଛି ଟିପ୍ସ ବିଷୟରେ କହିବୁ, ଆପଣ ଷ୍ଟାଇଲିସ୍ ଶାଢି ପିନ୍ଧିପାରିବେ ଆଉ ଶୀତରୁ ମଧ ନିଜକୁ ରକ୍ଷା କରିପାରିବେ।**





ଆସନ୍ତୁ ଜାଣିବା ଶୀତଦିନେ ସ୍ୱିଟର ବିନା ଶାଢି ପିନ୍ଧିବାର ଟିପ୍ସ ଏବଂ କୌଶଳ:

ଶାଢି ପାଇଁ କପଡା ଚୟନ: ଯଦି ଆପଣ ଶୀତ ଋତୁରେ ଏକ ଶାଢି ପିନ୍ଧୁଛନ୍ତି, ତେବେ ଏକ ମୋଟା କପଡା ବାଛନ୍ତୁ। ଏନେଇ ଆପଣ ଭେଲ୍‌ଭେଟ କପଡ଼ାରେ ତିଆରି ଶାଢି ପିନ୍ଧି ପାରିବେ। ଏହି ପ୍ରକାରର ଶାଢି ଆପଣଙ୍କୁ ଶୀତରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ ଏବଂ ଭଲ ମଧ ଦେଖାଯାଇଥାଏ।

ଫୁଲ୍ ସ୍ଲିଭ୍ ବ୍ଲାଉଜ୍ ପିନ୍ଧନ୍ତୁ: ନିଜକୁ ଥଣ୍ଡାରୁ ରକ୍ଷା କରିବା ପାଇଁ, ବ୍ଲାଉଜ୍ ଷ୍ଟାଇଲ୍ ବାଛିବାବେଳେ, ମନେରଖନ୍ତୁ ଯେ ବ୍ଲାଉଜରେ ଫୁଲ୍ ସ୍ଲିଭ୍ ରହିବା ଉଚିତ। ଫ୍ୟାଶନ୍ ଅନୁଯାୟୀ ଫୁଲ୍ ସ୍ଲିଭ୍ ବ୍ଲାଉଜ୍ ମଧ ଟ୍ରେଣ୍ଡ୍ ?ରେ ଅଛି। ଅନେକ ସମୟରେ ଅଭିନେତ୍ରୀମାନେ ଫୁଲ୍ ସ୍ଲିଭ୍ ବ୍ଲାଉଜରେ ନଜର ଆସନ୍ତି।

ଲମ୍ବା ବ୍ଲାଉଜ୍ ପିନ୍ଧନ୍ତୁ: ଆପଣ ଶାଢି ସହିତ ଲମ୍ବା ବ୍ଲାଉଜ୍ ମଧ ପିନ୍ଧିପାରିବେ। ଲମ୍ବା ବ୍ଲାଉଜ୍ ସବୁବେଳେ ଫ୍ୟାଶନରେ ଥାଏ। ଏହି ପ୍ରକାର ବ୍ଲାଉଜ୍ ତଳେ ଆପଣ ଇନର୍ କିମ୍ବା ବଡୀ ୱାର୍ମର ମଧ ପିନ୍ଧିପାରିବେ।

ଇଣ୍ଡୋ ୱେଷ୍ଟର୍ଣ୍ଣ ଶାଢି: ଶୀତ ଋତୁରେ ଆପଣ ଇଣ୍ଡୋ ୱେଷ୍ଟର୍ଣ୍ଣ ଶାଢି ବାଛି ପାରିବେ। ଏହା ଏଥନିକ୍ ଚେହେରାକୁ ଏକ ଆଧୁନିକ ସ୍ପର୍ଶ ଦେବା ସହିତ ଏହା ଆପଣଙ୍କୁ ଶୀତରୁ ମଧ ରକ୍ଷା କରିବ। ଆପଣ ଏଥିରେ ପ୍ୟାଣ୍ଟ ଷ୍ଟାଇଲ୍ ଶାଢି ମଧ ପିନ୍ଧିପାରିବେ।



# ଉପାଦେୟ ଘିଅ



ଖାଦ୍ୟର ସ୍ୱାଦ ତଥା ସୁଗନ୍ଧ ବଢ଼ାଇବା, ଜୀର୍ଣ୍ଣକ୍ରିୟାକୁ ସୁଗମ କରିବା ଓ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପରି ଘିଅର ଅନେକ ସ୍ୱାସ୍ଥ୍ୟପ୍ରଦ ଗୁଣ ରହିଛି। ସେଭଳି କିଛି ସୁଗୁଣ ବାବଦରେ ଜାଣିବା। ଆମ ପାକସ୍ଥଳୀରେ ଥିବା ଉପକାରୀ ବୀଜାଣୁଗୁଡ଼ିକ ଘିଅରେ ଥିବା ବ୍ୟୁଟିରେଟ୍ ତନ୍ତୁକୁ ଭାଙ୍ଗି ବ୍ୟୁଟିରିକ୍ ନାମକ ଏକ ଚର୍ବିଳାମ୍ଳରେ ପରିଣତ କରିଥା'ନ୍ତି, ଯାହା ଆମ ବୃହଦାନ୍ତ୍ରର ଜୀବକୋଷମାନଙ୍କ ପାଇଁ ଏକ ଶକ୍ତିପ୍ରଦ ଉତ୍ସ। ସୁତରାଂ ଘିଅ ହଜମକ୍ରିୟାକୁ ସୁଗମ କରିଥାଏ। ଘିଅ ଖାଇବା ଦ୍ୱାରା ପେଟ ଫୁଲିବା ସମସ୍ୟା ଦୂର ହୋଇଥାଏ। ଘିଅରେ ଥିବା ଉଚ୍ଚମାନର ଓମେଗା ଚର୍ବିଳାମ୍ଳ ଓଜନ ହ୍ରାସ ପାଇଁ ସହାୟକ ହୋଇଥାଏ। ଘିଅରେ ପ୍ରଚୁର ପରିମାଣର ଭିଟାମିନ୍ ଡି, କେ, ଇ ଓ ଏ ପରି ଚର୍ବି-ଦ୍ରବଣୀୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ରହିଛି।

ତେଣୁ ଘିଅ ଖାଇବା ଦ୍ୱାରା ଆମର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ। ଦେଶୀ ଘିଅର ଆଣ୍ଟିଫଙ୍ଗାଲ୍, ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି। ତେଣୁ ଏହା ଥଣ୍ଡା, କାଶ, ଫ୍ଲୁ ଓ ବିଭିନ୍ନ କ୍ଷତିକାରକ ବୀଜାଣୁ କବଳରୁ ରକ୍ଷା କରିଥାଏ। ଘିଅ ମସ୍ତିଷ୍କ କ୍ରିୟାକୁ ଉନ୍ନତ କରିଥାଏ। ଏହା ବିଭିନ୍ନ ଜୀବକୋଷ ଓ ତନ୍ତୁକୁ ନଷ୍ଟ ହେବାରୁ ବଞ୍ଚାଇ ଜୀବନଧାରଣ କ୍ଷମତା ବଢ଼ାଇଥାଏ। ପ୍ରତ୍ୟହ ସକାଳେ ଖାଲିପେଟରେ ଘିଅ ଖାଇଲେ ତାହା ଶରୀରର ଉପଶମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ଘିଅର ଆଣ୍ଟିଇନ୍‌ଫ୍ଲାମେଟରି ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶରୀରରୁ ବିଷାକ୍ତ ପଦାର୍ଥ ନିଷ୍କାସନ କରି ଚର୍ମକୁ ଲୋଚାକୋଚା ହେବା ଓ କଳା ପଡ଼ିବାରୁ ରକ୍ଷା କରିଥାଏ। ତ୍ୱଚା ଓ କେଶକୁ କୋମଳ ତଥା ଉଜ୍ଜ୍ୱଳ ରଖିବାରେ ମଧ ଘିଅର ପ୍ରମୁଖ ଭୂମିକା ରହିଛି।

# ଘରେ ତିଆରି କରନ୍ତୁ 'ପନିର ଚଟପଟି'

ଆବଶ୍ୟକ ସାମଗ୍ରୀ: ପନିର, କଟା ପିଆଜ, କଟା ରସୁଣ, କଟା ଅଦା, କଟା କଞ୍ଚାଲଙ୍କା, ପିଆଜ-ଅଦା-ରସୁଣ ବଟା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ଟମାଟୋ ସସ୍, ଚିଲି ସସ୍, ଖାଇବା କଲର, ଗରମ ମସଲା ଗୁଣ୍ଡ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପନିରକୁ ଛୋଟ ଛୋଟ ପିସ୍ କରି କାଟି ଦିଅନ୍ତୁ। ତେଲ ଗରମ କରି ଏଗୁଡ଼ିକୁ ଲାଲ୍ ହେବା ଯାଏ ଭାଜି ଏକ ପାତ୍ରରେ କାଢ଼ି ରଖନ୍ତୁ।ଏବେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜ, କଟା ରସୁଣ, କଟା ଅଦା, କଟା କଞ୍ଚାଲଙ୍କା ପକାଇ ହାଲକା ଭାଜନ୍ତୁ। ଏଥିରେ ପିଆଜ-ଅଦା-ରସୁଣ ବଟା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ଅଳ୍ପ ଟମାଟୋ ସସ୍ ଓ ଅଳ୍ପ ଚିଲି ସସ୍ ପକାଇ ଭଲ ଭାବେ କଷି ଦିଅନ୍ତୁ। ପରେ କଲର ପାଉଡର ଅଳ୍ପ ପକାଇ ଦିଅନ୍ତୁ। ମସଲା କଷି ହୋଇଗଲେ ଅଳ୍ପ ପାଣି ଦେଇ ଗରମ ମସଲା ଗୁଣ୍ଡ ପକାଇ ଭଜା ପନିରକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ମସଲା ଟିକେ ଶୁଖିଲା ହୋଇଗଲେ ଗ୍ୟାସ ଆଞ୍ଚକୁ ବନ୍ଦ କରି ଏହାକୁ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କର 'ପନିର ଚଟପଟି'। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମହଙ୍ଗା ଚିକିତ୍ସା...

ପାର୍ବଣର କୋଳାହଳ ମଧ୍ୟରେ କେନ୍ଦ୍ର ସରକାର କେତେକ ଜୀବନରକ୍ଷାକାରୀ ଔଷଧର ମୂଲ୍ୟ ବୃଦ୍ଧି କରିଛନ୍ତି। ସେସବୁ ମଧ୍ୟରେ ରହିଛି ଶ୍ୱାସ(ଆଜ୍‌ମା), ଯକ୍ଷ୍ମା, ଥାଲାସେମିଆ, ଗ୍ଲୁକୋମା, ମାନସିକ ଅବସାଦ ଆଦି ରୋଗର ଚିକିତ୍ସା ପାଇଁ ବ୍ୟବହୃତ ୮ଟି ଔଷଧ। କଞ୍ଚାମାଲ୍ ଦାମ ବୃଦ୍ଧି ଯୋଗୁଁ ଏହିସବୁ ଔଷଧର ମୂଲ୍ୟ ବୃଦ୍ଧି କରିବାକୁ ପଡ଼ିଲା ବୋଲି ସରକାରୀ ଭାବେ କୁହାଯାଇଛି। ଆହୁରି ମଧ୍ୟ କୁହାଯାଇଛି ଯେ ଯେଉଁସବୁ ଔଷଧର ମୂଲ୍ୟ ବୃଦ୍ଧି ପାଇଛି ତାହାର ବଜାର ଦର ଅତି କମ୍ ରହୁଥିବାରୁ ଦର ବୃଦ୍ଧି ପାଇଲେ ମଧ୍ୟ ଲୋକଙ୍କ ପକେଟ୍‌କୁ ବିଶେଷ ବାଧିବ ନାହିଁ। ଅପରପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ବିଶ୍ୱର ମୋଟ ଯକ୍ଷ୍ମା ସଂକ୍ରମିତଙ୍କ ମଧ୍ୟରୁ ୨୬% ଭାରତରେ ଅଛନ୍ତି ଏବଂ ଯକ୍ଷ୍ମାଜନିତ ସଂକ୍ରମଣ ଓ ମୃତ୍ୟୁର ଭୟାଭହତା କୋଭିଡ୍-୧୯ଠାରୁ ମଧ୍ୟ ଅଧିକ। ଏଭଳି ପରିସ୍ଥିତିରେ କଞ୍ଚାମାଲ ଦର ବୃଦ୍ଧି ଆଳରେ ଜୀବନରକ୍ଷାକାରୀ ଔଷଧର ମୂଲ୍ୟ ବୃଦ୍ଧି କରିବା କେତେ ଯୁକ୍ତିଯୁକ୍ତ ତାହା ବିଚାରସାପେକ୍ଷ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟ ବୀମା ଯୋଜନା ଅଧୀନରେ ଔଷଧ କିଣା ଖର୍ଚ୍ଚ ଆସୁ ନଥିବାରୁ ଗରିବ ଲୋକେ ହନ୍ତସନ୍ତ ହେଉଛନ୍ତି ଏବଂ ଦର ବୃଦ୍ଧି ପଛରେ ବ୍ୟବସାୟୀ ପ୍ରଭାବ କାମ କରୁଛି ବୋଲି କେତେକ ମହଲରୁ ଅଭିଯୋଗ ଆସିଛି। ଆହୁରି ବିଡ଼ମ୍ବନା ହେଉଛି ବଜାରରେ ଜରୁରୀ ଔଷଧର ଦରଦାମ ନିୟନ୍ତ୍ରଣ ପାଇଁ ଗଠିତ ଜାତୀୟ ଔଷଧ ଦର କର୍ତ୍ତୃପକ୍ଷ(ଏନ୍‌ପିପିଏ) ହିଁ ଏହିସବୁ ଔଷଧର ୫୦% ପର୍ଯ୍ୟନ୍ତ ଦର ବୃଦ୍ଧିକୁ ସୁପାରିସ କରିଛି। ଏହି ଘଟଣା ପ୍ରଥମ ନୁହେଁ। ଏନ୍‌ପିପିଏ ଦ୍ୱାରା ୨୦୧୯ରେ ୧୨ଟି ଏବଂ ୨୦୨୧ରେ ଆଉ ତିନୋଟି ଜୀବନରକ୍ଷକାରୀ ଔଷଧର ୫୦% ଯାଏ ମୂଲ୍ୟ ବୃଦ୍ଧି ଅନୁମୋଦିତ ହୋଇଥିଲା। ନାଗରିକମାନଙ୍କୁ ନିରୋଗ ଓ ସୁସ୍ଥ ସବଳ ରଖିବା ଏକ ଜନମଙ୍ଗଳ ରାଷ୍ଟ୍ରର ପ୍ରଥମ କର୍ତ୍ତବ୍ୟ ଏବଂ ସାମ୍ବିଧାନିକ ଦାୟିତ୍ୱ। ଏଥିପାଇଁ କେନ୍ଦ୍ର ସରକାରଙ୍କ ସହିତ ବିଭିନ୍ନ ରାଜ୍ୟ ସରକାର ମଧ୍ୟ ବିବିଧ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି। ସମସ୍ତଙ୍କୁ ମୌଳିକ ତଥା ସୁଲଭ ମୂଲ୍ୟର ଚିକିତ୍ସା ସେବା ଯୋଗାଇ ସୁସ୍ଥ ଭାରତର ସହସ୍ରାବ୍ଦୀ ଲକ୍ଷ୍ୟ ପୂରଣ ଦିଗରେ ଭାରତ ଅଗ୍ରସର ହେଉଥିବା କେନ୍ଦ୍ର ସରକାର କହୁଥିବା ପୃଷ୍ଠଭୂମିରେ ଜୀବନରକ୍ଷାକାରୀ ଔଷଧକୁ ସମ୍ପୂର୍ଣ୍ଣ ସୁଲଭ କରିବା ପରିବର୍ତ୍ତେ ଦର ବୃଦ୍ଧି କରିବା ଅସମୀଚୀନ ନୁହେଁ କି? ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ଭାରତରେ ଉଭୟ ସଂକ୍ରାମକ ଓ ଅଣ-ସଂକ୍ରାମକ ରୋଗ ବଢ଼ୁଛି। ଯେଉଁମାନେ ଏସବୁ ରୋଗର ଚିକିତ୍ସା ପାଇଁ ସରକାରୀ ସୁବିଧା ସୁଯୋଗ ପାଉ ନାହାନ୍ତି, ସେମାନଙ୍କ ସଂଖ୍ୟା ବହୁ ଅଧିକ। କର୍କଟ, ଯକ୍ଷ୍ମା, ଶ୍ୱାସ, ହୃଦରୋଗ, ମଧୁମେହ, ଉଚ୍ଚରକ୍ତଚାପ ଆଦି ସେଥିମଧ୍ୟରୁ ଅନ୍ୟତମ। ଏଥିପାଇଁ ରୋଗୀ ଓ ସେମାନଙ୍କ ପରିବାରକୁ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥାଏ। ପରୀକ୍ଷା ନିରୀକ୍ଷା ବାବଦ ଖର୍ଚ୍ଚ ମଧ୍ୟ ରୋଗୀର ପକେଟ୍ ସୀମାର ବହୁ ଊର୍ଦ୍ଧ୍ୱରେ। ସରକାରୀ ବୀମା ସୁବିଧା ପାଉନଥିବା ଜନସଂଖ୍ୟାର ଏକ ବିଶାଳ ବର୍ଗ ପାଇଁ ସ୍ୱାସ୍ଥ୍ୟ ସେବା ବା ଚିକିତ୍ସା ଏକ ବିରାଟ ବୋଝ। ଯେଉଁମାନେ ନିଜସ୍ୱ ସମ୍ବଳ ଓ ଖର୍ଚ୍ଚରେ ସ୍ୱାସ୍ଥ୍ୟ ଓ ଜୀବନ ବୀମା କରୁଛନ୍ତି ସେମାନଙ୍କ ଉପରେ ହାସ୍ୟାସ୍ପଦ ଭାବେ ଜିଏସ୍‌ଟି କଷି ଦିଆଯାଉଛି। ବସ୍ତୁତଃ ଭାରତରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବା ସରକାରଙ୍କ ମୌଳିକ କର୍ତ୍ତବ୍ୟରୁ ବହୁ ଊର୍ଦ୍ଧ୍ୱକୁ ଉଠି ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇସାରିଛି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତରେ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଟିଳ ଓ ଦୁରାରୋଗ୍ୟ ବ୍ୟାଧିର ଉପଚାର ପାଇଁ ବ୍ୟବହୃତ ଔଷଧର ଏକ ଜାତୀୟ ତାଲିକା ପ୍ରସ୍ତୁତ କରାଯାଏ। ସେଥିରେ ଅତ୍ୟାବଶ୍ୟକ ଓ ଜୀବନ ରକ୍ଷାକାରୀ ଔଷଧଗୁଡ଼ିକୁ ତାଲିକାଭୁକ୍ତ କରି ତାହାର ମୂଲ୍ୟ କମ୍ ରଖିବା ପାଇଁ ଏକାଧିକ ନିୟାମକ ସଂସ୍ଥା ଗଠିତ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କାର୍ଯ୍ୟକାରୀ ହେଉଛି। ଉତ୍ପାଦକ, ଉଭାବକ, ସ୍ୱତ୍ତ୍ୱଧାରୀ, ଆନ୍ତର୍ଜାତିକ ଔଷଧ ପ୍ରଶାସନ ସମେତ ଅନ୍ୟାନ୍ୟ ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ସହିତ ଆଲୋଚନା ପରେ ଔଷଧର ପ୍ରଚଳନ ଓ ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ। କିନ୍ତୁ ସରକାରୀ ବାବୁମାନେ ଯେଉଁସ୍ତରରେ ବସି ଆଲୋଚନା କରନ୍ତି ତାହାଠାରୁ ଢେର ଦୂରରେ ଥାଏ ବାସ୍ତବତା। ଏହାକୁ ହୃଦୟଙ୍ଗମ ନ କରିବା ପର୍ଯ୍ୟନ୍ତ ବା ବାବୁମାନେ ତୃଣମୂଳସ୍ତର ସହିତ ଜଡ଼ିତ ନ ହେବା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଓ ଔଷଧ ଚିକିତ୍ସା ଖର୍ଚ୍ଚ ସମାବେଶୀ ହୋଇପାରିବ ନାହିଁ। ଆମ ଚିକିତ୍ସା ବ୍ୟବସ୍ଥା ଏପରି ଯେ ଗୋଟିଏ ବର୍ଗ ସବୁଠାରୁ ଉତ୍ତମ ଚିକିତ୍ସା ପାଉଥିବା ବେଳେ ଆଉ ଏକ ବୃହତ୍ ବର୍ଗ ଏଥିରୁ ବଞ୍ଚିତ ହେଉଛନ୍ତି। ପୁଣି ଯେଉଁ ଔଷଧ ସର୍ବାଧିକ ବ୍ୟବହୃତ ତାହା ହିଁ ନକଲି ଓ ଭେଜାଲ୍ ମାନସିକତାର ଶିକାର ହୁଏ। ଗରିବ ଲୋକମାନେ ସର୍ବାଧିକ ଆକ୍ରାନ୍ତ ହେଉଥିବା ଏଭଳି ଅନେକ ଔଷଧ ଓ ଇଞ୍ଜେକ୍‌ସନ୍ ବିଦେଶରୁ ଆମଦାନୀ କରିବାକୁ ପଡୁଛି, ଯାହାର ବଜାର ମୂଲ୍ୟ ଖୁବ୍ ଉଚ୍ଚା। ଜନଔଷଧ ଦୋକାନ ଏ କ୍ଷେତ୍ରରେ ଅସହାୟ ହୋଇପଡୁଥିବାରୁ ଗରିବ ଲୋକମାନେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଚିକିତ୍ସକମାନେ ମଧ୍ୟ ସଦ୍ୟତମ ଓ ଅଧିକ ପ୍ରଭାବଶାଳୀ ଚିକିତ୍ସା ଆଳରେ ଔଷଧ ନିର୍ମାତାଙ୍କୁ ସୁହାଇବା ପରି ଔଷଧ ବ୍ୟବହାର କରିବାକୁ ରୋଗୀଙ୍କୁ ପରାମର୍ଶ ଦିଅନ୍ତି, ଯାହା ଜନଔଷଧ ଦୋକାନରେ ତତ୍କାଳ ଉପଲବ୍ଧ ହୁଏ ନାହିଁ କି ନିରାମୟ ବ୍ୟବସ୍ଥାରେ ମଧ୍ୟ ମିଳେ ନାହିଁ। ଜେନେରିକ୍ ଔଷଧ ଉତ୍ପାଦନରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ ମଧ୍ୟ ଏହାର ଗୁଣାତ୍ମକ ମାନକୁ ନେଇ ସନ୍ଦେହ ଓ ଅଭିଯୋଗ ଆସୁଛି। ତେଣୁ ରୋଗୀଟିଏ ସିଧାସଳଖ ମହଙ୍ଗା ଔଷଧ ଦ୍ୱାରା ତଳିତଳାନ୍ତ ହେବାକୁ ବାଧ୍ୟ ହେଉଛି।

# ଜନସଂଖ୍ୟା ନିୟନ୍ତ୍ରଣ ବନାମ ଜନସଂଖ୍ୟା ବୃଦ୍ଧି



### ଗୋପାଳ ମହାପାତ୍ର

ଜନସଂଖ୍ୟା ବୃଦ୍ଧି ସପକ୍ଷରେ ମତଦେଇ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଦେଶରେ ଏକ ନୂଆ ବିମର୍ଷ ପାଇଁ ଖୋରାକ ଯୋଗାଇ ଦେଇଛନ୍ତି। ନାଇଡୁଙ୍କ ମନ୍ତ୍ରୀମଣ୍ଡଳ ଏଇ କିଛି ଦିନ ତଳେ ନିଷ୍ପତ୍ତି ନେଇଛି ଯେ ଯେଉଁ ଦମ୍ପତ୍ତିଙ୍କର ଦୁଇ କିମ୍ବା ତାଠାରୁ କମ୍ ସନ୍ତାନ ସନ୍ତତି ଥିବେ ସେମାନେ ସ୍ଥାନୀୟ (ତ୍ରିସ୍ତରୀୟ) ନିର୍ବାଚନରେ ଭାଗନେଇ ପାରିବେ ନାହିଁ। ମହାନଗର ନିଗମ ଓ ନଗରପାଳିକା ଠାରୁ ଆରମ୍ଭ କରି ପଞ୍ଚାୟତର ନିର୍ବାଚନରେ ଦୁଇ ବା କମ୍ ପିଲା ଥିବା ଦମ୍ପତ୍ତି ଲଢ଼ି ପାରିବେ ନାହିଁ। କିନ୍ତୁ ୩୦ ବର୍ଷ ପୂର୍ବେ ସଂଯୁକ୍ତ ଆନ୍ଧ୍ରପ୍ରଦେଶ (ଆନ୍ଧ୍ର ଓ ତେଲେଙ୍ଗାନା)ର ମୁଖିଆ ଥିବା ବେଳେ ସେଇ ଚନ୍ଦ୍ରବାବୁ ନାଇଡୁ ନିଷ୍ପତ୍ତି ନେଇଥିଲେ ଯେ ଯେଉଁ ବ୍ୟକ୍ତି ବା ଦମ୍ପତ୍ତି ମାନଙ୍କର ଦୁଇରୁ ଅଧିକ ସନ୍ତାନ ସନ୍ତତି ଥିବେ ସେମାନେ ସ୍ଥାନୀୟ ନିର୍ବାଚନରେ ଭାଗ ନେଇ ପାରିବେ ନାହିଁ। ପ୍ରଶ୍ନ ଉଠୁଛି ଯେ ଚନ୍ଦ୍ରବାବୁ ୩୦ ବର୍ଷ ତଳେ ନେଇଥିବା ନିଷ୍ପତ୍ତିକୁ ପରିବର୍ତ୍ତନ କରି ଏବେ ଦୁଇରୁ ଅଧିକ ସନ୍ତାନ ପାଇଁ ନିଷ୍ପତ୍ତି ନେଲେ କାହିଁକି? ଏହାର ଦୁଇଟି କାରଣ ଥାଇପାରେ। ପ୍ରଥମ କାରଣ ହେଉଛି ସାମାଜିକ-ଆର୍ଥୀକ ଏବଂ ଦ୍ୱିତିୟ କାରଣ ହେଉଛି ରାଜନୈତିକ। ଭାରତରେ ଜନସଂଖ୍ୟା ବୃଦ୍ଧିକୁ ନେଇ କିଛି ଦଶନ୍ଧି ହେବ ବିମର୍ଷ ଚାଲିଛି ଓ ଏଇଥିପାଇଁ କେନ୍ଦ୍ର ସରକାର ଜନସଂଖ୍ୟା ନିୟନ୍ତ୍ରଣ ଅଭିଯାନ ପରିବାର ନିୟନ୍ତ୍ରଣ ମାଧ୍ୟମରେ ଚଳାଇଛନ୍ତି। ଏହି ଅଭିଯାନ ଅନୁସାରେ ଦକ୍ଷିଣ ଭାରତୀୟ ରାଜ୍ୟ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, କେରଳ ଓ ତାମିଲନାଡୁର ଜନସଂଖ୍ୟା ଅଧିକ ଭାବେ ହ୍ରାସ ପାଇଥିଲା। ଏପରିକି ଏସବୁ ରାଜ୍ୟରେ ପ୍ରଜନନ କମିଯାଇ ୧.୮ ପ୍ରତିଶତ ପାଖାପାଖି ପହଞ୍ଚ ଯାଇଥିଲା। ଅନ୍ୟ ପକ୍ଷରେ ଉତ୍ତର ପ୍ରଦେଶର ରାଜ୍ୟ ବିହାର ଓ ଉତ୍ତରପ୍ରଦେଶରେ ପ୍ରଜନନ ହାର କ୍ରମଶଃ ୩ ଓ ୨.୪ ପ୍ରତିଶତ ରହିଛି। ଏହାର ଅର୍ଥ ହେଉଛି ବିହାରରେ ପ୍ରତି ଦମ୍ପତ୍ତିଙ୍କର ୩ଟି ସନ୍ତାନ ଏବଂ ଉତ୍ତରପ୍ରଦେଶର ପ୍ରତି ଦମ୍ପତ୍ତିଙ୍କର ୨ବା ୩ଟି ସନ୍ତାନ ହୋଇଥାଏ। କିନ୍ତୁ ଦକ୍ଷିଣ ଭାରତର ରାଜ୍ୟରେ ଦମ୍ପତ୍ତି ମାନେ ଗୋଟିଏ ବା ଦୁଇଟି ସନ୍ତାନରୁ ଅଧିକ ପାଇଁ ଆଗ୍ରହୀ ନୁହଁନ୍ତି।

ରାଷ୍ଟ୍ରୀୟ ସ୍ତରରେ ଭାରତର ଲୋକଙ୍କ ପ୍ରଜନନ କ୍ଷମତା ୨.୧ ରହିଛି। ଯଦି ଏହି ହାର ଜାରିରହେ ତେବେ ୨୦୨୫ ବେଳକୁ ଭାରତରେ ବୟସ(ବୃଦ୍ଧି) ବା ଅବସର ଗ୍ରହଣ କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ହୋଇଯିବ। ବୟସ୍କଙ୍କ ସଂଖ୍ୟା ବଢ଼ିଲେ ସରକାର ବୟସ୍କ ବ୍ୟକ୍ତିଙ୍କ ପାଇଁ ଅଧିକ ଯୋଜନା କରିବା ପାଇଁ ବାଧ ହେବେ ଫଳତଃ ସରକାର ଉପରେ ଆର୍ଥୀକ ବୋଝ ବଢ଼ିବ। ବୟସ୍କଙ୍କ ସଂଖ୍ୟା ବୃଦ୍ଧ କାରଣରୁ ଦେଶର ଆର୍ଥୀକ ପ୍ରଗତି ମଧ୍ୟ ଧିମେଇ ଯିବ। ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଭାରତର ଅନ୍ୟ ରାଜ୍ୟମାନଙ୍କର ସ୍ଥିତି ଅଧିକ ଖରାପ ହେବ। ଏହି ରାଜ୍ୟ ମାନଙ୍କରେ ଦେଶର ଅନ୍ୟ ରାଜ୍ୟ ତୁଳନାରେ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ହୋଇଯିବ। ପରିବାର ନିୟନ୍ତ୍ରଣର ଫଳ ଅଧିକ ଭାବେ ଦକ୍ଷିଣ ଭାରତର ରାଜ୍ୟ ମାନଙ୍କୁ ଭୋଗିବାକୁ ପଡିବ। ଚନ୍ଦ୍ରବାବୁ ନାଇଡୁଙ୍କୁ ଏହି ଚିନ୍ତା ଏବେ ଘାରିଛି। ଚନ୍ଦ୍ରବାବୁଙ୍କ ସହ ସ୍ୱରମିଳାଇ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍ ମଧ୍ୟ ଜନସଂଖ୍ୟା ବୃଦ୍ଧିକୁ ସମର୍ଥନ କରିଛନ୍ତି ଏବଂ ତାଙ୍କ ରାଜ୍ୟର ଲୋକଙ୍କୁ ଅଧିକ ସନ୍ତାନ ନୀତି ଆପଣେଇବା ପାଇଁ ନିବେଦନ କରିଛନ୍ତି। ଭବିଷ୍ୟତର ଭୟାବହ ଅବସ୍ଥାକୁ ଦେଖି ଆନ୍ଧ ଓ ତାମିଲନାଡୁର ମୁଖ୍ୟମନ୍ତ୍ରୀ ମାନେ ଏଭଳି ଦୁଇରୁ ଅଧିକ ସନ୍ତାନ ପାଇଁ ଦମ୍ପତ୍ତି ମାନଙ୍କୁ ନିବେଦନ କରିଥିବା ଭଳି ମନେ ହେଉଛି। ୨୦୨୬ରେ ଲୋକସଭା ନିର୍ବାଚନ ମଣ୍ଡଳୀ କ୍ଷେତ୍ରର ପୁନଃ ନିର୍ଦ୍ଧାରଣ ହେବ। ଏହି ପୁନଃ ନିର୍ଦ୍ଧାରଣ ବେଳେ ଜନସଂଖ୍ୟା ଅନୁସାରେ ଲୋକସଭା ନିର୍ବାଚନ ମଣ୍ଡଳୀର ସଂଖ୍ୟା ନିର୍ଦ୍ଧାରଣ କରାଯିବ। ଏହି ଫର୍ମୁଲା ଅନୁସାରେ ଉତ୍ତର ପ୍ରଦେଶର ଜନସଂଖ୍ୟାକୁ ଦେଖିଲେ ସ୍ପଷ୍ଟ ଯେ ଉତ୍ତର ପ୍ରଦେଶର ଲୋକସଭା ଶାସନ ସଂଖ୍ୟା ୮୦ରୁ ବୃଦ୍ଧିପାଇ ୧୨୦ ହୋଇପାରେ। ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାକୁ ମିଶାଇଲେ ବର୍ତ୍ତମାନ ଏ ଦୁଇ ରାଜ୍ୟର ଆସନ ସଂଖ୍ୟା ୪୨ ଓ ୨୦୨୬ରେ ହେବାକୁ ଥିବା ପୁନଃ ନିର୍ଦ୍ଧାରଣରେ ଏହି ଦୁଇ ରାଜ୍ୟର ଲୋକସଭା ଆସନ ସଂଖ୍ୟା ୪୨ରୁ ୪୬ ହୋଇପାରେ। ଅର୍ଥାତ୍ ଦୁଇ ରାଜ୍ୟର ଲୋକସଭା ଆସନ ସଂଖ୍ୟା ମାତ୍ର ୪ ବଢ଼ିବାର ସମ୍ଭାବନା ରହିଛି। ଏଥିରୁ ସ୍ପଷ୍ଟ ଯେ ଜନସଂଖ୍ୟା କମିଲେ ଲୋକସଭା ଆସନ ସଂଖ୍ୟା କମିବ। କମ୍ ଜନସଂଖ୍ୟା ଥିବା ରାଜ୍ୟକୁ ମଧ୍ୟ କେନ୍ଦ୍ର ସରକାରଙ୍କ ଅନୁଦାନ କମ୍ ରହିବ। କାରଣ କେନ୍ଦ୍ର ସରକାର ଯେଉଁ ଆର୍ଥୀକ ଅନୁଦାନ ରାଜ୍ୟମାନଙ୍କୁ ଦେଇଥାନ୍ତି ତାହା ଜନସଂଖ୍ୟା ଅନୁପାତରେ ଆକଳନ କରାଯାଇଥାଏ। ଏବେ କେନ୍ଦ୍ରସରକାର ଉତ୍ତର ପ୍ରଦେଶକୁ ୧୮ ପ୍ରତିଶତ ପାଖାପାଖି ରାଜସ୍ୱ ଆବଣ୍ଟନ କରୁଥିବା ବେଳେ ବିହାରକୁ ପାଖାପାଖି ୧୦ ପ୍ରତିଶତ ପ୍ରଦାନ କରିଥାନ୍ତି। କିନ୍ତୁ ଦକ୍ଷିଣ ଭାରତର ରାଜ୍ୟ ମାନଙ୍କୁ ମାତ୍ର ୪ପ୍ରତିଶତ ମିଳିଥାଏ।

ଏ ସବୁକୁ ଦୃଷ୍ଟିରେ ରଖି ବିଶେଷ କରି ୨୫ ବର୍ଷ ଆଗକୁ କ'ଣ ହେବ ସେକଥାକୁ ଚିନ୍ତା କରି ଚନ୍ଦ୍ରବାବୁ ନାଇଡୁ ଜନସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି। ଯଦି ଭାରତର ସବୁ ରାଜ୍ୟମାନେ ଚନ୍ଦ୍ରବାବୁ ନାଇଡୁଙ୍କ ଭଳି ଭାବିବେ ତେବେ ଭାରତରେ ଜନସଂଖ୍ୟା କେତେ ହେବ ଓ କେଉଁ ପର୍ଯ୍ୟନ୍ତ ଯିବ ସେ କଥା କହିବା ମୁସ୍କିଲ ହୋଇଯିବ। ବର୍ତ୍ତମାନ ଏବେ ଭାରତର ଜନସଂଖ୍ୟା ୧୪୦ କୋଟିରୁ ଅଧିକ, ଏତେ ଜନସଂଖ୍ୟା ସତ୍ତ୍ୱେ ଲୋକଙ୍କୁ ଭରଣ ପୋଷଣ କରିବାର କ୍ଷମତା ସରକାରଙ୍କର ରହିଛି। ଏବେ ଭାରତ ସରକାର ୮୦ କୋଟି ଲୋକଙ୍କୁ ମାଗଣାରେ ଖାଦ୍ୟ ସାମଗ୍ରୀ (ଚାଉଳ-ଗହମ) ଯୋଗାଉଛନ୍ତି। ୫୦ ବର୍ଷ ପୂର୍ବରୁ ଏକଥାକୁ କେହି କଳ୍ପନା କରିପାରିନଥିବେ ନିଶ୍ଚୟ। ଭାରତ ମଧ୍ୟ ଦେଖିଛି ଯେ ୧୯୬୫ରେ ଭାରତ ପାକିସ୍ଥାପ ଯୁଦ୍ଧ ସମୟରେ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ସପ୍ତାହରେ ଗୋଟିଏ ବେଳା ଉପବାସ ରହିବା ପାଇଁ ଦେଶର ଲୋକଙ୍କୁ ନିବେଦନ କରିଥିଲେ। ସେ ସମୟରେ ଭାରତର ଜନସଂଖ୍ୟା ପାଖାପାଖି ୫୦ କୋଟି ଥିଲା। ସେତେବେଳେ ଦେଶରେ ଏତେ ଉତ୍ପାଦନ ମଧ୍ୟ ହୋଇପାରୁନଥିଲା ଯାହା ୫୦କୋଟି ଲୋକଙ୍କ ପାଇଁ ଯଥେଷ୍ଟ ଥିଲା। ସେତେବେଳେ ଭାରତ ଆମେରିକାରୁ ଗହମ ଆମଦାନୀ କରୁଥିଲା। କିନ୍ତୁ ସେତେବେଳେର ଅବସ୍ଥା ଓ ବର୍ତ୍ତମାନର ଅବସ୍ଥା ମଧ୍ୟରେ ଅନେକ ଫରକ୍ ରହିଛି। ଏବେ କୃଷି ଉତ୍ପାଦନ ବଢ଼ିଛି ଓ ଦେଶର ଲୋକଙ୍କ ଖାଦ୍ୟ ସମସ୍ୟାର ସମାଧାନ ପରେ ଭାରତ ଅନ୍ୟ ଦେଶକୁ ଖାଦ୍ୟଷଶ୍ୟ ରପ୍ତାନୀ କରିବା ସ୍ଥିତିରେ ପହଞ୍ଚିଛି।

ଆମ ଦେଶର ରାଜନେତା ମାନଙ୍କ ଦୂରଦୃଷ୍ଟି କାରଣରୁ ଭାରତର ସ୍ଥିତି ବଦଳିଛି ଓ କୃଷି କ୍ଷେତ୍ରରେ ଭାରତ ଆତ୍ମ ନିର୍ଭର ହୋଇ ପାରିଛି। ଆଜିର ଭାରତକୁ ଯୁବ ଭାରତ ବୋଲି ମଧ୍ୟ କୁହାଯାଉଛି। ଭାରତର ଯୁବବର୍ଗଙ୍କ ଜ୍ଞାନ ସାମର୍ଥ୍ୟକୁ ସାରାବିଶ୍ୱ ସ୍ୱୀକାର କରୁଛି। କମ୍ପ୍ୟୁଟର ସଫ୍ଟୱୟାର କ୍ଷେତ୍ରରେ ଭାରତର ଯୁବବର୍ଗଙ୍କ ଦକ୍ଷତା କାରଣରୁ ସାରା ବିଶ୍ୱରେ ଏମାନେ ନିଜର ସ୍ଥିତି ଜାହିର କରିପାରିଛନ୍ତି। ଟେକ୍ନୋଲୋଜିର ଏହି ଯୁଗରେ ଭାରତୀୟ ଯୁବାପିଢ଼ୀ ବିଶ୍ୱର ଅନେକ ସଫ୍ଟୱୟାର କମ୍ପାନୀରେ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ଏଣୁ ୨୫ ବର୍ଷ ଆଗକୁ ଚିନ୍ତାକରି ଏବେ ନିଷ୍ପତ୍ତି ନେବା ବୁଦ୍ଧିମତ୍ତା ପୂର୍ଣ୍ଣ କାର୍ଯ୍ୟ ବୋଲି କୁହାଯାଇପାରେ। କିନ୍ତୁ ଏସବୁ ପରେ ଏକଥା ମଧ୍ୟ ଚିନ୍ତା କରାଯିବା ଉଚିତ୍ ଯେ ବର୍ଦ୍ଧିତ ଜନସଂଖ୍ୟାର ଭରଣ-ପୋଷଣ ପାଇଁ ଏବେଠାରୁ ମଧ୍ୟ ଚିନ୍ତା କରାଯିବା ଆବଶ୍ୟକ। ୧୯୫୦ରେ ଭାରତର ପ୍ରଜନନ ହାର ୬ ପ୍ରତିଶତ ଥିଲା କିନ୍ତୁ ଏହା ୨.୧ ପ୍ରତିଶତ ରହିଛି। ଭାରତରେ ବେରୋଜଗାରୀ ହାର ମଧ୍ୟ ଅଧିକ। ରୋଜଗାର ଉପଲବ୍ଧ କରାଇବାରେ ମଧ୍ୟ ସରକାର ଅସମର୍ଥ। ୨୫ ବର୍ଷ ପରେ କ'ଣ ହେବ ସେକଥାକୁ କଳ୍ପନା କରି ଭବିଷ୍ୟତରେ ଭାରତର ସ୍ଥିତିକୁ ମଧ୍ୟ ଚିନ୍ତା କରାଯିବା ଉଚିତ୍। କାରଣ ଜନସଂଖ୍ୟା ହାର ଯଦି ୨.୧ ରହିବ ତେବେ ୨୦୫୦ ସୁଦ୍ଧା ଭାରତରେ ବୟସ୍କ ବ୍ୟକ୍ତି ମାନଙ୍କ ସଂଖ୍ୟା ଏବଂ ଯୁବ ବର୍ଗଙ୍କ ସଂଖ୍ୟା ପ୍ରାୟତଃ ସମାନ ହୋଇଯିବ।

ଏଣୁ ଆମେ ଶ୍ରୀ ନାଇଡୁଙ୍କ ବିଚାରକୁ ଠିକ୍ ଭାବରେ ପରଖିବା ସହ ଏ ବାବଦରେ ବିଚାର କରିବା ଉଚିତ୍। ଦକ୍ଷିଣ ଭାରତର ରାଜ୍ୟ ମାନଙ୍କରେ ଯେଉଁଳି ଭାବେ ଜନସଂଖ୍ୟା ହ୍ରାସ ପାଇବାରେ ଲାଗିଛି ସେହିସ୍ଥିତି ଉତ୍ତର ଭାରତରେ ନାହିଁ। ଏଣୁ ଉତ୍ତର ଭାରତର ରାଜ୍ୟ ମାନଙ୍କରେ ଜନସଂଖ୍ୟା ନିୟନ୍ତ୍ରଣ ଅଭିଯାନକୁ କଡ଼ାକଡି କରାଯିବା ଉଚିତ୍। ଅନ୍ୟ ପକ୍ଷରେ ବିହାର, ଉତ୍ତର ପ୍ରଦେଶ ଅଥବା ମଧ୍ୟପ୍ରଦେଶର ତୁଳନା ତାମିଲନାଡୁ ସହ କରାଯାଇ ପାରିବ ନାହିଁ କାରଣ ବିହାର, ପୂର୍ବ ଉତ୍ତରପ୍ରଦେଶ ଏବଂ ପଶ୍ଚିମବଂଗର ଲୋକେ ଜୀବୀକାର୍ଜନ ପାଇଁ ଦକ୍ଷିଣ ଭାରତର ରାଜ୍ୟ ମାନଙ୍କୁ ଆସୁଛନ୍ତି। ଏଣୁ ରାଷ୍ଟ୍ରୀୟ ସ୍ତରରେ ସାମଞ୍ଜସ୍ୟ ରଖି ଏ ପ୍ରସଙ୍ଗରେ ନିଷ୍ପତ୍ତି ନେବା ମଧ୍ୟ ଆବଶ୍ୟକ। ଏକଥା ସତ୍ୟ ଯେ ଶିକ୍ଷା ମାମଲାରେ ଦକ୍ଷିଣ ଭାରତର ରାଜ୍ୟ ମାନଙ୍କର ଅବସ୍ଥା ଉତ୍ତର ଭାରତର ରାଜ୍ୟ ଅପେକ୍ଷା ଉତ୍ତମ ଅଟେ। ଜନସଂଖ୍ୟା ନିୟନ୍ତ୍ରଣର ସିଧା ସମ୍ପର୍କ ଶିକ୍ଷା ସହ ଯୋଡି ହୋଇଛି। ଏଣୁ କେରଳକୁ ବିହାର ସହ ତୁଳନା କରାଯାଇ ପାରିବ ନାହିଁ। କେରଳରେ ସାକ୍ଷରତା ହାର ଶତ ପ୍ରତିଶତ ପାଖାପାଖି। ସବୁଠାରୁ ଏକ ବଡ଼ କଥା ହେଉଛି ଭାରତରେ ମୁସଲିମ ପରିବାରରେ ଏବେ ପ୍ରଜନନ ହାର ହିନ୍ଦୁ ପରିବାରର ପ୍ରଜନନ ହାର ସହ ସମାନ ସ୍ତରରେ ପହଞ୍ଚିଛି, ଏସବୁ ଶିକ୍ଷାର ପ୍ରସାର କାରଣରୁ ସମ୍ଭବ ହୋଇଛି।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ସଦ୍‌ଗୁରୁଙ୍କ ଶରଣାପନ୍ନ ହୁଅ, ସତନାମ ମନନ କର.....



### ପ୍ରଫେସର ଉମେଶ ଚନ୍ଦ୍ର ପାତ୍ର

ବର୍ତ୍ତମାନ ସମୟରେ ବ୍ୟକ୍ତିର ଜୀବନ ବହୁ ସଙ୍କଟ ଦେଇ ଗତି କରୁଛି। ଅବିଶ୍ୱାସ, ସ୍ୱାର୍ଥପରତା, ହିଂସା, ଅପରାଧ ଭୟଙ୍କର ଭାବରେ ସମାଜକୁ କଳୁଷିତ କରୁଛି ଓ ଆହୁରି ତୀବ୍ର ରୂପ ଗ୍ରହଣ କରିବାର ଆଭାସ ମିଳୁଛି। ବ୍ୟକ୍ତିର ଉନ୍ନତି କେବଳ ଭୌତିକ ଉନ୍ନତିରେ ସୀମିତ ହୋଇଯାଉଛି। ଅର୍ଥନୈତିକ ଉନ୍ନତି ସହିତ ଚରିତ୍ରର ଅବନତି ତାଳ ମିଳାଇ ଚାଲିଛି। ବ୍ୟକ୍ତିର ଜୀବନ ଆହର, ନିଦ୍ରା ଓ ମୈଥୁନ ମଧ୍ୟର ସୀମାବଦ୍ଧ ହୋଇଯାଉଛି। ଧର୍ମକୁ ବାଦ ଦେଇ ପ୍ରକୃତ ଉନ୍ନତି ସମ୍ଭବ ନୁହେଁ। ପ୍ରକୃତ ଧର୍ମ କିନ୍ତୁ ସଂପ୍ରଦାୟର ଊର୍ଦ୍ଧ୍ୱରେ।

ଆମର ଗୋଟାଏ ଦୋଷ ଏଇ ଯେ, କିଛି ନ ବୁଝି, ମହାପୁରୁଷଙ୍କ ଉପରେ ମୂଳରୁ ଭଗବତ୍ତ୍ୱ ଆରୋପ କରି, ଭଗବତ ଶକ୍ତିରେ ଅଲୌକିକ ଭାବରେ ସବୁ ସେ କରିଦେବେ - ଏଇ ଆଶାରେ ନିଶ୍ଚିନ୍ତ ହୋଇ ବସିଯାଉ। ଏହାଠାରୁ ବଡ଼ ଭୁଲ ଆଉ କିଛି ନାହିଁ। ଭଗବାନ ହେଲେ ବି ସିଏ ଯେ ଜଣେ ମଣିଷ, ଏବଂ ମଣିଷ ଜଗତରେ ମଣିଷକୁ ଯାହା କରିବାକୁ ହୁଏ ସେହି ମାନବୀୟ ଭାବରେ କାର୍ଯ୍ୟସିଦ୍ଧି କରିବା ଛଡ଼ା ତାଙ୍କର ମଧ୍ୟ ଯେ ଉପାୟ ନାହିଁ, ଏହା ବୁଝି, ଖଟିଖାଟି, ତାଙ୍କର ଚାହିଦା ପୂରଣ କରିବା ଦରକାର। ମହାପୁରୁଷଗଣ ଇଚ୍ଛା କରିଲେ ହିଁ ଅନେକ କିଛି କରିପାରନ୍ତି। ଏଇ କଥାର ତାତ୍ପର୍ଯ୍ୟ ଏଇ ଯେ, ସେମାନଙ୍କର ବିରାଟ ପରିପୂରଣକାରୀ ଓ ନିୟନ୍ତ୍ରଣକାରୀ ଶକ୍ତି, ପ୍ରେମ ଓ ଚରିତ୍ରବଳ ଥାଏ, ସେଇ କାରଣରୁ ଅନେକେ ତାଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କର କଲ୍ୟାଣକର ଇଚ୍ଛାକୁ ରୂପଦେବାକୁ ଚେଷ୍ଟା କରନ୍ତି ଏବଂ ବହୁ ଲୋକଙ୍କର ସମବେତ ଓ ସୁସଂଗଠିତ ଚେଷ୍ଟା ଫଳରେ ଅନେକ ଅସାଧ୍ୟ ସାଧନ ହୋଇଥାଏ। ଯାହାହେଉ, ଅବତାର ମହାପୁରୁଷଙ୍କ ଭୂତ-ମହେଶ୍ୱର ଭାବ କିନ୍ତୁ ତାଙ୍କୁ ଅନୁସରଣ କରିଲେ ହିଁ ବୁଝାଯାଏ। ମ୍ୟାନ ହୁଡ ଟୁ ଗଡ଼ ହୁଡ଼ (ମନୁଷ୍ୟତ୍ୱରୁ ଈଶ୍ୱରତ୍ୱକୁ) ପ୍ରୋସିଡ୍ ନକରିଲେ (ଅଗ୍ରସର ନହେଲେ) ଗଡ଼ହୁଡ଼ (ଈଶ୍ୱରତ୍ୱ) ବୁଝାଯାଏ ନାହିଁ, ତତ୍ ସମ୍ବନ୍ଧରେ ଅଳୀକ ମନଗଢ଼ା କଳ୍ପନାହିଁ ସାର ହୋଇଥାଏ।

ଜୀବନ ଗତିଶୀଳ, ଏକ ପ୍ରବହମାନ ଧାରା। ଏହି ଧାରାରେ ଧାବିତ ସକଳ ଜୀବଜଗତ, ମାତ୍ର ଧାବମାନ ଜୀବନକୁ ସୁନିୟନ୍ତ୍ରିତ କରି ନପାରିଲେ ଜନ୍ମ ନିରର୍ଥକ ହୋଇଯାଏ। ଜୀବନକୁ ସୁନିୟନ୍ତ୍ରିତ କରିବା ଲାଗି ସଦ୍‌ଗୁରୁଙ୍କ ଶରଣାପନ୍ନ ହେବା ଅପରିହାର୍ଯ୍ୟ। ସଦ୍‌ଗୁରୁଙ୍କ ନିର୍ଦ୍ଦେଶିତ ପଥରେ ଜୀବନକୁ ଚଳାଇପାରିଲେ ଜୀବନ ହୋଇଉଠେ ସମୁନ୍ନତ, ସୁମଧୁର। ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର 'ସତ୍ୟାନୁସରଣ'ରେ ଉଲ୍ଲେଖ କରିଛନ୍ତି - 'ସଦ୍‌ଗୁରୁଙ୍କ ଶରଣାପନ୍ନ ହୁଅ, ସତନାମ ମନନ କର ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟକରି କହୁଛି ତୁମର ଉନ୍ନୟନ ପାଇଁ ତୁମକୁ ଆଉ ଚିନ୍ତା କରିବାକୁ ପଡ଼ିବ ନାହିଁ।' ଏ ଉନ୍ନୟନ ଉଭୟ ଭୌତିକ ଓ ଆତ୍ମିକ। ଆତ୍ମିକ ଉନ୍ନତି ବିନା କେବଳ ଭୌତିକ ଉନ୍ନତି ମୂଳହୀନ। ପୁଣି ଉଚ୍ଚ ବା ଶ୍ରେଷ୍ଠଜନଙ୍କ ପ୍ରତି ଶ୍ରଦ୍ଧାଭକ୍ତି ବିନା ଉନ୍ନତି ସମ୍ଭବ ନୁହେଁ। କେତେକେ କହନ୍ତି, 'ପ୍ରଭୁ ତୁମେ ମୋର'। ଏହାର ଅର୍ଥ ପ୍ରଭୁ ତୁମେ କେବଳ ମୋର, ତୁମେ ଆଉ କାହାର ନୁହଁ। ଅବଶ୍ୟ ଏଠାରେ ସଂକୀର୍ଣ୍ଣ ସ୍ୱାର୍ଥପରତାର ଝଲକ ଫୁଟି ଉଠେ। କାରଣ ଏଭଳି କହୁଥିବା ବ୍ୟକ୍ତି ଚାହେଁ ପ୍ରଭୁ କେବଳ ତା'ରି କଥା ଶୁଣନ୍ତୁ, ତାରି ଅଭୀଷ୍ଟ ପୂରଣ କରନ୍ତୁ। ଅପରପକ୍ଷରେ 'ମୁଁ ତୁମର' କହିଲେ - ସମର୍ପଣର ଭାବ ପ୍ରକଟିତ ହୁଏ। ତେଣୁ ଠାକୁରଙ୍କ ପାଖରେ ସମର୍ପିତ ହେବାକୁ ହେଲେ - 'ମୁଁ ତୁମର' ଭାବଟିକୁ ନିଜ ଭିତରେ ଆରୋପିତ କରିବାକୁ ପଡ଼ିବ। ଏହା ହୋଇପାରିଲେ ଅହଙ୍କାର, ଆତ୍ମମ୍ଭରିତା ଉପରେ ନିୟନ୍ତ୍ରଣ ଆସିପାରିବ, ନିଜ ଭିତରେ ବିନୟସମନ୍ୱିତ ଭାବ ଗଜେଇ ଉଠିବ। ବ୍ୟକ୍ତିର ପ୍ରକୃତ ବ୍ୟକ୍ତିତ୍ୱ ପ୍ରସ୍ଫୁଟିତ ହୋଇପାରିବ।

ବର୍ତ୍ତମାନ ସମୟରେ ବ୍ୟକ୍ତିର ଜୀବନ ବହୁ ସଙ୍କଟ ଦେଇ ଗତି କରୁଛି। ଅବିଶ୍ୱାସ, ସ୍ୱାର୍ଥପରତା, ହିଂସା, ଅପରାଧ ଭୟଙ୍କର ଭାବରେ ସମାଜକୁ କଳୁଷିତ କରୁଛି ଓ ଆହୁରି ତୀବ୍ର ରୂପ ଗ୍ରହଣ କରିବାର ଆଭାସ ମିଳୁଛି। ବ୍ୟକ୍ତିର ଉନ୍ନତି କେବଳ ଭୌତିକ ଉନ୍ନତିରେ ସୀମିତ ହୋଇଯାଉଛି। ଅର୍ଥନୈତିକ ଉନ୍ନତି ସହିତ ଚରିତ୍ରର ଅବନତି ତାଳ ମିଳାଇ ଚାଲିଛି। ବ୍ୟକ୍ତିର ଜୀବନ ଆହର, ନିଦ୍ରା ଓ ମୈଥୁନ ମଧ୍ୟର ସୀମାବଦ୍ଧ ହୋଇଯାଉଛି। ଧର୍ମକୁ ବାଦ ଦେଇ ପ୍ରକୃତ ଉନ୍ନତି ସମ୍ଭବ ନୁହେଁ। ପ୍ରକୃତ ଧର୍ମ କିନ୍ତୁ ସଂପ୍ରଦାୟର ଊର୍ଦ୍ଧ୍ୱରେ। ଏହି ଧର୍ମ କିନ୍ତୁ ଜୀବନ୍ତ ହୋଇଥାଏ ସଦ୍‌ଗୁରୁଙ୍କ ଠାରେ। ଅତଏବ ସଦ୍‌ଗୁରୁଙ୍କୁ ବାଦ ଦେଇ ଓ ଧର୍ମକୁ ବାଦ ଦେଇ କେବେ ପ୍ରକୃତ ଉନ୍ନତି ହୋଇପାରେନା। ଶ୍ରୀ ଶ୍ରୀ ଠାକୁର ପୁଣ୍ୟପୁଥିରେ ଭାବସମାଧି ଅବସ୍ଥାରେ ଅମୋଘ ଆଶ୍ୱାସନା ଦେଇ କହିଛନ୍ତି, 'ଥରେ ପରମାତ୍ମାଙ୍କ ଭାବରେ ଭାବିତ ହୁଅ, ତୁମର ସବୁ ଜ୍ୱାଳା ଯନ୍ତ୍ରଣା ମୋ ହାତ ଦେଇ ପୋଛି ଦେବି।' 'ଚଲାର ସାଥୀ'ରେ ଉଲ୍ଲେଖ ରହିଛି ଦୁଃଖ ଓ ଅଭାବକୁ ଅତିକ୍ରମ କରି ସହଜ ସରଳ ଜୀବନ ଯାପନ କରିବା ଓ ସୁଖଶାନ୍ତିରେ ବଞ୍ଚିବା ସମ୍ଭବ ହୁଏ ସଦ୍‌ଗୁରୁଙ୍କୁ ନିଜ ଜୀବନର କେନ୍ଦ୍ର କରି। ସଦ୍‌ଗୁରୁଙ୍କର ପ୍ରତିଷ୍ଠା ଭିତର ଦେଇ ଧର୍ମର ପ୍ରତିଷ୍ଠା ହୁଏ ଓ ସମାଜର ମଙ୍ଗଳ ହୁଏ। ସେଥିପାଇଁ ନିଜକୁ ତିଆରି କରିବା ନିତାନ୍ତ ଆବଶ୍ୟକ। ଶ୍ରୀ ଶ୍ରୀ ଠାକୁରଙ୍କର କଥାରେ - 'ତୁମେ ଜାଣ ବା ନ ଜାଣ ପାର ବା ନପାର - ଅବ୍ୟାହତ ଥାଉ, - ସିଦ୍ଧିର ପଥ ଖୋଜିନିଅ - କୃତାର୍ଥ ହେବ, କୃତକାର୍ଯ୍ୟତା ଆସିବ; ଆଉ, ତୁମର ପ୍ରତିଷ୍ଠା ତୁମର ଆଦର୍ଶକୁ ପ୍ରତିଷ୍ଠିତ କରିବ ହିଁ - ନିଶ୍ଚୟ ଜାଣ।'

ସହପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭

## କବିତା କୋଣାର୍କ

### ଆସିଲା ଟ୍ରଂପ
**ଗଜାନନ ମିଶ୍ର**

ରଖ, ରଖିଥାଅ ତୁମର
କ୍ଷୋଭ ତୁମର ଅସନ୍ତୋଷ
ତୁମ ଭିତରେ।
ଆସିଲା ହେଇ ଟ୍ରଂପ,
ଆସି ପହଂଚିଗଲା ଏଠାରେ।

ଗାଇବାର ଅଛି ତ
ଗାଇପାର ଗୀତ
ଗାଧୁଆଘରେ।
ହାୱାମହଲ ଗଢିପାର
ଭିତରେ ଭିତରେ।

ଅନର୍ଥରେ କରିପାର
ବିନିଯୋଗ ଅର୍ଥ।
ନାଚିପାର ମନକୁ ମନ,
ଖେଳିପାର ମନ ମୁତାବକ,
କହିପାର ମୁକ୍ତଭାବେ
ମୁକ୍ତଛନ୍ଦରେ ସବୁ ଶବ୍ଦ।

ଏ ପୃଥିବୀ ତୁମର,
କିଣ, ଝୁଣ, ଆଉ ଆଉ
ଯାହା ଯେମିତି କରିପାର।
ସମୟକୁ ଶୁଣ,
କଣଠେସା ନ ହୁଅ ଯେମିତି
ଥାଅ ସତର୍କ!

ଅବଶ୍ୟ ଦେଖାଅ ଶକ୍ତି,
ଅବଶ୍ୟ କର ପରୀକ୍ଷା
ସତମିଛର, ଯୁଦ୍ଧଶାନ୍ତିର।
ଦେଶୀ ବିଦେଶୀ, କଳାଧଳା,
ଭିନ୍ନାଭିନ୍ନ ସବୁ କରିପାର।
ଆଉ କଲାବେଳେ ଦେଖ
ଯେମିତି ନ ହୁଅ ଅଲଗା,
ରହି ନ ଯାଅ ଏକଘରିଆ।

ତପୋବନ, ଟିଟିଲାଗଡ-
୭୬୭୦୩୩

### ମାଗୁଣି
**ବିଶ୍ୱନାଥ କର**



ଯେତେ ଅରଜିଲେ
ଯେମିତି ପୁରୁନାହିଁ ପେଟ

ସେମିତି ସେତେ ଗାଇଲେବି
ନସରୁ ତୁମରି ଗୀତ।

ମୋ ହାତେ ଦିଅ ପଛେ
ଭିକ୍ଷାଥାଳ ପେଟ ପାଇଁ
ସେଇ ମୋର ସୁଖ,

ହେଲେ, ଦିଅ ନାହିଁ ଐଶ୍ୱର୍ଯ୍ୟ ଶିରି
କାଳେ ତୁମକୁ ମୁଁ ଯିବି ଭୁଲି
ଏତିକି ମୋ ଦୁଃଖ।

ଚଞ୍ଚଳା ନିବାସ
ପ୍ରତାପ୍ ପୁର, ନାଲଗୁଣ୍ଡା,ମତୋ
ଭଦ୍ରକ ୭୫୬୧୩୨
ମୋ:୯୯୩୭୪୯୮୬

### ଏମିତି କାହିଁକି ହୁଏ
**ଜଗଦୀଶ ସାହୁ**



ପୁଅ ବାହାକରି ବୋହୂ ଆଣିବାକୁ
ଯେଉଁ ମାଆ ଭାବିଥାଏ
ସେଇ ମାଆ ପୁଣି ବୋହୂ ଟିଏ ଆଣି
ପୁଅଠାରୁ ଭିନେ ଖାଏ।

ପୁଅକୁ ମଣିଷ କରିବାକୁ ଯେଉଁ
ବାପା ସ୍ୱପ୍ନ ଦେଖୁଥାଏ
ସେଇ ପୁଅଠାରୁ ତଡ଼ାଖାଇ ବାପା
ବୃଦ୍ଧାଶ୍ରମେ ଚାଲି ଯାଏ।

ଝିଅର ନିର୍ବନ୍ଧ ସାରି ଯେଉଁବାପା
ଖୁସିରେ ବିଭୋର ଥାଏ
ସେଇ ଝିଅ ମାଆବାପାଙ୍କ ମହତ
ବୁଡେଇ ପଳେଇ ଯାଏ।

ଯେଉଁ ଭଉଣୀଟି ସରାଗରେ ରାକ୍ଷୀ
ବାନ୍ଧି ଭାଇ ଗୁଣ ଗାଏ
ସେଇ ଭାଇ ଦିନେ ଭଉଣୀର ବଡ଼
ଭଗାରୀ ପାଲଟି ଯାଏ।

ଯେଉଁ ବୋହୂ ଦିନେ ସାବିତ୍ରୀ
ବ୍ରତରେ
ସ୍ୱାମୀ ପାଦ ପୂଜିଥାଏ
ସେଇ ବୋହୂ ସ୍ୱାମୀ, ଛୁଆ
ତ୍ୟାଗକରି
ପର ପୁରୁଷରେ ଯାଏ।

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ : ୯୦୭୮୧୮୫୬୧୬

# ଆସିଲା ଫିଲ୍ମ 'ରାମାୟଣ'ର ପ୍ରଥମ ଝଲକ; ଏହି ଦିନ ହେବ ପ୍ରଥମ ଭାଗ ରିଲିଜ୍




ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ରାମାୟଣ' ପାଇଁ ବଲିଉଡ୍ ତାରକା ରଣବୀର କପୁର ଗତ କିଛି ଦିନ ହେବ ହେଡଲାଇନ୍‌ରେ ରହିଆସିଛନ୍ତି। ଏଥିରେ ସେ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ନଜର ଆସିବେ। ଏଥିପାଇଁ ରଣବୀର ବହୁତ ପରିଶ୍ରମ ମଧ୍ୟ କରୁଛନ୍ତି। ଯେଉଁଠାରେ ସାଉଥ୍ ଅଭିନେତ୍ରୀ ସାଇ ପଲ୍ଲଭୀ ମାତା ସୀତା ଭୂମିକାରେ ଅଭିନୟ କରୁଛନ୍ତି।

ଏହାରି ଭିତରେ 'ରାମାୟଣ'ର ପ୍ରଥମ ପୋଷ୍ଟର ବୁଧବାର ରିଲିଜ୍ ହୋଇଛି ଏବଂ ଫିଲ୍ମର ରିଲିଜ ତାରିଖ ମଧ୍ୟ ଘୋଷଣା କରାଯାଇଛି। ତେବେ ରଣବୀର କପୁରଙ୍କ 'ରାମାୟଣ' ଦେଖିବାକୁ ଦର୍ଶକଙ୍କୁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡିବ।

ପ୍ରାଇମ୍ ଫୋକସ୍ ଷ୍ଟୁଡିଓର ପ୍ରତିଷ୍ଠାତା ତଥା ଗ୍ଲୋବାଲ୍ ସିଇଓ ନାମିତ ମଲହୋତ୍ରା 'ରାମାୟଣ'ର ପ୍ରଥମ ପୋଷ୍ଟରର ଝଲକ ଦେଖାଇଛନ୍ତି। ସେ ଫିଲ୍ମର ପୋଷ୍ଟର ନିଜ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଶେୟାର କରିଛନ୍ତି ଯେଉଁଥିରେ ରିଲିଜ୍ ତାରିଖ ମଧ୍ୟ ଲେଖାଯାଇଛି। ଏହା ବ୍ୟତୀତ 'ରାମାୟଣ' ଦୁଇଟି ଭାଗରେ ମୁକ୍ତିଲାଭ କରିବ ବୋଲି ମଧ୍ୟ ସ୍ପଷ୍ଟ ହୋଇଛି। ପୋଷ୍ଟରର ଝଲକରୁ ଜଣାଯାଇଛି ଯେ ଫିଲ୍ମର ପ୍ରଥମ ଭାଗ ଦୀବାବଳୀ ୨୦୨୬ରେ ମୁକ୍ତିଲାଭ କରିବ। ସେହିପରି ଦ୍ୱିତୀୟ ଭାଗ ୨୦୨୭ ମସିହା ଦୀପାବଳି ଅବସରରେ ମୁକ୍ତିଲାଭ କରିବ। ତେବେ ଏହି ପୋଷ୍ଟରରେ ରଣବୀର କପୁର ଏବଂ ସାଇ ପଲ୍ଲଭୀଙ୍କ ଲୁକ୍ ଶେୟାର କରାଯାଇ ନାହିଁ।

'ରାମାୟଣ'ର ପୋଷ୍ଟର ଶେୟାର କରିବାବେଳେ ନାମିଲ ମଲହୋତ୍ରା କ୍ୟାପସନ୍‌ରେ ଲେଖିଛନ୍ତି, "ଏକ ଦଶନ୍ଧିରୁ ଅଧିକ ଦିନ ପୂର୍ବରୁ, ମୁଁ ଏହି ମହାନ ମହାକାବ୍ୟକୁ ଏକ ବଡ଼ ପରଦାରେ ଆଣିଥିଲି, ଯାହା ଗତ ୫୦୦୦ ବର୍ଷ ଧରି ଲକ୍ଷ ଲକ୍ଷ ହୃଦୟକୁ କରି ଆସୁଛି। ଆଜି ମୁଁ ବହୁତ ଖୁସି ଯେ ଏହି ସ୍ୱପ୍ନ ସାକାର ହେଉଛି।"

ସେ ଆହୁରି ମଧ୍ୟ ଲେଖିଛନ୍ତି, "ଆମ ଟିମ୍ ଦିନରାତି କଠିନ ପରିଶ୍ରମ କରୁଛି। କେବଳ ଗୋଟିଏ ଲକ୍ଷ୍ୟ ସହିତ ଆମର ଇତିହାସ, ଆମର ସତ୍ୟ, ଏବଂ ଆମର ସଂସ୍କୃତି, ଆମର ରାମାୟଣ, ବିଶ୍ୱର ଲୋକମାନଙ୍କୁ ସବୁଠାରୁ ପ୍ରାମାଣିକ, ପବିତ୍ର ଏବଂ ସୁନ୍ଦର ରୂପରେ ଉପସ୍ଥାପିତ କରାଯିବାର ଅଛି।"

ଖବର ଅନୁଯାୟୀ ରଣବୀର କପୁର ଏବଂ ସାଇଙ୍କ ବ୍ୟତୀତ ସାଉଥ୍ ସୁପରଷ୍ଟାର ୟଶ୍‌ଙ୍କୁ ମଧ୍ୟ 'ରାମାୟଣ'ରେ ଦେଖିବାକୁ ମିଳିବ। ସେ ଏହି ଚଳଚ୍ଚିତ୍ରରେ ରାବଣ ଭୂମିକାରେ ଅଭିନୟ କରିବେ। କୈକେୟୀଙ୍କ ଭୂମିକାରେ ଲାରା ଦତ୍ତ ଅଭିନୟ କରିବେ। ସନି ଦେଓଲ ହନୁମାନଙ୍କ ଭୂମିକାରେ ନଜର ଆସିବେ। ରାମାୟଣର ରାମ



ଅରୁଣ ଗୋଭିଲ୍ ରାଜା ଦଶରଥଙ୍କ ଭୂମିକାରେ ନଜର ଆସିବେ। ସେହିପରି ଶିବା ଚଡ୍ଢା ମନ୍ଥରା ଭୂମିକାରେ ନଜର ଆସିବେ। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ନୀତୀଶ ତିୱାରୀ, ଯିଏ ପୂର୍ବରୁ ଆମୀର ଖାନଙ୍କ ସହ ସର୍ବକାଳୀନ ବ୍ଲକବଷ୍ଟର 'ଦଙ୍ଗଲ' କରିଥିଲେ।

# 'ଶକ୍ତିମାନ'ର ସୁଟିଂ ସମୟରେ ଏପରି ଥିଲେ ମୁକେଶ ଖନ୍ନା



ଅଭିନେତା ମୁକେଶ ଖନ୍ନା ତାଙ୍କ ରୋକଠୋକ ବୟାନ ପାଇଁ ଚର୍ଚ୍ଚାର ପରିସରରେ ରହିଛନ୍ତି। ନିକଟରେ ମୁକେଶ ଖନ୍ନାଙ୍କୁ ନେଇ ଅଭିନେତ୍ରୀ ବୈଷ୍ଣବୀ କହିଛନ୍ତି, 'ସୁଟିଂ ସମୟରେ ମୁକେଶ ଖନ୍ନାଙ୍କ ସ୍ୱଭାବ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ମୁକେଶ ସାରଙ୍କ ସହିତ କାମ କରିବାର ଅନୁଭବ ସମ୍ପୂର୍ଣ୍ଣ ଭିନ୍ନ ରହିଛି। ମୁଁ ସିନେମାରରେ କାମ କରିଥିଲି କିନ୍ତୁ ଟେଲି ପରଦାରେ କାମ କରିବାର ଅନୁଭବ ନୂଆ ଥିଲା। ମୁଁ ଅଭିନୟ ଦୁନିଆରେ ସେ ପରିସ୍ଥିତି ଦେଇ ଗତି କରିଛି। ଯେଉଁଠାରେ ମହିଳାଙ୍କ ଉପରେ ଚାପ ପକାଯାଇଥାଏ। ତାଙ୍କ ସହିତ ଖରାପ ବ୍ୟବହାର କରାଯାଇଥାଏ।

ମୁଁ ବି ଅଭିନୟ ଦୁନିଆରେ କାଷ୍ଟିଂ କାଉଚର ଶିକାର ହୋଇଛି। କିନ୍ତୁ ଯେତେବେଳେ ମୋତେ 'ଶକ୍ତିମାନ' ସୋ' ପାଇଁ ଅଫର ମିଳିଥିଲା ମୁଁ ଖୁସି ହୋଇଯାଇଥିଲି। କିନ୍ତୁ ମୋ କୋ-ଷ୍ଟାର କିପରି ଥିବେ ଭାବି ମନରେ ଭୟ ରହିଥିଲା। ସୁଟିଂ ପ୍ରଥମେ ଦିନରେ ମୁକେଶ ଖନ୍ନାଙ୍କ ସ୍ୱଭାବ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ଦୁନିଆରେ ଏମିତି ବି ଲୋକ ଥାଇ ପାରନ୍ତି ବିଶ୍ୱାସ ହୋଇ ନଥିଲା। ସେ 'ଶକ୍ତିମାନ' ଧାରାବାହିକରୁ ଆଲିଙ୍ଗନ ଓ ରୋମାଣ୍ଟିକ ସିନକୁ ସମ୍ପୂର୍ଣ୍ଣ ଭାବେ କାଟି ଦେଇଥିଲେ।

୨ବର୍ଷ କାମ କରିବା ପରେ ମୋତେ ସେ ଭଲଭାବେ ଜାଣିବା ପରେ ହିଁ ପ୍ରଥମଥର ହାତ ଧରିବାର ଏକ ଦୃଶ୍ୟର ସୁଟିଂ କରିଥିଲେ। ସେ ମହିଳାଙ୍କ ଠାରୁ ୧୦ପାଦ ଦୂରରେ ରହୁଥିଲେ।

ଏବେ ସେ ଦେଉଥିବା ମନ୍ତବ୍ୟକୁ ନେଇ ମୋର କୌଣସି ପ୍ରତିକ୍ରିୟା ନାହିଁ। କିନ୍ତୁ ଶକ୍ତିମାନ ସୁଟିଂ ସମୟରେ ମୁକେଶ ଖନ୍ନାଙ୍କ ଠାରୁ ଯେଉଁ ସମ୍ମାନ ପାଇଛି ତାହା ମୁଁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାକ୍ରମ ହେଉ ଅବା ସୋ' କି ଧାରାବାହିକ କି ସିନେମାରେ ପାଇ ପାରି ନାହିଁ।'

# ସଲ୍‌ମାନ ଖାନଙ୍କ ପୂର୍ବତନ ପ୍ରେମିକାଙ୍କ ଚାଞ୍ଚଲ୍ୟକର ବୟାନ

ବଲିଉଡ ଅଭିନେତା ସଲମାନ ଖାନଙ୍କ ପୂର୍ବତନ ପ୍ରେମିକା ସୋମି ଅଲି ତାଙ୍କ ବୟାନ ପାଇଁ ଚର୍ଚ୍ଚାରେ ରହିଛନ୍ତି। କାରଣ ସୋମି କିଛିଦିନ ହେବ ଆଶ୍ଚର୍ଯ୍ୟଜନକ ଦାବିମାନ କରୁଛନ୍ତି। ନିକଟରେ ସୋମି ଅଲି ସଲମାନ ଖାନ ଏବଂ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ସମ୍ପର୍କକୁ ନେଇ ଅନେକ ଆଶ୍ଚର୍ଯ୍ୟଜନକ ଦାବି କରିଥିଲେ। ସମ୍ପ୍ରତି ସେ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ସୋମି ଦାବି କରି କହିଛନ୍ତି, 'ସୁଶାନ୍ତ ଆତ୍ମହତ୍ୟା କରିନାହାଁନ୍ତି, ତାଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୁପ ଦିଆଯାଇଥିଲା। ଏମ୍ସ ଡାକ୍ତର ସୁଧୀର ଗୁପ୍ତା ସୁଶାନ୍ତଙ୍କ ବ୍ୟବଛେଦ ରିପୋର୍ଟ ବଦଳାଇ ଦେଇଥିଲେ। ସେ ଏପରି କାହିଁକି କରିଥିଲେ ତାଙ୍କୁ ଠାରୁ ଜବାବ ଅଣାଯାଉ।' ସୁଶାନ୍ତ ସିଂ ରାଜପୁତଙ୍କର ଚାରି ବର୍ଷ ପୂର୍ବେ ମୃତ୍ୟୁ ହୋଇଥିଲା। ସୁଶାନ୍ତଙ୍କ ମୃତ୍ୟୁର ଚାରି ମାସ ପରେ ଏମ୍ସ ମେଡିକାଲ ବୋର୍ଡ ସୁଶାନ୍ତଙ୍କୁ ହତ୍ୟା କରାଯାଇ ନଥିବା ସ୍ପଷ୍ଟ କରିଥିଲା। ସୁଶାନ୍ତ ଦୌଡ଼ି ଦେଇ ଆତ୍ମହତ୍ୟା କରିଥିବା କୁହାଯାଇଥିଲା। କାରଣ ସୁଶାନ୍ତଙ୍କ ଶରୀରରେ ଦୌଡ଼ି ଚିହ୍ନ ବ୍ୟତୀତ ଆଉ କୌଣସି ଚିହ୍ନ ରହି ନଥିଲା।

# ବିଦେଶରେ କମାଲ କଲା 'ପୁଷ୍ପା ୨': ରିଲିଜ୍ ପୂର୍ବରୁ ଭାଙ୍ଗିଲା ରେକର୍ଡ




ପୁଷ୍ପା ୨: ଦି ରୁଲ୍' ଭାରତରେ ରିଲିଜ୍ ହେବା ପୂର୍ବରୁ ଅନେକ ରେକର୍ଡ ଭାଙ୍ଗିଛି। ଆମେରିକାରେ ଏହି ଚଳଚ୍ଚିତ୍ରର ୧୫,୦୦୦ରୁ ଅଧିକ ଟିକେଟ ବିକ୍ରି ହୋଇଥିବା ଜଣାଯାଇଛି। ଏଭଳି କରିବାରେ 'ପୁଷ୍ପା ୨: ଦି ରୁଲ୍' ଦ୍ରୁତତମ ଭାରତୀୟ ଚଳଚ୍ଚିତ୍ର ହୋଇପାରିଛି । ଜାତୀୟ ପୁରସ୍କାର ବିଜେତା ଟଲିଉଡ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା ୨' ରିଲିଜକୁ ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ସୁକୁମାରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ଡିସେମ୍ବର ୫ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଏହି ଚଳଚ୍ଚିତ୍ରଟି ୬ଟି ଭାଷାରେ ମୁକ୍ତିଲାଭ କରିବ । ଫିଲ୍ମଟି ରିଲିଜ୍ ପୂର୍ବରୁ କୋଟି କୋଟି ଟଙ୍କା ଆୟ କରିଥିବା ବେଳେ ଏବେ ଅଲ୍ଲୁ ଅର୍ଜୁନ ଫିଲ୍ମ ଆମେରିକାରେ ଧମାଲ କରିଥିବା ଜଣାଯାଇଛି। 'ପୁଷ୍ପା ୨: ଦି ରୁଲ୍' ଭାରତରେ ରିଲିଜ୍ ହେବା ପୂର୍ବରୁ ଅନେକ ରେକର୍ଡ ଭାଙ୍ଗିଛି। ଆମେରିକାରେ ଏହି ଚଳଚ୍ଚିତ୍ରର ୧୫,୦୦୦ରୁ ଅଧିକ ଟିକେଟ ବିକ୍ରି ହୋଇଥିବା ଜଣାଯାଇଛି। ଏଭଳି କରିବାରେ 'ପୁଷ୍ପା ୨: ଦି ରୁଲ୍' ଦ୍ରୁତତମ ଭାରତୀୟ ଚଳଚ୍ଚିତ୍ର ହୋଇପାରିଛି । ନିର୍ମାତାମାନେ ଏହାର ଘୋଷଣା ସହିତ ଏକ ନୂତନ ପୋଷ୍ଟର ସେୟାର କରିଛନ୍ତି ଏବଂ ଲେଖିଛନ୍ତି - 'ଗୋଟିଏ ପରେ ଗୋଟିଏ ରେକର୍ଡ ଭାଙ୍ଗୁଛି। ୯ପୁଷ୍ପା୨ ଆମେରିକାରେ ୧୫ହଜାରରୁ ଅଧିକ ଟିକେଟ୍ ବିକ୍ରି କରିବାରେ ଦ୍ରୁତତମ ଭାରତୀୟ ଚଳଚ୍ଚିତ୍ର ହୋଇପାରିଛି। ଡିସେମ୍ବର ୪ରେ ଆମେରିକାରେ ପ୍ରିମିୟର୍ ହେବ ଏବଂ ଡିସେମ୍ବର ୫,୨୦୨୪ରେ ବିଶ୍ୱସ୍ତରୀୟ ରିଲିଜ୍ ହେବ । ଯଦି ଆମେ 'ପୁଷ୍ପା-୨'ର ଟ୍ରାକ୍ ରେକର୍ଡକୁ ଦେଖିବା, ତେବେ ଏହି ଚଳଚ୍ଚିତ୍ରର ରିଲିଜ୍ ତାରିଖ ଅନେକ ଥର ପରିବର୍ତ୍ତନ କରାଯାଇଛି । ପ୍ରଥମେ ଏହି ଚଳଚ୍ଚିତ୍ର ଜୁନ୍ ୨୦୨୪ରେ ମୁକ୍ତିଲାଭ କରିବାର ଥିଲା । କିନ୍ତୁ ଏହା ପରେ ଅଗଷ୍ଟକୁ ଘୁଞ୍ଚିଥିଲା । ହେଲେ କାମ ନସରିବାରୁ ଏହା ପୁଣି ଡିସେମ୍ବର ୬କୁ ଘୁଞ୍ଚିଥିଲା । ହେଲେ ଏବେ ଆହୁରି ଆଗକୁ ନ ଘୁଞ୍ଚାଇ ନିର୍ମାତା ଏହାକୁ ଧାର୍ଯ୍ୟ ତାରିଖର ଗୋଟେ ଦିନ ଆଗୁଆ ରିଲିଜ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

# ଲେଖକମାନଙ୍କ ପାଇଁ 'ଦି ସ୍କ୍ରିପ୍ଟ କ୍ରାଫ୍ଟ' ୱେବସାଇଟ ଲଞ୍ଚ କଲେ ପ୍ରଭାସ



ଲେଖକମାନଙ୍କୁ ସମର୍ଥନ କରିବା ପାଇଁ ସାଉଥ୍ ସୁପରଷ୍ଟାର ପ୍ରଭାସ 'ଦି ସ୍କ୍ରିପ୍ଟ କ୍ରାଫ୍ଟ' ନାମକ ଏକ ୱେବସାଇଟ୍ ଲଞ୍ଚ କରିଛନ୍ତି। ଏହି ସାଇଟରେ ଯେକେହି ସେମାନଙ୍କର କାହାଣୀ ଏବଂ ଧାରଣା ପଠାଇ ପାରିବେ । ଯଦି ଆପଣ ମଧ୍ୟ ଭାବୁଛନ୍ତି ଯେ ଆପଣ ଚଳଚ୍ଚିତ୍ର ପାଇଁ କାହାଣୀ ଲେଖିପାରିବେ ବା ଆପଣଙ୍କ ପାଖରେ କାହାଣୀ କହିବାର ଦକ୍ଷତା ଅଛି ତେବେ 'ଦି ସ୍କ୍ରିପ୍ଟ କ୍ରାଫ୍ଟ' ଆପଣଙ୍କ ପାଇଁ ଉପଯୋଗୀ ହେବ । ଲେଖକମାନଙ୍କୁ ସମର୍ଥନ ଏବଂ ଉତ୍ସାହିତ କରିବା ପାଇଁ 'ସ୍କ୍ରିପ୍ଟ କ୍ରାଫ୍ଟ' ନାମକ ଏକ ୱେବସାଇଟ୍ ପ୍ରଭାସ ଲଞ୍ଚ କରିଥିବା ଜଣାଯାଇଛି। 'ସ୍କ୍ରିପ୍ଟ କ୍ରାଫ୍ଟ'ରେ ଲେଖକମାନେ ସେମାନଙ୍କର କାହାଣୀ ସେୟାର କରିବା ସହ ସେମାନଙ୍କର ସୃଜନଶୀଳତା ପ୍ରଦର୍ଶନ କରିବାକୁ ସମର୍ଥ ହେବେ। ଏହା ସହ କୋଟି କୋଟି ଦର୍ଶକଙ୍କ ପାଖରେ ପହଞ୍ଚିବାକୁ ମଧ୍ୟ ସକ୍ଷମ ହେବେ । ପ୍ରଭାସ ଇନଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରି 'ସ୍କ୍ରିପ୍ଟ କ୍ରାଫ୍ଟ'ର ଶୁଭାରମ୍ଭ ବିଷୟରେ ସୂଚନା ଦେଇଛନ୍ତି। ଏହା ସହିତ ସେ କ୍ୟାପସନରେ ଲେଖିଛନ୍ତି, 'ନିଜ କାହାଣୀ ସେୟାର କର ଏବଂ ଏହି ପ୍ଲାଟଫର୍ମରେ ଜଗତକୁ ପ୍ରେରଣା ଦିଅ, ଯେଉଁଠାରେ ଲେଖକମାନେ ସେମାନଙ୍କର ଶବ୍ଦକୁ ଜୀବନ୍ତ କରନ୍ତି ଏବଂ ଏହାକୁ ବାସ୍ତବତାରେ ପରିଣତ କରିବାକୁ ଦର୍ଶକମାନେ ଭୋଟ୍ ଦିଅନ୍ତି। ଏହି ଆନ୍ଦୋଳନରେ ଯୋଗ ଦିଅନ୍ତୁ। ସ୍କ୍ରିପ୍ଟ କ୍ରାଫ୍ଟ ଦଳକୁ ଶୁଭେଚ୍ଛା!'



# ଏତେ କୋଟିର ମାଲିକାଣୀ ଅଭିନେତ୍ରୀ ସାଇ ପଲ୍ଲବୀ

ଏବେ ଉଭୟ ବଲିଉଡ ଓ ସାଉଥ୍ ଷ୍ଟାର ପରସ୍ପର ସହ କାମ କରିବା ଆରମ୍ଭ କରିଛନ୍ତି। ବଲିଉଡ ତାରକାମାନେ ସାଉଥ୍ ଫିଲ୍ମରେ କାମ କରୁଥିବା ବେଳେ ସାଉଥ୍ ଷ୍ଟାରମାନେ ବଲିଉଡରେ ଡେବ୍ୟୁ କରିଛନ୍ତି। ନୟନତାରା, ବିଜୟ ସେଥୁପତି, ରାମଚରଣ, ଜୁନିୟର ଏନଟିଆର, କାଜଲ ଅଗ୍ରୱାଲ, ତାପସୀ ପନ୍ନୁ, କିଆରା ଆଡଭାନୀ, ପ୍ରଭାସଙ୍କ ଭଳି କଳାକାର ବଲିଉଡରେ ଡେବ୍ୟୁ କରିସାରିଥିବା ବେଳେ ଏବେ ଆଉ ଜଣେ ଲୋକପ୍ରିୟ ଅଭିନେତ୍ରୀ ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି। ପୌରାଣିକ ଚଳଚ୍ଚିତ୍ର ରାମାୟଣରେ ମାତା ସୀତାଙ୍କ ଭୂମିକାରେ ଅଭିନୟ କରିବା ପାଇଁ ସାଇ ପଲ୍ଲବୀଙ୍କୁ କାଷ୍ଟ କରାଯାଇଥିବା ବେଳେ ଏହି ଫିଲ୍ମ ପାଇଁ ସେ ନିଜ ପାରିଶ୍ରମିକ ଦ୍ୱିଗୁଣ କରିଥିବା ଜଣାପଡ଼ିଛି। ଫିଲ୍ମ ପାଇଁ ସେ ୧୦କୋଟି ନେଇଥିବା ସାମ୍ନାକୁ ଆସିଛି। ବର୍ଦ୍ଧିତ ପାରିଶ୍ରମିକ ସହ ଏବେ ଅଭିନେତ୍ରୀଙ୍କ ମୋଟ ସମ୍ପତ୍ତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସାଇ ପଲ୍ଲବୀଙ୍କ ମୋଟ ସମ୍ପତ୍ତି ପ୍ରାୟ ୪୭କୋଟି ଟଙ୍କା। ସେ ମାଲାୟାଲମ୍, ତେଲୁଗୁ ଏବଂ ତାମିଲ ସିନେମାରେ କାମ କରି ଟଙ୍କା ଆୟ କରନ୍ତି। ଏହା ସହ ସେ କିଛି ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ମଧ୍ୟ କରନ୍ତି । ସାଇ ନିକଟରେ ଅନେକ ମେକଅପ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟକୁ ପ୍ରତ୍ୟାଖ୍ୟାନ କରିଥିବାରୁ ଚର୍ଚ୍ଚାରେ ରହିଥିଲେ। ଯଦି ଆମେ ତାଙ୍କ କାର୍ କଲେକ୍ସନ ଦେଖିବା ତେବେ ତାଙ୍କ ପାଖରେ ମିତସୁବିସି ଲାନ୍ସର ଇଭୋ ଏକ୍ସ ଓ ଅଡି କ୍ୟୁ ୩ କାର୍ ରହିଛି।

# ଇନଷ୍ଟାଗ୍ରାମରେ କେବଳ ଜଣଙ୍କୁ ଫଲୋ କରିଛନ୍ତି ଐଶ୍ୱର୍ଯ୍ୟା ରାୟ



ବିଶ୍ୱସୁନ୍ଦରୀ ଐଶ୍ୱର୍ଯ୍ୟା ରାୟ ଏବଂ ଅଭିଷେକ ବଚ୍ଚନଙ୍କ ବିବାହ ବିଚ୍ଛେଦ ନେଇ ଦୀର୍ଘ ଦିନ ଧରି ଚର୍ଚ୍ଚା ଲାଗି ରହିଛି । ସୋସିଆଲ ମିଡିଆରେ ଏହି ବି-ଟାଉନ କପଲଙ୍କ ବୈବାହିକ ସମ୍ପର୍କ ଠିକଠାକ୍ ଚାଲିନଥିବା ନେଇ ନେଟିଜେନ୍ସ ବେଶ୍ ଚର୍ଚ୍ଚା କରୁଛନ୍ତି । ଏଥିସହିତ ଅଭିଶେକ ବଚ୍ଚନଙ୍କ ସହ ଅଭିନେତ୍ରୀ ନିମ୍ରତ କୌରଙ୍କ ନାମ ଯୋଡ଼ା ହେଉଛି । କିନ୍ତୁ ଅଭିଶେକ କିମ୍ବା ଐଶ ଏନେଇ ଏଯାଏଁ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି । ଉଭୟ ଅନେକ ଦିନ ହେଲା ଅଲଗା ଅଲଗା ରହୁଥିବା ଦେଖିବାକୁ ମିଳିଛି । ଐଶ୍ୱର୍ଯ୍ୟା ରାୟଙ୍କ କୋଟିକୋଟି ଫ୍ୟାନ୍ସ । ତାଙ୍କ ଇନଷ୍ଟାଗ୍ରାମ ଫଲୋର୍ସ ସଂଖ୍ୟା ଏବେ ୧୪.୩ ମିଲିୟନ । କିନ୍ତୁ ଆପଣ ଆଶ୍ଚର୍ଯ୍ୟ ହେବେ ଯେ, ଐଶ୍ୱର୍ଯ୍ୟା ଇନଷ୍ଟାଗ୍ରାମରେ କେବଳ ଜଣଙ୍କୁ ହିଁ ଫଲୋ କରିଛନ୍ତି । ଆଉ ସେହି ବ୍ୟକ୍ତି ଜଣଙ୍କ ହେଉଛନ୍ତି ତାଙ୍କ ସ୍ୱାମୀ ଅଭିଶେକ ବଚ୍ଚନ । ତେବେ ବିବାହ ବିଚ୍ଛେଦ ଖବର ମଧ୍ୟରେ ଏହି ଖବର କପଲଙ୍କ ସମ୍ପର୍କ ସମ୍ପୂର୍ଣ୍ଣ ଠିକ୍ ଥିବା ସୂଚାଉଛି । ଏବେ ବି ଐଶ୍ୱର୍ଯ୍ୟା ଏବଂ ଅଭିଶେକଙ୍କ ସମ୍ପର୍କ ମଧୁର ଅଛି ବୋଲି ଅନୁମାନ କରାଯାଉଛି ।

# 'ଯୁଗପ୍ରବର୍ତ୍ତକ'ର ଚାରିଦିନିଆ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ




ଭୁବନେଶ୍ୱର , ୦୭/୧୧ (ନି.ପ୍ର): "କଳା ଓ ସାହିତ୍ୟ ପରସ୍ପର ପରିପୂରକ। ସମାଜ ପରିବର୍ତ୍ତନରେ ଏହା ସେତୁସମ ସଂଯୋଗକାରୀ ଭୂମିକା ନିର୍ବାହ କରେ। ମଣିଷ ଜୀବନର ବ୍ୟଥା ଓ ଶୋଷଣ, କଷଣକୁ ଚିତ୍ରଶିଳ୍ପୀର ରଂଗତୁଳୀ ନିଖୁଣ ଭାବେ ଚିତ୍ରଣ କରୁ"ବୋଲି ସ୍ଥାନୀୟ ଗୀତଗୋବିନ୍ଦ ଭବନଠାରେ କଳା ଓ ସାହିତ୍ୟ ସମାରୋହର ମୁଖ୍ୟଅତିଥି ଭାବେ ଯୋଗଦାନ କରି ପ୍ରଥିତଯଶା କବି ଓ ବୈଜ୍ଞାନିକ ଡକ୍ଟର ଆଶୁତୋଷ ପରିଡ଼ା ମତବ୍ୟକ୍ତ କରିଛନ୍ତି । କଳା କେବଳ କଳା ପାଇଁ ନୁହେଁ ସାମାଜିକ ପ୍ରତିବଦ୍ଧତା ବଜାୟ ରଖୁ ବୋଲି ଡକ୍ଟର ପରିଡ଼ା କହିଥିଲେ। ଗଣ ସାଂସ୍କୃତିକ ମଂଚ ଓ ଯୁଗ ପ୍ରବର୍ତ୍ତକ ସାହିତ୍ୟ ପତ୍ରିକା ପକ୍ଷରୁ ଜୟଦେବ ଭବନ ପରିସରରେ ଆୟୋଜିତ ଚାରିଦିନିଆ ଚିତ୍ରକଳା ପ୍ରଦର୍ଶନୀକୁ ଶିଳ୍ପୀ ଗୁରୁ ବିଜୟ କୁମାର ପରିଡ଼ା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପତ୍ରିକାର ସମ୍ପାଦକ ରାଜେନ୍ଦ୍ର ବର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହିକଳା ଓ ସାହିତ୍ୟ ସମାରୋହ ତଥା ପ୍ରଦର୍ଶନୀର ଉଦ୍‌ଘାଟନୀ ଉତ୍ସବରେ ପ୍ରୋଗ୍ରେସିଭ୍ କଲ୍‌ଚରାଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ରାଜ୍ୟ ଆବାହିକା ତଥା ବ୍ଲିବୀ ନାରୀନେତ୍ରୀ ଛବି ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦାନ କରିସମାଜ ପରିର୍ବନରେ ଯୁଗେ ଯୁଗେ ଚିତ୍ରକଳାର ଭୂମିକା ଉପରେ ଆଲୋକପାତ କରି କହିଲେ "କଳା ଓ ସାହିତ୍ୟ ସମାଜର ବଂଚିତ ବର୍ଗଙ୍କ ଦୈନ୍ୟ ଓ ଯନ୍ତ୍ରଣାକୁ ଅତି ସୂକ୍ଷ୍ମ ଭାବେ ପ୍ରକାଶ କରୁ ।" ପୂର୍ବତଟ ରେଳପଥର ଅବସର ପ୍ରାପ୍ତ ବରିଷ୍ଠ ଅଧିକାରୀ ତଥା ବିଶିଷ୍ଟ କବି ଓ ଲେଖକ ନିରାକାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପତ୍ରିକାର ସହ ସମ୍ପାଦିକା ତଥା ଗାଳ୍ପିକା ପ୍ରଭାସିନୀ ରାଉଳ, କବୀ ଶୁଭ୍ରାଶ୍ରୀ ଦାସ ଓ ଶ୍ରୀନିବାସ ଦାସମଂଚ ପରିଚାଳନା କରିଥିଲେ । ଏହି ଚିତ୍ରକଳା ପ୍ରଦର୍ଶନୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୨୦୦ରୁ ଉର୍ଦ୍ଧ ଚିତ୍ର ଶିଳ୍ପୀ ଅଂଶଗ୍ରହଣ କରିଛନ୍ତି । ନଭେମ୍ବର ୬ରୁ ୯ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ । "ଯୁଗ ପ୍ରବର୍ତ୍ତକ"ର ଶରତ ସ୍ୱତନ୍ତ୍ର ସଂଖ୍ୟାଏହି ଅବସରରେ ଅତିଥିମାନେ ଉନ୍ମୋଚନ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଡିସେମ୍ବର ୧୦ରୁ ୧୨ ଆନ୍ତର୍ଜାତୀୟ ମହୋଦଧି ଦିବସ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଡିସେମ୍ବର ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ପୁରୀ ବେଳାଭୂମିରେ ପ୍ରଥମ ଥର ପାଇଁ ଆୟୋଜିତ ହେବ ଆନ୍ତର୍ଜାତୀୟ ମହୋଦଧି ଦିବସ ୨୦୨୪ । ବୁଧବାର ପୂର୍ବାହ୍ନ ରେ ଉତ୍କଳ ସାମ୍ବାଦିକ ସଙ୍ଘ ମିଟିଙ୍ଗ ହଲ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ ସାମାଜିକ ସଂଗଠନ ଦି ବେଲ୍ ପକ୍ଷରୁ ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତା ରେ ଦେଶ ବିଦେଶ ର ପ୍ରାୟ ୬୦୦ ରୁ ଅଧିକ ପ୍ରତିଯୋଗୀ ଯୋଗଦେବେ । ଜାତୀୟ ଆଥଲେଟ୍ ଏବଂ ୧୦ ଟି ଦେଶରୁ ୩୫ ଟି ଆନ୍ତର୍ଜାତୀୟ ପ୍ରତିନିଧୀ ଯୋଗଦେବେ ।ଏହା ଭାରତର ଉପକୂଳ ପର୍ଯ୍ୟଟନ ଏବଂ ପରିବେଶ ସଚେତନତା ପଦକ୍ଷେପ ପାଇଁ ଏକ ଅଗ୍ରଗାମୀ ପଦକ୍ଷେପ ହେବ । ମହୋଦଧି ଦିବସ ୨୦୨୪ ଭାରତୀୟ କାୟାକିଂ ଆଣ୍ଡ କାନୋଇଙ୍ଗ ଆସୋସିଏସନ, ରାଷ୍ଟ୍ରୀୟ ଲାଇଫଗାର୍ଡ ସଂଗଠନ (ଭାରତ), ପୁରୀ ବିଚ ଲାଇଫଗାର୍ଡ ମହାସଙ୍ଗ, ଆନ୍ତର୍ଜାତୀୟ ସର୍ଫ ଲାଇଫ ସେଭିଙ୍ଗ ଆସୋସିଏସନ (ଆମେରିକା) ଏବଂ ଶ୍ରୀଲଙ୍କା ଜୀବନ ସଂଚୟ ସହଯୋଗରେ ଏହି କାର୍ଯ୍ୟକ୍ରମ ସଂଗଠିତ ହେବ । ପୁରୀ ବିଚରେ ମହୋଦଧି ଇଭେଂଟଗୁଡିକର କ୍ରମାଗତ ଚତୁର୍ଥ ବର୍ଷ ଧରି ଅନୁଷ୍ଠିତ ହେଉଛି । ଯେଉଁଥିରେ ଜୀବନ ରକ୍ଷାକାରୀ କ୍ରୀଡା, ସାଂସ୍କୃତିକ ପ୍ରଦର୍ଶନୀ ଏବଂ ସାମୁଦ୍ରିକ ସଂରକ୍ଷଣ ପ୍ରଦର୍ଶନୀ ଉପରେ ଏକ ବିଶେଷ ତିନି ଦିନିଆ କାର୍ଯ୍ୟକ୍ରମ ରହିଛି । ଓଡିଶା ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀ ସମ୍ପ୍ରଦାୟ ପାଇଁ ଦୃଶ୍ୟମାନ ହେବା ଏବଂ ସେମାନଙ୍କ ଜୀବନ ରକ୍ଷାକାରୀ ଦକ୍ଷତା ପ୍ରଦର୍ଶନ ପାଇଁ ଅମୂଲ୍ୟ ସୁଯୋଗ ସୃଷ୍ଟି କରିବ । ସେମାନଙ୍କର ଅଂଶଗ୍ରହଣ ମାଧ୍ୟମରେ, ସେମାନେ ଆନ୍ତର୍ଜାତୀୟ ପ୍ଲାଟଫର୍ମରେ ଭାରତକୁ ପ୍ରତିନିଧିତ୍ୱ କରିବା ପାଇଁ ରାସ୍ତା ଖୋଜି ପାରିବେ । କମନୱେଲଥ ଚାମ୍ପିଅନସିପ୍, ବିଶ୍ୱ ଖେଳ, ଜୀବନ ବଂଚାଇବା ବିଶ୍ୱ ଚାମ୍ପିଅନସିପ୍, ବ୍ରିସବେନ୍ ୨୦୩୨ ଅଲିମ୍ପିକ୍ସକୁ ଧ୍ୟାନ ଦେବା ପାଇଁ ସାହାଯ୍ୟ କରିବ । ଏହି ପଦକ୍ଷେପଟି ସମ୍ପ୍ରଦାୟର ବିକାଶ ପାଇଁ ଏକ ଅନନ୍ୟ ସୁଯୋଗ ସୃଷ୍ଟି କରିବ । ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଦକ୍ଷତା ବୃଦ୍ଧି କରୁଥିବାବେଳେ ଏକ ଖେଳ ଭାବରେ ଜୀବନ ରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବ । ମୁଖ୍ୟ ଆକର୍ଷଣ ମଧ୍ୟରେ ପ୍ରଥମ ଇଣ୍ଡୋ-ଶ୍ରୀଲଙ୍କା ଜୀବନ ରକ୍ଷାକାରୀ କ୍ରୀଡା ଚାମ୍ପିଅନସିପ୍ ରହିଛି ।ଜୀବନ ରକ୍ଷାକାରୀ କୌଶଳ ଏବଂ ଜଳ ନିରାପତ୍ତା ଉପରେ ଗୁରୁତ୍ୱାରୋପ କରିବ । ଏହା ସହିତ, ମହୋଦଧି ଜାତୀୟ ଚାମ୍ପିଅନସିପ୍ ବିଭିନ୍ନ ସମୁଦ୍ରକୂଳ ଏବଂ ସମୁଦ୍ର କ୍ରୀଡା ପ୍ରଦର୍ଶନ କରିବ, ଯାହା ଅଂଶଗ୍ରହଣକାରୀ ଏବଂ ଦର୍ଶକଙ୍କ ପାଇଁ ଏକ ଉତ୍ସାହଜନକ ଅନୁଭୂତି ପ୍ରଦାନ କରିବ । ଏହି ଚାମ୍ପିଅନସିପ୍ କେବଳ ଜୀବନ ରକ୍ଷାକାରୀ କ୍ରୀଡାକୁ ପ୍ରୋତ୍ସାହିତ କରେ ନାହିଁ ବରଂ ଭାରତର ପୂର୍ବ ଉପକୂଳରେ କ୍ରୀଡା ପର୍ଯ୍ୟଟନର ବିକାଶ ପାଇଁ ମଧ୍ୟ ଲକ୍ଷ୍ୟ ରଖିଛି । ସାମୁଦ୍ରିକ ଜୀବନ ସଂରକ୍ଷଣ ପ୍ରଦର୍ଶନୀକୁ ମଧ୍ୟ ଅନ୍ତର୍ଭୁକ୍ତ ହେବ ।ଯାହା ସମୁଦ୍ର ସଂରକ୍ଷଣର ଗୁରୁତ୍ୱକୁ ସୂଚାଇବା ପାଇଁ ଶିକ୍ଷାଗତ ପ୍ରଦର୍ଶନ ଏବଂ କର୍ମଶାଳା ପ୍ରଦାନ କରିଥାଏ । ସାଂସ୍କୃତିକ ଉପାଦାନ ଓସେନ ସ୍ପୋର୍ଟସ୍ ଫେଷ୍ଟିଭାଲ୍ ଏବଂ ଏକ ବିବିଧ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହେବ । ହ ପୁରୀର ସାଂସ୍କୃତିକ ତଥା ପ୍ରାକୃତିକ ଐତିହ୍ୟର ଏକ ସମୁଦ୍ରକୂଳ ଉତ୍ସବ ସୃଷ୍ଟି କରିବ । ଏହି ସାମ୍ବାଦିକ ସମ୍ମିଳନୀ ରେ ନାଲକୋ ର ପୂର୍ବତନ ସି ଏମ ଡି ତପନ କୁମାର ଚାନ୍ଦ, ସର୍ବଭାରତୀୟ ଲାଇଫ ଶେଭିଙ୍ଗ ସ୍ପୋର୍ଟ୍ସ ର ସଭାପତି ପ୍ରଦୀପ ନାଇଡୁ, ବୀଚ କାୟାକିଙ୍ଗ ର ଚ୍ୟାରମାନ ଏମ. ରାମାନୁଜମ, ଏନ ଟି ପି ସି ର ପୂର୍ବତନ ଆର୍ଥିକ ଚ୍ୟାରମ୍ୟାନ ତଥା ଆଇନଜୀବୀ କୁଳମଣି ବିଶ୍ୱାଳ, ଅଭ୍ୟର୍ଥନା କମିଟି ର ଚ୍ୟାରମାନ ଜିତେନ୍ଦ୍ର ମହାପାତ୍ର,ପୃଷ୍ଟପୋଷକ ତାରଣୀ ପ୍ରସାଦ ମହାନ୍ତି, ଅନୁଷ୍ଠାନ ଦି ବେଲ ର ସଭାପତି ଓ କାର୍ଯ୍ୟକ୍ରମ ଅଧକ୍ଷ ସିଦ୍ଧାର୍ଥ ରାୟ, ସଂଗଠନ ସମ୍ପାଦକ ପି. ହରି ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ନିବେଦନ କରିଥିଲେ ।

## ସମ୍ବଲପୁର ଜିଲ୍ଲାରେ ୨୨ରୁ ଖରିଫ ଋତୁ ଧାନ ସଂଗ୍ରହ

ସମ୍ବଲପୁର, ୦୭/୧୧ (ନି.ପ୍ର): ଆସନ୍ତା ୨୨ ତାରିଖ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବଲପୁରରେ ହେବ ଧାନ ସଂଗ୍ରହ । ଏବେ ଚାଷୀ ମାନେ ଧାନ ଅମଳ ଧିରେ ଧିରେ ଅମଳ କରିବା ଆରମ୍ଭ କଲେଣି । ଅଧିକାଂଶ ଚାଷୀ ଧାନ ଅମଳ ପାଇଁ ପ୍ରସ୍ତୁତ ହେଉଛନ୍ତି। ଚଳିତ ବର୍ଷ ଚାଷୀଙ୍କ ବର୍ଷର ପରିମାଣର ଧାନ ଉତ୍ପାଦନ ଆଶା କରାଯାଉଛି, ହେଲେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜିଲ୍ଲର କୁଚିଣ୍ଡା, ଜମନକିରା, ରେଙ୍ଗାଲି ଓ ବାମରାର କିଛି ଅଂଚଳରେ ମରୁଡିର ପ୍ରଭାବ ଦେଖାଦେଇଛି । ଉକ୍ତ ବୈଠକରେ ଚାଷୀ, ଜ୍ିଲ୍ଲାର ବିଧାୟକ, ପ୍ରଶାସନିକ ଅଧିକାରୀ, କୃଷି ବିଭାଗ ଓ ଯୋଗାଣ ବିଭାଗର ଅଧିକାରୀ ମାନେ ବୈଠକରେ ସାମିଲ ଥିଲେ । ବୈଠକରେ ସମ୍ବଲପୁର ସଦର ଅଂଚଳର ଧାନ ଆସନ୍ତା ୨୨ ତାରିଖ କୁଚିଣ୍ଡା ଓ ରେଢ଼ାଖୋଲରେ ୨୭ ତାରିଖ ଧାନ ସଂଗ୍ରହ ହେବ ବୋଲି ନିଷ୍ପତି ନିଆଯାଇଛି । ସେପଟେ ଚଳିତ ବର୍ଷ ଚାଷୀଙ୍କୁ ୩୧ ଶହ ଟଙ୍କା କ୍ୟୁଂଟାଲ ପିଛା ମିଳିବ, ଯାହାକୁ ନେଇ ସମ୍ବଲପୁର ବିଧାୟକ କହିଛନ୍ତି, ଚଳିତ ବର୍ଷ ଚାଷୀଙ୍କ ଧାନ ବିକ୍ରି ରେ କୌଣସି ଅସୁବିଧା ହେବ ନାହିଁ । ଯେଉଁ କିଛିଟା ଅସୁବିଧା ଅଛି ମୁଖ୍ୟମନ୍ତ୍ରୀଙ୍କ ଶହ ଆଲୋଚନା ପରେ ତାହା ମଧ୍ୟ ସମାଧାନ ହେଇଯିବ । ସେପଟେ ସମ୍ବଲପୁର ଜ୍ିଲ୍ଲାପାଳ କହିଛନ୍ତି, ଚଳିତ ବର୍ଷ ୫୯୮୯୫ ଜଣ ଚାଷୀ ରେଜିଷ୍ଟ୍ରେସନ କରିଛନ୍ତି । ୧୨୯ ଟି ମଣ୍ଡିରେ ଚଳିତ ବର୍ଷ ଚାଷୀଙ୍କ ଧାନ ସଂଗ୍ରହ କରାଯିବ । ସେହିପରି ମଣ୍ଡିରେ ଧାନର ଏଫଏକ୍ୟୁ ମାନ ନିର୍ଣ୍ଣୟ କରାଯିବ । ଟୋକାନ ପାଇଁ ମଧ୍ୟ କୌଣସି ଅସୁବିଧା ହେବ ନାହିଁ।

# ପ୍ରତ୍ୟେକ ପଂଚାୟତରେ ଆଦର୍ଶ ଗୋଶାଳା ପ୍ରତିଷ୍ଠା ହେବା ଆବଶ୍ୟକ: ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ

ପୁରୀ, ୦୭/୧୧ (ନି.ପ୍ର): ଓଡ଼ିଶା ରାଜ୍ୟସ୍ତରୀୟ ଗୋ ନବରାତ୍ର ମହୋତ୍ସବର ପଂଚମ ଦିବସରେ ସୁରଭି ସତସଙ୍ଗରେ ଯୋଗଦେଇ ସ୍ୱାମୀ ସମର୍ପଣାନନ୍ଦ ଗିରି ନିଜ ଅଭିଭାଷଣରେ କହିଲେ ଯେ, ଗୋମାତାଙ୍କ ନିକଟରୁ ଆମେ ଆୟୁଷ, ପୀୟୂଷ ଓ ଆରୋଗ୍ୟ ପାଇଛୁ। ପୂଜ୍ୟ ଅଖଣ୍ଡାନନ୍ଦ ସ୍ୱାମୀ ଗୋମାତାଙ୍କର ହଳ ଓ ମଳରେ ଭାରତୀୟ କୃଷି ସମୃଦ୍ଧ ହୋଇଥିଲା ବୋଲି ମତ ରଖିଥିବା ବେଳେ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ପ୍ରତି ପଂଚାୟତରେ ଆଦର୍ଶ ଗୋଶାଳା ପ୍ରତିଷ୍ଠା ପାଇଁ ପରାମର୍ଶ ଦେଇଥିଲେ। ପୂଜ୍ୟ ମହନ୍ତ ଡ. ରାମଚରଣ ଦାସ ମହାରାଜ ଗୋମାତା ଏବଂ ବ୍ରାହ୍ମଣମାନଙ୍କର ହିତ ପାଇଁ ପ୍ରଭୁ ରାମଚନ୍ଦ୍ର ଜନ୍ମ ଗ୍ରହଣ କରିଥିବା ବେଳେ ଭଗବାନ୍ କୃଷ୍ଣ ଜନ୍ମ ହେବା ପରେ ପରେ ମା କୋଳ ଛାଡ଼ି ଗୋ କୂଳକୁ ଚାଲିଗଲେ ବୋଲି କହିଥିଲେ। ପୂଜ୍ୟ ମହନ୍ତ ରାମକୃଷ୍ଣ ଦାସ ଗୋ ମାତାଙ୍କ ପଂଚଗୋବ୍ୟ ପଦାର୍ଥ ଦ୍ୱାରା ସମସ୍ତ ରୋଗ ନିଦାନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ।ଭକ୍ତି ସଙ୍ଗୀତର କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶକ ଡକ୍ଟର ଦୁଷ୍ମନ୍ତ ଜେନା ଓ ତାଙ୍କର ସାଥୀ ନବଘନ ପଲେଇ, ସମ୍ପଦ ନାୟକ ଭଜନ ପରିବେଷଣ କରିଥିଲେ ଏବଂ ଶ୍ୟାମ ସୁନ୍ଦର ମିଶ୍ର ଓ ଯୋଗନନ୍ଦ ସେଠୀ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଆଜିର ଭାରତୀୟ ଗୋବିଜ୍ଞାନ ପ୍ରଶିକ୍ଷଣ ଶିବିରରେ ଓଡ଼ିଶା ସରକାରଙ୍କର ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଓ ସୁନାମଧନ୍ୟ ଗୋ ବିଶେଷଜ୍ଞ ଡକ୍ଟର ବଳରାମ ସାହୁ ଯୋଗଦେଇ ଭାରତୀୟ ପାରମ୍ପରିକ ଗୋଚିକିତ୍ସା ବିଷୟରେ ବିସ୍ତୃତ ଆଲୋଚନା କରିବା ସହିତ ଉପସ୍ଥିତ ଗୋଭକ୍ତମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ଦେଇଥିଲେ। ଓଡ଼ିଶା ଗୋସେବା ସମିତିର ସଂପାଦକ ଶ୍ରୀ ହରପ୍ରସାଦ ଦାସ ଭଟ୍ଟମିଶ୍ର ପ୍ରଶିକ୍ଷଣ ଶିବିରର ଅଧକ୍ଷତା କରିଥିଲେ ଓ ଶ୍ରୀଯୁକ୍ତ ଡକ୍ଟର ବଳରାମ ସାହୁଙ୍କୁ ସମ୍ମାନିତ କରିଥିଲେ। ଶ୍ରୀମଦ୍ ଭାଗବତ କଥାର ଚତୁର୍ଥ ଦିବସରେ ପୂଜ୍ୟ ବାବାଜୀ ଦୀନବନ୍ଧୁ ଦାସ ମହାରାଜ ଶାସ୍ତ୍ରରେ ଲିଖିତ ମନୁଷ୍ୟମାନଙ୍କର ବିନାଶ ସମୟ ଉପସ୍ଥିତିର ଲକ୍ଷଣ ବିଷୟରେ ବୁଝାଇବାକୁ କହିଲେ, ଯେତେବେଳେ ଘରେ ଘରେ ଶାସ୍ତ୍ର ଅଧ୍ୟୟନ ଏବଂ ଦେବ ପୂଜନ ବନ୍ଦ ହୁଏ ଓ ସମାଜରେ ଗୋମାତାଙ୍କୁ କଷ୍ଟ ଦିଆଯାଏ, ସେତେବେଳେ ଜାଣିବ ଯେ ମନୁଷ୍ୟର ବିନାଶ କାଳ ପାଖେଇ ଆସିଲା। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୨୦୦୦ ରୁ ଉର୍ଦ୍ଧ୍ୱ ଗୋଭକ୍ତ ଓ ଗୋସେବକ ଆଜିର ଗୋ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଯୋଗାଣ ବିଭାଗ ଓ ମାପ ଓ ଓଜନ ବିଭାଗର ମିଳିତ ଚଢ଼ଉ

ଜୟପୁର, ୦୭/୧୧ (ନି.ପ୍ର): ଜୟପୁର ସହରରେ ଆଜି ହୋଟେଲ, ରେଷ୍ଟୁରାଂଟ, ପେଟ୍ରୋଲ ପମ୍ପ ଆଦିରେ ଚଢ଼ଉ କରାଯାଇଛି । ଯୋଗାଣ ବିଭାଗ ଓ ମାପ ଓ ଓଜନ ବିଭାଗର ମିଳିତ ଚଢଉ କରାଯାଇଛି । ଏହି ଚଢଉରେ ଆସିଷ୍ଟାଂଟ କଲେକ୍ଟର ବାଲାଜି ପ୍ରସାଦ ବ୍ରହ୍ମା, ସହକାରି ଜିଲା ଯୋଗାଣ ଅଧିକାରି ସୁଶିଳ ଜେନା, ଯୋଗାଣ ନିରିକ୍ଷକ ହରି ଶରଣ ମଲ୍ଲିକ, ମୁମ୍ବା ମାଙ୍ଗଳିକା, ବୈଧ ମାପ ବିଜ୍ଞାନ ବିଭାଗର ଉପନିୟନ୍ତ୍ରକ ସତ୍ୟଜିଜ ବିଶ୍ୱାଳ, ସହକାରି ନିୟନ୍ତ୍ରକ ବିଜୟ କୁମାର ନାୟକ, ରଘୁ ନାଥ କନ୍ଦ ଓ ପୌର କର୍ମଚାରି ଉପସ୍ଥିତ ଥିଲେ । ବାଳକ୍ରିଷ୍ଣା ପ୍ୟାଲେସ, ହେଟେଲ ପ୍ରିନସେସ, ଗାଙ୍ଗୁରାମ, ହୋଟେଲ ସୁରଜ , ହେଟେଲ ଝିଲି , ହେଟେଲ ଜୟପୁର ଭଳି ୬ଟି ହୋଟେଲ ଓ ରେଷ୍ଟୁରାଂଟ ଉପରେ ଚଢ଼ଉ କରାଯାଇଛି । ପାଓାର ହାଉସେ ଥିବା ପେଟ୍ରୋଲ ପମ୍ପ, ୮ଟି ଚିକେନ ଦୋକାନ, ୨ଟି ଚାଉଳ ଦୋକାନ, ୨ଟି ହୋଲ ସେଲ ଦୋକାନରେ ଚଢଉ କରାଯାଇଛି । ଚଢଉ କରି ବାଳକ୍ରିଷ୍ଣା ପ୍ୟାଲେସରୁ ୫ଟି ଘରୋଇ ସିଲିଣ୍ଡର, ହେଟେଲ ଝିଲିରୁ ୧୧ଟି ସିଲିଣ୍ଡର, ସରୁଜ ହେଟେଲରୁ ୨ଟି ଓ ଜୟପୁର ହେଟେଲରୁ ୫ଟି ସିଲିଣ୍ଡର ଜବତ କରିଛି । ମୋଟ ୨୩ଟି ଘୋରେଇ ଗ୍ୟାସ ଜବତ କରିବା ସହ ୧୨ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ହୋଟେଲ ଓ ରେଷ୍ଟୁରାଂଟରେ ବ୍ୟବସାୟିକ ସିଲିଣ୍ଡର ବ୍ୟବହାର ନକିରି ଘରୋଇ ସିଲିଣ୍ଡର ବ୍ୟବହାରି କରୁଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ଆଜି ମିଳିତ ଚଢଉ କରାଯାଇଥିଲା।

# ଜନ ଆରୋଗ୍ୟ ସମିତିର ଗଭର୍ଣ୍ଣିବଡି ବୈଠକ

ଗଂଜାମ, ୦୭/୧୧ (ନି.ପ୍ର): ଶେରଗଡ ବ୍ଲକର ପିତଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନଆରୋଗ୍ଯ ସମିତିର ପରିଚାଳନା କମିଟିର ବୈଠକ ପିତଳ ୫୮ ନମ୍ବର ଜିଲା ପରିଷଦ ସଭ୍ଯା ମନୋରମା ପୋଲାଇଙ୍କ ଅଧ୍ଯକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ମାନସକୁମାର ବିଷୋଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ପରେ ଆୟୁଷଡାକ୍ତର ଦେବାଶିଷ ଶତପଥୀ ବିବରଣୀପାଠ କରିଥିଲେ । ବୈଠକରେ ମେଡିକାଲ ମଧ୍ୟରେ ଜନସାଧାରଣଙ୍କ ପାଇଁ ଶୌଚାଳୟ ନିର୍ମାଣ, ଇନଡୋର ଶୌଚାଳୟ, ନିର୍ମାଣ, ଆୟୁଷ ଡାକ୍ତରଖାନା ଓ ଟୀକାକରଣ ଗୃହରେ ନୂତନ ପାଣି ଟାଙ୍କି ସ୍ଥାପନ, ଲେବରରୁମକୁ ବିଦ୍ୟୁତ ଓ ପାଣିଯୋଗାଣ ବ୍ୟବସ୍ଥା, ମେଡିକାଲ୍ ଅଫିସରଙ୍କ ପୁରୁଣା କ୍ୱାଟର ମରାମତି, ବିଦ୍ୟୁତ ପାଣି ଯୋଗାଣ ବ୍ୟବସ୍ଥା, କାଓ କ୍ୟାଚର ସ୍ଥାପନ, ଏକ୍ୱାଗାର୍ଡ ସ୍ଥାପନ, ଟିଭି, ୱାଇଫାଇ ସଂଯୋଗ, ଡ୍ରେସିଂରୁମ ଡ୍ରେନଜ ସିଷ୍ଟମ, ମହିଳା ନର୍ସ ନିଯୁକ୍ତି ଓ କଂପାଉଣ୍ଡ ୱାଲ ନିର୍ମାଣ ପାଇଁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି । ଆୟୁଷ ଡାକ୍ତରଖାନାକୁ ଆବଶ୍ୟକ ଔଷଧ ଯୋଗାଣ ହେଉନଥିବାରୁ ଏହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ବୈଠକରେ ଆଲୋଚନା ହୋଇଥିଲା । ଆଲୋଚନାରେ ଜିଲା ପରିଷଦ ସଭ୍ଯା ମନୋରମା ପୋଲାଇ, ପ୍ରତିନିଧି ବରୁଣ ପୋଲାଇ, ଡାକ୍ତର ମାନସ ରଂଜନ ବିଷୋଇ, ଡାକ୍ତର (ଆୟୁଷ) ଦେବାଶିଷ ଶତପଥୀ, ଏନଜିଓ ଡାକ୍ତର ହୃଷୀକେଶ ମହାନ୍ତି, ଫାର୍ମାସୀ ଅଧିକାରୀ ବସନ୍ତ କୁମାର ସୁବୁଦ୍ଧି, ଏନ ହେଚଏମ ଜେଇ ନିବେଦିତା ମିଶ୍ର, ପରିଦର୍ଶକ ପ୍ରବୋଧ କୁମାର ମିଶ୍ର, ଆଇସିଡିଏସ ପରିଦର୍ଶିକା ରସ୍ମିତା କୁମାରୀ ଜାନୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବୈଠକକୁ ଶେରଗଡ ସିଏଚସି ର ଏସଟିଏସ, ବିପିଏମ, ବିଏ ଏମ, ଡିଡିଏମ ଓପିଏଚଇଓଙ୍କୁ ନିମନ୍ତ୍ରଣ କରାଯିବା ସତ୍ତ୍ୱେ ସେମାନେ ବୈଠକରେ ଯୋଗଦେଇ ନଥିବାରୁ କ୍ଷୋଭ ପ୍ରକାଶ କରାଯାଇଛି । ପରିଶେଷରେ ଆୟୁଷ ଡାକ୍ତର ଦେବାଶିଷ ଶତପଥୀ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମାଣ୍ଡିପଙ୍କା ଆମ୍ବଟାକୁଆ ଜାଉ ଖାଇ ମୃତ୍ୟୁ ଘଟଣା: ଗାଁରେ ପହଂଚି ତଦନ୍ତ କଲେ ଦକ୍ଷିଣାଚଂଳ ରାଜସ୍ୱ ଆୟୁକ୍ତ

କନ୍ଧମାଳ, ୦୭/୧୧ (ନି.ପ୍ର): ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ଜାଉ ଖାଇ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଦକ୍ଷିଣାଚଂଳ ରାଜସ୍ୱ ଆୟୁକ୍ତ ଶ୍ରୀମତୀ ରୂପା ରୋଶନ ସାହୁ ଆଜି କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ବ୍ଲକର ମାଣ୍ଡିପଙ୍କା ଗ୍ରାମ ପରିଦର୍ଶନ କରିଛନ୍ତି। ସେଠାରେ ପୀଡିତ ପରିବାରର ସଦସ୍ୟ ଏବଂ ଗ୍ରାମବାସୀଙ୍କ ମାନଙ୍କ ସହ ଆଲୋଚନା କରିବା ସହିତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏହାପରେ ସେ ବ୍ରାହ୍ମଣୀଗାଁ ବହୁମୁଖୀ ସମବାୟ ସମିତି ଅଫିସ ପରିଦର୍ଶନ କରି ଚାଉଳ ବଂଟନ ସମ୍ବନ୍ଧୀୟ ବିଭିନ୍ନ ରେଜିଷ୍ଟର ଦେଖିଥିଲେ ଓ ଅଧିକାରୀ ତଥା ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରିଥିଲେ। ଆମ୍ବ ଟାକୁଆ ସମ୍ବନ୍ଧିତ ଖାଦ୍ୟ ବିଷାକ୍ତିକରଣ ଜନିତ ମୃତ୍ୟୁର ପ୍ରାଥମିକ ତଦନ୍ତ ପାଇଁ ଦକ୍ଷିଣାଚଂଳ ରାଜସ୍ୱ ଆୟୁକ୍ତଙ୍କ ଏହି ଗସ୍ତ ଉଦ୍ଦିଷ୍ଟ ଥିଲା। ଏହି ଗସ୍ତ ସମୟରେ କନ୍ଧମାଳ ଜିଲ୍ଲାପାଳ ଅମୃତ ଋତୁରାଜ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଗଦାପୁର ପଂଚାୟତ ମାଣ୍ଡିପାଙ୍କା ଗ୍ରାମରେ ଆମ୍ବ ଟାକୁଆ ଖାଇ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଏବେ ମଧ୍ୟ ଗୁରୁତର ଅବସ୍ଥାରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣାକୁ ରାଜ୍ୟ ସରକାର ଗୁରୁତର ସହ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବୁଧବାର ଉକ୍ତ ଗାଁରେ ଦକ୍ଷିଣାଚଂଳ ରାଜସ୍ୱ ଆୟୁକ୍ତ ରୂପା ରୋଶନ ସାହୁ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ଏହି ଅବସରରେ ତାଙ୍କ ସହ କନ୍ଧମାଳ ଜିଲାପାଳ ଅମୃତ ଋତୁରାଜ ମଧ୍ୟ ଉପସ୍ଥିତ ଥିଲେ । ତଦନ୍ତ ସମୟରେ ମୃତକଙ୍କ ପରିବାର ଏବଂ ଗୁରୁତରଙ୍କ ପରିବାରଙ୍କୁ ଭେଟି ସେ ପଚରାଉଚରା କରିଛନ୍ତି। ପୁଣି ଆସନ୍ତା ୧୧ ତାରିଖରେ ଦକ୍ଷିଣାଚଂଳ ରାଜସ୍ୱ ଆୟୁକ୍ତ ରୁପା ରୋଶନ ସାହୁ ମାଣ୍ଡିପଙ୍କା ତଦନ୍ତ ପାଇଁ ଆସିବେ ଓ ତଦନ୍ତ ରିପୋର୍ଟ ଗଣମାଧ୍ୟମକୁ ଜଣାଯିବ ବୋଲି କହିଛନ୍ତି। ସେଠାରୁ ଫେରି ସେ ବ୍ରାହ୍ମଣୀଗାଁ ବହୁମୁଖି ସମବାୟ ସମିତି ଯେଉଁଠି ପଡିଏସ ଚାଉଳ ବଂଟନ କରାଯାଉଛି ଉକ୍ତ କେନ୍ଦ୍ରରେ ପହଂଚି ତଦନ୍ତ କରିଥିଲେ। ସେଠାକାର ପରିବେଶ ଦେଖି ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଇବା ପରେ ଆରଡିସିଙ୍କ ଏହା ପ୍ରଥମ ତଦନ୍ତ ବୋଲି ଜଣାପଡିଛି। ଏହି ତଦନ୍ତ ସମୟରେ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।ଅନ୍ୟପକ୍ଷରେ, ଏସସିବିରେ ଚିକିତ୍ସାଧୀନ ଥିବା ୨ ମହିଳାଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଭେଟିଥିଲେ। ସେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ୨ ଗୁରୁତର ରୋଗୀ ଜିତା ମାଝୀ ଏବଂ ଟୁନି ମାଝୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଉଭୟଙ୍କୁ ଉତମରୁ ଉତମ ଚିକିତ୍ସା ଯୋଗାଇଦେବାକୁ ଡାକ୍ତର ଓ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବିନା ଦରମାରେ ୧୪ବର୍ଷ: ପଶୁସମ୍ପଦ ମନ୍ତ୍ରୀଙ୍କୁ ଭେଟି ଦୁଃଖ ଜଣାଇଲେ ଏଆଇଟି



ଭୁବନେଶ୍ୱର, ୦୭/୧୧ (ନି.ପ୍ର): ରାଜ୍ୟର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଦୀର୍ଘ ୧୪ ବର୍ଷରୁ ଉର୍ଦ୍ଧକାଳ ହେଲା ପ୍ରାଣୀ ଚିକିତ୍ସା କରିଆସୁଥିବା ଏଆଇଟି (ଆର୍ଟିଫିସିଆଲ ଇନ୍‌ସେମିନେସନ ଟେକ୍ନିସିଆନ) ମାନେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଭେଟି ଚାକିରିଗତ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ମନ୍ତ୍ରୀ ଶ୍ରୀ ମଲ୍ଲିକ ଏଆଇଟିମାନଙ୍କର ସମସ୍ୟାକୁ ସହୃଦୟତାର ସହିତ ଶୁଣି ଖୁବ୍‌ଶୀଘ୍ର ଏ ଉପରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି। ପ୍ରାଣୀ ଚିକିତ୍ସାକୁ ଅଧିକ ସୁଗମ ଓ ତ୍ୱରାନ୍ୱିତ କରିବା ସକାଶେ ରାଜ୍ୟରେ ଠିକା ଭାବରେ କାର୍ଯ୍ୟ କରୁଥିବା ଏଆଇଟି ମାନେ ପଶୁ ଚିକିତ୍ସାଳୟ ଅଧିନରେ ରହି ତୃଣମୂଳ ସ୍ତରରେ ଗୋ-ସେବା ଆଦି ଯୋଗାଇ ଦେଇଥାଆନ୍ତି। ଏହି ୱାର୍କରମାନେ ଏକାଧିକ ପଞ୍ଚାୟତ ଦାୟିତ୍ୱରେ ରହି କୃତ୍ରିମ ପ୍ରଜନନ, ଟୀକା କରଣ, ବନ୍ଧ୍ୟା କରଣ, ପ୍ରାଥମିକ ଚିକିତ୍ସା, ଭ୍ରାମ୍ୟମାଣ ଚିକିତ୍ସା, ପଶୁ ଗଣନା, ପଶୁମାନଙ୍କୁ ବୀମାଭୁକ୍ତ କରିବା ସହିତ ଘାସ ଚାଷ କରିବା ଆଦି କାର୍ଯ୍ୟ ସମ୍ପାଦନ କରିଥାଆନ୍ତି। କେବଳ ଏତିକି ନୁହେଁ, ୨୦୧୮ ମସିହାରୁ ଅଦ୍ୟାବଧି କେନ୍ଦ୍ର ସରକାରଙ୍କ ଏନଏଆଇପି ଯୋଜନାରେ ଏଆଇଟିମାନଙ୍କୁ ସାମିଲ କରାଯାଇ ଗୋ-ସେବା କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ଯାହାର ଫଳସ୍ୱରୂପ ୭୦ ପ୍ରତିଶତ କୃତ୍ରିମ ପ୍ରଜନନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେହିପରି କୋଭିଡ ମହାମାରୀ ସମୟରେ ନିଜର ଜୀବନକୁ ବାଜି ଲଗାଇ ଏଆଇଟିମାନେ ଗୋ-ସେବା ଜାରି ରଖିଥିଲେ। ବିଶେଷକରି ଦେଶୀ ପ୍ରଜାତିର ଗାଇମାନଙ୍କ ଠାରୁ ଉନ୍ନତମାନର ଶଙ୍କର ଜାତୀୟ ଗାଈ ବାହାର କରି ଗ୍ରାମାଞ୍ଚଳ ଚାଷୀମାନଙ୍କର ଆୟ ବୃଦ୍ଧି କରିବାରେ ଏମାନେ ସହାୟକ ହୁଅନ୍ତି। ଏଭଳି ନାନାଦି ଗୋ-ସେବା ଓ ଚାଷୀର ଉନ୍ନତି ସକାଶେ ଦୀର୍ଘ ବର୍ଷ ହେଲା ନିରନ୍ତର ସେବା ଯୋଗାଇ ଆସୁଥିବା ଏଆଇଟି ମାନେ ସାମାନ୍ୟ କିଛି ପ୍ରୋତ୍ସାହନକୁ ବାଦ୍ ଦେଲେ ବିନା ବେତନ, ବିନା ପାରିଶ୍ରମିକରେ କାର୍ଯ୍ୟ କରୁଛନ୍ତି। ହେଲେ ସରକାର ପରେ ସରକାର ବଦଳୁଛି କେହି ଦୁଃଖ ଶୁଣୁ ନାହାଁନ୍ତି। ଏଦିଗରେ ପଦକ୍ଷେପ ନେବାପାଇଁ ଏଆଇ ଆସୋସିଏସନର ଏକ ପ୍ରତିନିଧି ଦଳ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କୁ ତାଙ୍କ ବାସଭବନରେ ଭେଟି ଗୁହାରୀ କରିଛନ୍ତି। ଏହି ଅବସରରେ ଆସୋସିଏସନର ଆବହକ ସୌଭାଗ୍ୟ ରଞ୍ଜନ ଜେନା, ଉପଦେଷ୍ଟା ରବିନ୍ଦ୍ର କୁମାର ପଣ୍ଡା, କାର୍ଯ୍ୟକାରୀ ସଦସ୍ୟ ଶତ୍ରୁଘ୍ନ ପ୍ରଧାନ, ଅଭିଲିପ୍ ?ସା ଜୟସିଂ, ଅରକ୍ଷିତ ନାଗ,ବିଶ୍ୱନାଥ ମହାରଣା, ବିବେକାନନ୍ଦ ନାୟକ, ମହେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ପାଣ୍ଠି ଅନୁମୋଦନ ସତ୍ତ୍ୱେ ଆଗେଇ ପାରୁ ନାହିଁ ମହାନଦୀ ରିଭର ଫ୍ରଣ୍ଟ ଡେଭଲପମେଂଟ ପ୍ରକଳ୍ପ

ସମ୍ବଲପୁର, ୦୭/୧୧ (ନି.ପ୍ର): ସମ୍ବଲପୁର ସହର ଦେଇ ଯାଇଥିବା ମହାନଦୀରେ ରିଭର ଫ୍ରଂଟ ଡେଭଲପମେଂଟ ପ୍ରକଳ୍ପର ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ଇଏଫସି ବୈଠକକୁ ଅପେକ୍ଷା କରାଯାଉଛି। ଏହି ପ୍ରକଳ୍ପ ପାଇଁ ଗତ ବଜେଟ୍‌ରେ ୨୫ କୋଟି ଟଙ୍କାର ବ୍ୟବସ୍ଥାକୁ ମଞ୍ଜୁର କରାଯାଇଥିଲା। ଏଠାରେ ସାବରମତୀ ଏବଂ ବାରାଣାସୀର ନମୋ ଉନ୍ନୟନ ପ୍ରକଳ୍ପ ଢ଼ାଂଚାରେ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପ ଅନୁଯାୟୀ ବର୍ତ୍ତମାନ ଏଠାରେ ମହାନଦୀରେ ଥିବା ଆନିକଟ୍ ର ଜଳଧାରଣା କ୍ଷମତା ବୃଦ୍ଧି ପାଇଁ ବ୍ୟାରେଜ, ନୌବିହାର, ଜିମ୍, ପାଦଚଲା ରାସ୍ତା, ଗାଧୁଆ ଘାଟ, ଆରତୀ ମଣ୍ଡପ, ଉଦ୍ୟାନ, ଏମ୍ଫି ଥିଏଟର ଭଳି ସୁବିଧା ସୃଷ୍ଟି କରିବାକୁ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏହାଦ୍ୱାରା ମହାନଦୀ ସାଂସ୍କୃତିକ, ପର୍ଯ୍ୟଟନ ଓ ଅର୍ଥନୈତିକ ଗତିବିଧିକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଥିଲେ। ଗତ ନୂଆଁଖାଇ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ, ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ନଗର ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ, ସ୍ଥାନୀୟ ବିଧାୟକ ଜୟନାରାୟଣ ମିଶ୍ର, ଆଠମଲ୍ଲିକ ଓ ଦେବଗଡ଼ର ପୂର୍ବତନ ବିଧାୟକ ରମେଶଚନ୍ଦ୍ର ସାଏ ଏବଂ ସୁବାଷଚନ୍ଦ୍ର ପାଣିଗ୍ରାହୀ ମହାନଦୀ କୂଳ ପରିଦର୍ଶନ କରିବା ସହିତ ପ୍ରକଳ୍ପ ସମ୍ପର୍କରେ ପ୍ରଶାସନ ଏବଂ ଜଳ ସମ୍ପଦ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ଇଏଫ୍‌ସି ଅନୁମୋଦନ ମିଳିବା ପରେ ଜଳ ସମ୍ପଦ ବିଭାଗର ଏକ ଟିମ୍ ବାରାଣାସୀ ଏବଂ ଗୁଜୁରାଟର ସାବରମତୀ ଗସ୍ତ କରି ତଥ୍ୟ ସଂଗ୍ରହ କରିବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ୧୯୬୩-୬୪ରେ ସ୍ଥାନୀୟ ମହାନଦୀରେ ଆନିକଟ୍ ନିର୍ମାଣ କରାଯାଇ କୃତ୍ରିମ ହ୍ରଦ ଓ ସହର ପାର୍ଶ୍ୱରେ ସୁଦୀର୍ଘ କଂକ୍ରିଟ୍ ରାସ୍ତା ଏବଂ ବେଂଚ ନିର୍ମାଣ କରାଯାଇଥିଲା। ହ୍ରଦକୁ ଅଯୋଧ ସରୋବର ଏବଂ ପାର୍ଶ୍ୱବର୍ତୀ କଂକ୍ରିଟ୍ ରାସ୍ତାକୁ ସୁଶୀଳା ବିହାର ନାମରେ ନାମିତ କରାଯାଇଥିଲା। ୧୯୯୭ରେ ରିଂରୋଡ଼ ନିର୍ମାଣ ପରେ କଂକ୍ରିଟ୍ ରାସ୍ତା ଓ ବେ ନିଶ୍ଚିହ୍ନ ହୋଇଯାଇଥିବା ବେଳେ ରକ୍ଷଣାବେକ୍ଷଣର ଅଭାବରୁ ଆନିକଟ୍‌ରେ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି।

## ହାତୀ ଆକ୍ରମଣରେ ଜଣେ ମୃତ

ଚମ୍ପୁଆ, ୦୭/୧୧ (ନି.ପ୍ର): ଚମ୍ପୁଆ ରେଞ୍ଜ ଅନ୍ତର୍ଗତ କରଞ୍ଜିଆ ପଂଚାୟତ କାଟୁଳିକନା ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ଜଣକର ମୃତ୍ୟୁ ହୋଇଛି। ମୃତକ ଜଣକ ସେହି ଗ୍ରାମର ଟଙ୍କଧର ନାଏକ ବୋଲି ଜଣାପଡିଛି। ସେ ହାତୀ ଘଉଡାଇବାକୁ ଯାଇଥିବା ବେଳେ ହାତୀ ହାବୁଡରେ ପଡି ଯାଇଥିଲେ । ହାତୀଟି ତାଙ୍କୁ ଧରି କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି । ସୂଚନାଯୋଗ୍ୟ, ଗତ ରାତି ଟୁଣଟୁଣା ଜଙ୍ଗଲରେ ଥିବା ଏକ ଗୋଠ ଛଡ଼ା ଦନ୍ତା ହାତୀ କାଟୁଳିକନା ଗ୍ରାମରେ ପ୍ରବେଶ କରିଥିଲା। ହାତୀଟି ଆଜି ଦିନବେଳୁ ଗ୍ରାମର ଧାନ ବିଲରେ ଧାନ ଫସଲ ନଷ୍ଟ କରୁଥିବାରୁ ଗାଁର ଅନ୍ୟଲୋକଙ୍କ ସହିତ ଟଙ୍କଧର ହାତୀ ଘଉଡେଇବାକୁ ଯାଇ ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ଖବର ପାଇ ଚମ୍ପୁଆ ବନବିଭାଗ ଘଟଣାସ୍ଥଳରେ ପହଂଚିଥିବା ଜଣାଯାଇଛି ।

# କପ୍ତିପଦା ବ୍ଲକ ବରିଷ୍ଠ ନାଗରିକ ସଂଘର ବୈଠକ



କପ୍ତିପଦା, ୦୭/୧୧ (ନି.ପ୍ର): ବରିଷ୍ଠ ନାଗରିକ ସଂଘ କପ୍ତିପଦା ବ୍ଲକ ତରଫରୁ ସଂଘର ସଭାପତି ହରିଶ୍ଚନ୍ଦ୍ର ସାଏଙ୍କ ଅଧ୍ୟକ୍ଷତାରେ କପ୍ତିପଦା ଠାରେ ଚଳିତ ବର୍ଷର ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଂଘର ସଂପାଦକ ରମାନାଥ ପାଣିଗ୍ରାହୀ ମଞ୍ଚାସୀନ ତଥା ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ସ୍ୱାଗତ ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଥିଲେ । ଏହାପରେ ସଂପାଦକ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ ଏବଂ ଏହା ସର୍ବସମ୍ମତିକ୍ରମେ ଗୃହିତ ହୋଇଥିଲା । ଅଦ୍ୟ ବୈଠକରେ କପ୍ତିପଦା ବ୍ଲକ ଅଧିନସ୍ଥ ବିଭିନ୍ନ ପଞ୍ଚାୟତର ବରିଷ୍ଠ ନାଗରିକମାନେ ନୂତନ ସଦସ୍ୟଭାବେ ସଂଘରେ ଯୋଗଦାନ କରିଥିଲେ । ସଭାପତି ଶ୍ରୀ ସାଏ ଗାଁ ଗହଳିରେ ବାସ କରୁଥିବା ୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଦିଗରେ ସଂଘ କିଭଳି କାର୍ଯ୍ୟ କରିବ ସେ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଜାତୀୟ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର, ଶିକ୍ଷାବିତ୍ ହରିଶ ଚନ୍ଦ୍ର ବେହେରା, ବର୍ଷୀୟାନ ନାଗରିକ ଶଚିନ୍ଦ୍ର ନାଥ ଦାସ, ଗୌର ଚନ୍ଦ୍ର ପାତ୍ର ଓ ଯୁଗଳକିଶୋର ସାହୁଙ୍କୁ ସଂଘର ଉପଦେଷ୍ଟା ଭାବେ ସର୍ବସମ୍ମତିକ୍ରମେ ମନୋନୟନ କରାଯାଇଥିଲା । ଏତଦବ୍ୟତୀତ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ନିରଂଜନ ପରିଡା, ତ୍ରିଲୋଚନ ସାହୁ, ସୁଧାଂଶୁ ମହାପାତ୍ର, ଲକ୍ଷ୍ମୀଧର ନାୟକ, କରୁଣାକର ବିଶ୍ୱାଳ, ଜଗନ୍ନାଥ ବେହେରା ପ୍ରମୁଖ ଯୋଗଦାନ କରି ନିଜ ନିଜର ମତାମତ ପ୍ରଦାନ କରିଥିଲେ । ଉକ୍ତ ବରିଷ୍ଠ ନାଗରିକ ସଂଘ କିଭଳି ପଞ୍ଜିକୃତ ହେବ ସେ ସମ୍ବନ୍ଧରେ ସଂପାଦକ ଆଲୋଚନା କରିବା ସହିତ 'ବାଇଲୋ'ର ପ୍ରାକ୍ ପ୍ରସ୍ତୁତ ଏକ କପି କାର୍ଯ୍ୟକାରୀ ସଦସ୍ୟ ଶ୍ରୀ ମହାଳିକ ପାଠ କରିଥିଲେ ଏବଂ ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ସମସ୍ତେ ନିଃସ୍ୱାର୍ଥପରଭାବେ ସମାଜର ମଙ୍ଗଳ ନିମିତ୍ତ କାର୍ଯ୍ୟ କରିବାପାଇଁ ଉପସ୍ଥିତ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ ଏବଂ ଅଧିକ ସଂଖ୍ୟାରେ ବରିଷ୍ଠ ନାଗରିକଙ୍କୁ ଉକ୍ତ ସଂଘରେ ଅର୍ନ୍ତଭୂକ୍ତ କରିବାପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ । ସଂପାଦକ ଶ୍ରୀ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ ଏବଂ ଉପ ସଭାପତି ଇଶ୍ୱର ଚନ୍ଦ୍ର ପାଢୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଭୁଲି ହେଉନାହିଁ ହେଲିକପ୍ଟର ଅବତରଣ ଓ ଫେନିସି ଫୁଟବଲ ମ୍ୟାଚ କଥା

ଉଦଳା , ୦୭/୧୧ (ନି.ପ୍ର): ଉଦଳା ଉଚ୍ଚ ବିଦ୍ୟାଳୟର ୭୫ ବର୍ଷ ପୁର୍ତି ଅବସରରେ ପାଳିତ ହେବାକୁ ଯାଉଛି ପ୍ଲାଟିନମ୍ ?ଜୁବୁଲି । ଏଥିପାଇଁ ପ୍ରସ୍ତୁତି ପର୍ବ ବେଶ ଜୋରଦାର ଆଗେଇଚାଲିଥିବା ବେଳେ ବିଦ୍ୟାଳୟର ଅତିତର କଥାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ନିୟମିତ ଶୁଣିବାକୁ ମିଳୁଛି । ଏହିପରି ଆଜକୁ ପ୍ରାୟ ୪୦ ବର୍ଷ ତଳର କଥା, ଦିନେ କୌଣସି କାରଣ ନଥାଇ ଉଦଳା ଉଚ୍ଚବିଦ୍ୟାଳୟର ଖେଳପଡ଼ିଆରେ ହଠାତ୍ ଏକ ହ୍ୟାଲିକପ୍ଟର ଅବତରଣ କଲା । ହ୍ୟାଲିକପ୍ଟର ଦେଖିବା ପାଇଁ ସଙ୍ଗେ ସଙ୍ଗେ ଲୋକଙ୍କ ଭିଡ଼ ଜମିଗଲା । ହ୍ୟାଲିକପ୍ଟରରୁ ପାଇଲଟ ଓହ୍ଲାଇ ଦର୍ଶକ ମାନଙ୍କୁ ଶରତ ରାସ୍ତା ପଚାରିଥିଲେ । ଲମ୍ବୋଦର ନାମକ ଜଣେ ସ୍ଥାନୀୟ ବାସିନ୍ଦା ଶରତକୁ ରାସ୍ତା ବତାଇଥିଲେ । ତାଙ୍କୁ ପାଇଲଟ ହ୍ୟାଲିକପ୍ଟରରେ ବସିବା ପାଇଁ କହିଲେ ଓ ଲମ୍ବୋଦରବାବୁ ସାଙ୍ଗରେ ଗଲେ । କିନ୍ତୁ ଆକାଶ ମାର୍ଗରୁ ଶରତ କେଉଁଠି ସେ ଚିହ୍ନାଇପାରିଲେ ନାହିଁ । ଶେଷରେ ପୁଣିଥରେ ହ୍ୟାଲିକପ୍ଟର ଫେରିଆସି ତାଙ୍କୁ ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆରେ ଛାଡ଼ିଦେଇଥିଲେ । ପରେ ଜଣାଗଲା ସେ ସମୟର ମୁଖ୍ୟମନ୍ତ୍ରୀ ଜାନକି ବଲ୍ଲଭ ପଟ୍ଟନାୟକ ଏହି ହ୍ୟାଲିକପ୍ଟରରେ ଶରତଗସ୍ତରେ ଆସିଥିଲେ । ଏହି ଘଟଣା ଆଜିବି ଚର୍ଚ୍ଚାର ପରିସରକୁ ଆସୁଛି । ଏହିପରି ସେ ସମୟରେ ଉଦଳା ଠାରେ ପାଳିତ ହେଉଥିବା ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରଥମଥର ପାଇଁ ପ୍ରଶାସନ ତରଫରୁ ଏକ ଫେନିସି ଫୁଟବଲ ମ୍ୟାଚ ଉକ୍ତ ଖେଳପଡ଼ିଆରେ ଆୟୋଜିତ ହୋଇଥିଲା । ଖେଳ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା । ଅପରାହ୍ନ ୩ ଘଟିକାରେ ଖେଳ ଆରମ୍ଭର ସୂଚନା ଦିଆଯାଇଥିଲା । ପ୍ରଥମେ ସର୍କଶ ପାର୍ଟିର ଜୋକାର ବେଶରେ ସଜ୍ଜିତ ହୋଇ ହୁଇସିଲ ମାରି ପଡ଼ିଆକୁ ପ୍ରବେଶ କଲେ ଅତୁଲ ନାୟକ । ସେ ଆଜିର ଖେଳରେ ରେଫରି ଦାୟିତ୍ୱ ତୁଲାଇବେ ବୋଲି ଘୋଷଣା କରାଗଲା । ପରେ ଉପଜିଲ୍ଲାପାଳ, ତହସିଲଦାରଙ୍କ ସମେତ ଖୁଂଟା, କପ୍ତିପଦା, ଉଦଳା ଓ ଗୋପବନ୍ଧୁନଗର ବ୍ଲକର ବିଡ଼ିଓ ଓ ଆଇଟିଡ଼ିଏର ପ୍ରକଳ୍ପ ପ୍ରଶାସକଙ୍କ ସହିତ ଉଦଳା ଥାନାର କିଛି ପୋଲିସ କର୍ମଚାରୀ ପଡ଼ିଆ ମଧ୍ୟକୁ ପ୍ରବେଶ କଲେ ଏବଂ ଗୋଟିଏ ପଟର ଖେଳାଳି ବୋଲି ପରିଚୟ ଦେଲେ । ଅନ୍ୟ ଏକ ପଟରୁ ବାଣ ଫୁଟାଇ ବାଜା ବଜାଇ ପଡ଼ିଆ ମଧ୍ୟକୁ ପ୍ରବେଶ କଲା ଏକ ରିକ୍ସା । ଶୁଣିବାକୁ ମିଳିଲା ଏକ ବରକନ୍ୟା ଆସିଛନ୍ତି ଫୁଟବଲ ଖେଳିବା ପାଇଁ । ରିକ୍ସାରୁ ଓହ୍ଲାଇଲେ ଜୟଚନ୍ଦ୍ର ପତ୍ରୀ, ଯିଏକି ବର ବେଶରେ ସଜ୍ଜିତ ହୋଇଥିଲେ । କନିଆଁ ବେଶରେ ସଜ୍ଜିତ ହୋଇ ଖେଳିବାକୁ ଆସିଥିଲେ ରବିନାରାୟଣ ମହାନ୍ତି । ପରେ ପରେ ପଡ଼ିଆ ମଧ୍ୟକୁ ପ୍ରବେଶ କଲେ ଅଚ୍ୟୁତା ମୁଦୁଲି, ହିରଣ କର୍ମକାର, ଲକ୍ଷ୍ମୀକାନ୍ତ ବାରିକ, ରବି ତ୍ରିପାଠୀ, ରଘୁମଣି ତ୍ରିପାଠୀ ଇତ୍ୟାଦି ବହୁ ମାନ୍ୟଗଣ୍ୟ ବ୍ୟକ୍ତି । ଖେଳ ଆରମ୍ଭ ହେଲା , ହସି ହସି ଦର୍ଶକ ମାନେ ଫେରିଥିଲେ । ଖେଳ ନାମରେ ଏହା ଏକ ମନୋରଂଜନ କାର୍ଯ୍ୟକ୍ରମ ବୋଲି ସମସ୍ତେ ଭଲଭାବରେ ବୁଝିପାରିଥିଲେ । ଏହିଭଳି ଅତୀତର ଅନେକକିଛି କଥା ଆଜି ଆଲୋଚନାର ବିଷୟବସ୍ତୁ ପାଲଟି ଯାଇଛି ।


OFFICE OF THE BASUDEVPUR MUNICIPALITY, BHADRAK.

No.- 3266 Date: -06-11-24

**E-Procurement Notice**

BID Identification No.BM TCN_02_2024-25

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil Const. works as mentioned in DTCN
2. No. of works : 04 nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 09-11-2024(10am) to 15-11-2024
6. Last date and time for receipt : 15-11-2024 up to 5.00 pm
7. Bids received online shall be opened on : 16-11-2024 from 11 am onwards
8. Name and address of the Officer Inviting Bid : Executive Officer, Basudevpur Municipality

Executive Officer Basudevpur Municipality

OIPR: 13135/11/0007/2425


# ପୁରୀ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ପୁରୀ, ୦୭/୧୧ (ନି.ପ୍ର): ପୁରୀ ପୋଲିସ ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ଆଜି ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆଡ଼ମ୍ବର ପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ପ୍ରାୟ ୧୦ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ବରିଷ୍ଠ, କନିଷ୍ଠ ତଥା ଶାରୀରିକ ଭିନ୍ନକ୍ଷମ ତିନି ଗୋଟି ବିଭାଗରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରଥମେ ବିଦ୍ୟାଳୟ ,କ୍ଲଷ୍ଟର ଓ ବ୍ଲକ୍ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ତନ୍ମଧ୍ୟରୁ ଶ୍ରେଷ୍ଠ ଛାତ୍ରଛାତ୍ରୀ ମାନେ ଏଥିରେ ଭାଗ ନେଇଥିଲେ । ଜିଲ୍ଲା ସ୍ତରରେ ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିପାରିଥିବା ଛାତ୍ରଛାତ୍ରୀ ମାନଙ୍କୁ ରାଜ୍ୟ ସ୍ତରୀୟ ସୁରଭି ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ କରାଗଲା । ସାମଗ୍ରିକ ରୂପେ ଏହି ପ୍ରତିଯୋଗିତା ଗୁଡ଼ିକୁ ଜିଲ୍ଲାର ୩୦ ଜଣ ଦକ୍ଷ ବିଚାରକ ପରିଚାଳନା କରିଥିଲେ । ଏହାର ଉଦ୍ଘାଟନ ଉତ୍ସବରେ ବିଧାୟକ, ସତ୍ୟବାଦୀ ଓମ୍ ପ୍ରକାଶ ମିଶ୍ର ଯୋଗଦାନ କରି ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ଅନ୍ତର୍ନିହିତ ଗୁଣାବଳୀ ର ବିକାଶ ଘଟିଥାଏ ଓ ସେମାନଙ୍କ ମାନସିକ ଅଭିବୃଦ୍ଧି ସାଧିତ ହେବା ସହ ସେମାନଙ୍କୁ ଦୃଢ଼ ମନୋବଳ ପ୍ରଦାନ କଲେ ସେମାନେ ସମାଜକୁ ଏକ ନୂତନ ମାର୍ଗରେ ଆଗେଇ ନେବା ପାଇଁ ଚେଷ୍ଟିତ ହୋଇଥାନ୍ତି । ବିଧାୟକ, ପିପିଲି , ଆଶ୍ରିତ ପଟ୍ଟନାୟକ ଯୋଗଦାନ କରି ପୁଷ୍ପ ଦେହରେ ସୁରଭି ବା ସୁଗନ୍ଧ ଅଦୃଶ୍ୟ ଭାବେ ରହିଥିବା ପରି କୁନି କୁନି ପିଲାମାନଙ୍କ ଠାରେ ସୁରଭି ସଦୃଶ ଗୁଣ ସମୂହ ଅପ୍ରକାଶ୍ୟ ରୂପେ ରହିଥାଏ । ଏହିପରି ସୁନ୍ଦର ସୁନ୍ଦର କାର୍ଯ୍ୟକ୍ରମ ମାଧ୍ୟମରେ ତାହା ପ୍ରକଟିତ ହୋଇ ଭବିଷ୍ୟତରେ ସେମାନଙ୍କୁ ମହନୀୟ କରିଥାଏ । ସେମାନଙ୍କୁ କେବଳ ପ୍ରେରଣା ଦେବା ଶିକ୍ଷକ, ଅଭିଭାବକ ଓ ଆମ୍ଭମାନଙ୍କର ସର୍ବାଦୌ କର୍ତବ୍ୟ ଅଟେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ , (ପ୍ରଶାସନ), ପୁରୀ, ଶରତଚନ୍ଦ୍ର ବେହେରା ଉପସ୍ଥିତ ରହି ନିଜର ଓଜସ୍ୱୀ ବକ୍ତବ୍ୟ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମରଥ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଭବିଷ୍ୟତ ଜୀବନରେ ଉତରୋତର ଉନ୍ନତି କରିବା ପାଇଁ ପ୍ରୋତ୍ସାହନ ପ୍ରଦାନ କରିଥିଲେ ।




## ମହାରାଷ୍ଟ୍ର ନିର୍ବାଚନ ପାଇଁ ...

ଶିବାଜୀ ମହାରାଜଙ୍କ ମନ୍ଦିର ନିର୍ମାଣ କରିବାରେ ଆପଣ ସକ୍ଷମ ହେବେ କି ? ଆମ ସରକାର କ୍ଷମତାକୁ ଆସିବା ପରେ ଆମେ ପ୍ରତ୍ୟେକ ଜିଲ୍ଲାରେ ଛତ୍ରପତି ଶିବାଜୀ ମହାରାଜଙ୍କ ମନ୍ଦିର ନିର୍ମାଣ କରିବୁ। ଆମେ ସୁରଟରେ ଏକ ମନ୍ଦିର ମଧ୍ୟ ନିର୍ମାଣ କରିବୁ । ମୁମ୍ବାଇ ଓ ମହାରାଷ୍ଟ୍ରର ଗୁଜରାଟୀକରଣ ଚାଲିଛି, ସେମାନେ ଏହା ହେବାକୁ ଦେବେ ନାହିଁ । ମହାବିକାଶ ଆଘାଡିର ୫ଟି ପ୍ରତିଶ୍ରୁତି : ମହିଳାଙ୍କୁ ପ୍ରତି ମାସରେ ୩ହଜାର ଟଙ୍କା ପ୍ରଦାନ ସହ ସରକାରୀ ବସରେ ମାଗଣା ଯାତ୍ରାର ସୁବିଧା, କୃଷକଙ୍କ ତିନି ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ, ବେରୋଜଗାର ଯୁବକଙ୍କୁ ମାସକୁ ଚାରି ହଜାର ଟଙ୍କା, ପ୍ରତ୍ୟେକ ପରିବାରଙ୍କୁ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଏବଂ ଅତ୍ୟାବଶକୀୟ ଔଷଧ ମାଗଣା ପ୍ରଦାନର ବ୍ୟବସ୍ଥା, ସାମାଜିକ- ଆର୍ଥିକ ସ୍ତରରେ ହେବ ଜାତିଗଣନା।

## ନୂଆବର୍ଷରୁ ହିତାଧିକାରୀଙ୍କୁ ...

ଏହି ସମାବେଶରେ ୧ ଲକ୍ଷରୁ ଅଧିକ ଚାଷୀ ଯୋଗ ଦେବେ ବୋଲି ମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ, ପୂର୍ବ ସରକାର ସରକାର ୨୦୨୦-୨୧ ମସିହାରୁ ରାଜ୍ୟରେ ରାସନ କାର୍ଡ ହିତାଧିକାରୀଙ୍କୁ ସାଧାରଣବର୍ଣ୍ଟନ ବ୍ୟବସ୍ଥାରେ ଗହମ ଦେବା ବନ୍ଦ କରି ଦେଇଥିଲେ । ରାଜ୍ୟର ହିତାଧିକାରୀଙ୍କୁ କେବଳ ଚାଉଳ ଦେବା ପାଇଁ ସେତେବେଳେ ନିଷ୍ପତ୍ତି ନେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## 'ମୋ ବସ୍' ଏମ୍‌ଡିଙ୍କୁ କଡ଼ା...

ଏମ୍‌ଡି ଦୀପତେଶ ପଟ୍ଟନାୟକ ଉଭୟ ଭର୍ଚୁଆଲ୍‌ରେ ହାଜର ହୋଇଥିଲେ। 'ଲକ୍ଷ୍ମୀ ବସ୍'ରେ ଲଗାଯାଇଥିବା ଅତ୍ୟାଧୁନିକ ସରଞ୍ଜାମ ଯୋଗୁ ଡ୍ରାଇଭରଙ୍କ କାର୍ଯ୍ୟକଳାପ, ବସର ସ୍ଥିତି ଓ ବେଗ ସମ୍ପର୍କରେ ସବିଶେଷ ତଥ୍ୟ ଓଏସ୍‌ଆରଟିସିର ମୁଖ୍ୟାଳୟରେ ଜଣାପଡିଯାଉଛି ବୋଲି ଏମ୍‌ଡି ଦୀପତେଶ ପଟ୍ଟନାୟକ ପ୍ରକାଶ କରିଥିଲେ। ଏହି ବ୍ୟବସ୍ଥା 'ମୋ ବସ୍'ରେ ବ୍ୟବହାର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଡ୍ରାଇଭର ନିଶାସକ୍ତ କି ନାହିଁ ଜାଣିବା ପାଇଁ ବାରମ୍ବାର ଏବଂ ଅଚାନକ ବ୍ରେଥ୍ ଆନାଲାଇଜର ବ୍ୟବହାର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଜମ୍ମୁ-କଶ୍ମୀର ବିଧାନସଭାରେ...

ଅବଦୁଲ୍ଲା ସରକାର ପାକିସ୍ତାନର ମନୋବଳ ବୃଦ୍ଧି କରୁଛନ୍ତି। ଧାରା ୩୭୦ ଜମ୍ମୁ କଶ୍ମୀରରେ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ପାକିସ୍ତାନ ମାନସିକତାକୁ ଜନ୍ମ ଦେଇଥିଲା। ଏଭଳି ପରିସ୍ଥିତିରେ ବିଧାନସଭାରେ ଧାରା ୩୭୦ ପ୍ରସ୍ତାବକୁ ଅସାମ୍ବିଧାନିକ ଢଙ୍ଗରେ ଆଣିବା ଏବଂ ଏହାକୁ ଶୀଘ୍ର, ଗୁପ୍ତ ଭାବରେ ଚୋରଙ୍କ ପରି ଉପସ୍ଥାପନ କରିବା ଦର୍ଶାଏ ଯେ ଜମ୍ମୁ କଶ୍ମୀରରେ ନ୍ୟାସନାଲ କନ୍‌ଫରେନ୍ସ ଏବଂ କଂଗ୍ରେସ ପୁଣି ପରିସ୍ଥିତିକୁ ଆହୁରି ଖରାପ କରିବାକୁ ଚାହୁଁଛି।

## ପର୍ବପର୍ବାଣୀକୁ ନେଇ...

ସଂକ୍ରାନ୍ତି ୧୩ ନା ୧୪ ତାରିଖରେ ପଡ଼ିବ, ତାକୁ ନେଇ ସେତେବେଳେ ଦ୍ୱନ୍ଦ୍ୱ ଉପୁଜିଥିବା ବେଳେ ଗତ ଅକ୍ଟୋବରରେ ଦିପାବଳୀ, କାଳୀପୂଜା ଓ ପୟାଶ୍ରାଦ୍ଧ ତାରିଖକୁ ନେଇ ବାଉଳା ହୋଇଥିଲେ ରାଜ୍ୟବାସୀ। ଏମିତିକି କିଛି କ୍ୟାଲେଣ୍ଡର ୧ ତାରିଖକୁ କାଳୀପୂଜା ଛୁଟି ବୋଲି ଲେଖି ଦେଇଥିଲେ। ଯେହେତୁ ଓଡ଼ିଆ ଲୋକେ ଶ୍ରୀମନ୍ଦିର ତିଥିକୁ ବିଶ୍ୱାସ ରଖି ଘରେ ଘରେ ପର୍ବପର୍ବାଣୀ ପାଳନ କରନ୍ତି, ତେଣୁ ପାଞ୍ଜିକାରଙ୍କ ମଧ୍ୟରେ ଅସଙ୍ଗତିକୁ ନେଇ ଶଙ୍କରାଚାର୍ଯ୍ୟ ଉଦ୍‌ବେଗ ପ୍ରକାଶ କରିବା ସହ ଏ ନେଇ ତାଙ୍କର କୌଣସି ପରାମର୍ଶ ନିଆଯାଉନଥିବା କହିଛନ୍ତି। ସେପଟେ ପାଞ୍ଜିରେ ନୁହେଁ ବରଂ ବିଭିନ୍ନ କ୍ୟାଲେଣ୍ଡରରେ ପର୍ବପର୍ବାଣୀ ତାରିଖରେ ଅସଂଗତି ରହୁଥିବା ମାନିଛନ୍ତି ପାଞ୍ଜିକାର। ଏମିତିକି ମୁକ୍ତିମଣ୍ଡପର ପାଣ୍ଡୁଲିପି ଚୟନ ଉପରେ ପ୍ରଶ୍ନ ଉଠାଇ ପଠାଣି ସାମନ୍ତଙ୍କ ସୂକ୍ଷ୍ମ ରାଷ୍ଟ୍ରୀୟ ପଞ୍ଚାଙ୍ଗ ଆଧାରରେ ଗଣନା ଦାବି କରିଛନ୍ତି ରାଜ୍ୟର ଅନ୍ୟତମ ପୁରାତନ ଓ ଭରସାଯୋଗ୍ୟ ପାଞ୍ଜି ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକାର ଗଣନାକାର। ସେ କହିଛନ୍ତି, ଏପ୍ରିଲ ୧୪ ପଣା ସଂକ୍ରାନ୍ତିରୁ ଓଡ଼ିଶାରେ ନୂଆବର୍ଷ ଆରମ୍ଭ ହୁଏ। ହେଲେ ଜାନୁଆରୀ ୧ ଇଂରାଜୀ ନବବର୍ଷରୁ କ୍ୟାଲେଣ୍ଡର ଛପା ଯାଉଥିବାରୁ ତିଥି-ବାର ଓ ତାରିଖକୁ ନେଇ ବ୍ୟତିକ୍ରମ ସୃଷ୍ଟି ହେଉଛି। ପୂର୍ବରୁ ରାଜ୍ୟର ବିଭିନ୍ନ ପାଞ୍ଜିକାରମାନେ ଶ୍ରୀମନ୍ଦିର ମୁକ୍ତିମଣ୍ଡପକୁ ସେମାନଙ୍କ ପାଣ୍ଡୁଲିପି ପ୍ରଦାନ କରୁଥିଲେ। ହେଲେ କିଛି ବର୍ଷ ତଳେ ମୁକ୍ତିମଣ୍ଡପ କର୍ତୃପକ୍ଷ ଶ୍ରୀମନ୍ଦିର ଗଣନା ସହ ସେମାନଙ୍କୁ ସମାନ ଢଙ୍ଗରେ ପାଣ୍ଡୁଲିପି ପ୍ରସ୍ତୁତ କରିବାକୁ କହିବା ପରଠାରୁ ଏଥିରେ ବ୍ୟତିକ୍ରମ ସୃଷ୍ଟି ହୋଇଛି। ରାଜ୍ୟ ସରକାର ମଧ୍ୟ ଏ ଦିଗରେ ତତ୍ପରତା ଦେଖାଇବାକୁ କିଛି ଗଣନାକାର ଦାବି କରିଛନ୍ତି। ସେପଟେ ଶ୍ରୀମନ୍ଦିର ନୀତି ପ୍ରଶାସକ କହିଛନ୍ତି, ଶ୍ରୀମନ୍ଦିର ବର୍ଷ ସାରା ପାଳିତ ହେବାକୁ ଥିବା ବିଭିନ୍ନ ପର୍ବପର୍ବାଣୀ ଯେପରି ସବୁ କ୍ୟାଲେଣ୍ଡରରେ ସମାନ ଦିନରେ ପଡ଼ିବ, ସେଥିପାଇଁ ସବୁ ପାଞ୍ଜିକାରମାନଙ୍କୁ ପାଣ୍ଡୁଲିପି ଦେବାକୁ କୁହାଯାଇଛି। ଇଂରାଜୀ ନୂଆବର୍ଷକୁ ଆହୁରି ୨ ମାସ ବାକି ଅଛି। ହେଲେ ଏବେଠୁ ବଜାରକୁ ଆସିଗଲାଣି ୨୦୨୫ ମସିହାର ବିଭିନ୍ନ ଓଡ଼ିଆ କ୍ୟାଲେଣ୍ଡର। ତେଣୁ ଆସନ୍ତାବର୍ଷ ସବୁ ପର୍ବପର୍ବାଣୀ ନିର୍ଭୁଲ୍ ହେବ ତ ବୋଲି ଉଠିଛି ପ୍ରଶ୍ନ।

## ନଡ଼ା ଜାଳିଲେ ତ୍ରାହି ନାହିଁ: ...

ସରକାରଙ୍କୁ ତାଗିଦ କରିଥିଲେ। ଏହା ପରେ ହିଁ କେନ୍ଦ୍ର ସରକାର ଯେଉଁମାନେ ନଡ଼ା ଜାଳୁଛନ୍ତି ସେମାନଙ୍କ ଉପରେ କଡା ଆଭିମୁଖ୍ୟ ଗ୍ରହଣ କରି ଜରିମାନା ପରିମାଣ ଦ୍ୱିଗୁଣିତ କରିଛନ୍ତି। ଜାତୀୟ ରାଜଧାନୀ ତଥା ଏହାର ଆଖପାଖ ଅଞ୍ଚଳରେ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ ୨୦୨୧ଅନୁଯାୟୀ ଏହି ନିୟମଗୁଡ଼ିକରେ ସଂଶୋଧନ କରାଯାଇଛି। ପ୍ରଦୂଷଣକୁ ନେଇ ଦିଲ୍ଲୀ-ଏନସିଆର ଭଳି ସହରରେ ରହୁଥିବା ଲୋକଙ୍କ ଚିନ୍ତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଲୋକଙ୍କ ବ୍ୟକ୍ତିଗତ ଯାନବାହାନରୁ ଧୂଆଁ ବାହାରିବା ବ୍ୟତୀତ ହରିୟାଣା ଏବଂ ପଞ୍ଜାବର ଚାଷୀଙ୍କ ଦ୍ୱାରା ଜଳାଯାଉଥିବା ନଡ଼ାରୁ ବାହାରୁଥିବା ଧୂଆଁ ପ୍ରଦୂଷଣକୁ ଆହୁରି ଖରାପ କରିଛି। ଏଠାକାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କ୍ଷତିକାରକ ପ୍ରଭାବ ପଡିବା ସହ ସେମାନଙ୍କ ଜୀବନକୁ କଷ୍ଟସାଧ ମଧ୍ୟ କରୁଛି। ବାୟୁର ଗୁଣବତ୍ତା ୪୦୦ ପାର କରିଥିବା ରେକର୍ଡ ହୋଇଛି।

## ବନ୍ଧା ହେଲେ ଇଡ୍‌କୋର...

୩ କୋଟି ୨୨ ଲକ୍ଷ ଟଙ୍କା ମୂଲ୍ୟର ଏକ ବିଳାସପୂର୍ଣ୍ଣ ୪ ମହଲା କୋଠା। ତାଙ୍କର ଏହି ଘରେ ଅତ୍ୟାଧୁନିକ ରିମୋଟ୍ କଣ୍ଟ୍ରୋଲ୍ ଗେଟ୍, ପାସୱାର୍ଡ ପ୍ରୋଟେକ୍ଟେଡ୍ ଡୋର୍ ଓ ଲକ୍, ଇମ୍ପୋର୍ଟେଡ୍ ଆସବାବପତ୍ର ରହିଛି। ପୁରୀରେ ତାଙ୍କର ଗୋଟିଏ ଫ୍ଲାଟ ଥିବା ବେଳେ ଭୁବନେଶ୍ୱର ଓ ଖୋର୍ଦ୍ଧାରେ ଅଛି ୩ଟି ପ୍ଲଟ୍। ବ୍ୟାଙ୍କ ଓ ବୀମା ବାବଦକୁ ସେ ୫୫ ଲକ୍ଷ ଟଙ୍କା ଜମା ରଖିଥିବା ବେଳେ ତାଙ୍କ ଘରୁ ନଗଦ ସାଢ଼େ ୪ ଲକ୍ଷ ଟଙ୍କା ପାଇଥିଲା ଭିଜିଲାନ୍ସ। ତାଙ୍କର ଗୋଟିଏ ଚାରି ଚକିଆ ଗାଡ଼ି (ଫୋର୍ଡ ଇକୋ ସ୍ପୋର୍ଟସ) ଓ ୩ଟି ଦୁଇ ଚକିଆ ଗାଡ଼ି ଅଛି। ତାଙ୍କ ଘରୁ ମିଳିଥିବା ସୁନା ଗହଣା ଓ ଘରକରଣା ଜିନିଷର ମୂଲ୍ୟ ୨୯ ଲକ୍ଷ ଟଙ୍କା।

## ଆମ୍ବ ଟାକୁଆ ଜାଉ ...

ଦ୍ୱିତୀୟ ଥର ଡାଏଲିସିସ୍ କରାଯିବା ପରେ ସେମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟୁଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଆମ୍ବ ଟାକୁଆ ଜାଉ ପ୍ରଥମ ଦିନ ଯେଉଁମାନେ ଖାଇଥିଲେ କିଛି ହେଇ ନଥିଲା। ଏହା ଦୁଇ ଦିନ ରହିଯିବା ଫଳରେ ବିଷାକ୍ତ ହେଇଯାଇଥିବା ଅନୁମାନ କରାଯାଉଛି। ଖାଦ୍ୟ ନମୁନା ପରୀକ୍ଷାରୁ ମଧ୍ୟ ଏହା ଖରାପ ହୋଇଥିବା ଜଣାପଡ଼ିଛି। ସେପଟେ ଆମ୍ବ ଟାକୁଆ ଜାଉ ଘଟଣାରେ ତେଜିଛି ରାଜନୀତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। କହିଛନ୍ତି ଆମ ସରକାରର ବାର ବର୍ଷର ତପସ୍ୟାକୁ ବିଜେପି ସରକାର ଶୁଖୁଆ ପୋଡ଼ାରେ ସାରି ଦେଲା। ଆମେ ଆରମ୍ଭ କରିଥିବା ବିକାଶ ମୂଳକ ଯୋଜନା ଲୋକଙ୍କୁ ବଞ୍ଚିବାକୁ ଶକ୍ତି ଦେଇଥିଲା। ଏବେ ବିନା କାରଣରେ ଗରିବ ଆଦିବାସୀ ଭାଇ ଭଉଣୀଙ୍କ ଚାଉଳକୁ ବନ୍ଦ କରିଛନ୍ତି ରାଜ୍ୟ ସରକାର। ଯେଉଁଥିପାଇଁ ସେମାନେ ଆମ୍ବ ଟାକୁଆ ଖାଉଛନ୍ତି। ନବୀନଙ୍କୁ କାଉଣ୍ଟର କରିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କହିଛନ୍ତି ଏହା ବିଷାକ୍ତ ଖାଦ୍ୟଜନିତ ମୃତ୍ୟୁ ବୋଲି ଡାକ୍ତର କହିସାରିଛନ୍ତି। ଏନେଇ ଅଯଥା ରାଜନୀତି କରାନଯାଉ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ପରେ ଗ୍ରାଉଣ୍ଡ ଜିରୋକୁ ଯାଇ ଜଉଉ ଓ ସ୍ୱାସ୍ଥ୍ୟ ବିଭାଗ ଅନୁଧ୍ୟାନ କରିଛି। ଅସ୍ୱାସ୍ଥ୍ୟକର ଖାଦ୍ୟ ନଖାଇବାକୁ ସରକାର ପରାମର୍ଶ ଦେଇ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ସଚେତନ କରାଯାଉଛି ।

## ପ୍ରସନ୍ନ ଆଚାର୍ଯ୍ୟଙ୍କ ହାତ ଛାଡ଼ିଲେ ....

ମିଶ୍ରଣ ପର୍ବରେ ଯୋଗଦେଇ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଜନ ପ୍ରତିନିଧି ଓ ସ୍ଥାନୀୟ ନେତୃତ୍ୱଙ୍କୁ ଦଳରେ ସ୍ୱାଗତ କଲି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ ଓ ରାଜ୍ୟରେ ବିଜେପି ସରକାରର କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଦଳରେ ଯୋଗ ଦେଇଥିବାରୁ ଧନ୍ୟବାଦ ଜଣାଉଛି। ଏହି ଯୋଗଦାନ ତୃଣମୂଳ ସ୍ତରରେ ଆମର ସଂଗଠନକୁ ଅଧିକ ମଜଭୁତ କରିବ ବୋଲି ଶ୍ରୀ ପ୍ରଧାନ ଲେଖିଛନ୍ତି। ସେପଟେ ମନ୍ତ୍ରୀ ରବି ନାଏକ କହିଛନ୍ତି, ଦୀର୍ଘ ସମୟ ଧରି ନେତୃତ୍ୱ ନେଲା ପରେ ମଧ୍ୟ ରେଢ଼ାଖୋଲ ଅଞ୍ଚଳର ବିକାଶ ହୋଇପାରିଲା ନାହିଁ। ଚାଷ ଉପରେ ନିର୍ଭର କରି ଚଳୁଥିବା ଲୋକମାନେ ନାନା ସମସ୍ୟା ଭିତରେ ଜୀବନ ଅତିବାହିତ କରୁଛନ୍ତି। ତେଣୁ ଡବଲ ଇଞ୍ଜିନ ସରକାରର କାର୍ଯ୍ୟ ଉପର ଭରସା କରି ୧୮ ଜଣ ସରପଞ୍ଚ ଓ ନାଏବ ସରପଞ୍ଚ ଆଜି ବିଜେପିରେ ଯୋଗଦେଇଛନ୍ତି। ଆଗମୀ ଦିନରେ ସେମାନେ ଲୋକଙ୍କ ପାଇଁ କାମ କରିବେ ବୋଲି କହିଛନ୍ତି। ସେମାନଙ୍କୁ ମୁଁ ଦଳ ତରଫରୁ ସ୍ୱାଗତ କରୁଛି ବୋଲି ମନ୍ତ୍ରୀ କହିଛନ୍ତି।

## ଭାଇଜାନଙ୍କ ପରେ ...

ଆରମ୍ଭ କରିଛି ମୁମ୍ବାଇ ପୁଲିସ । ସଲମନଙ୍କ ପରେ ଏବେ ବଲିଉଡର ବାଦଶାହାଙ୍କୁ ଅପରାଧୀଙ୍କ ଧମକ । ମୁମ୍ବାଇର ବାନ୍ଦ୍ରା ପୋଲିସ ନିକଟରେ ଅଭିଯୋଗ ହୋଇଛି । ପୋଲିସ ସୂଚନା ମୁତାବକ ଛତିଶଗଡର ରାୟପୁରରୁ ମହମ୍ମଦ ଫୈଜାନ୍ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ପଞ୍ଜୀକୃତ ହୋଇଥିବା ନମ୍ବରରୁ ଏହି ଧମକ ମିଳିଥିଲା । ବାନ୍ଦ୍ରା ପୋଲିସକୁ ଏକ ଧମକପୂର୍ଣ୍ଣ କଲ ଆସିଥିଲା ,କଲଟି ୫ତାରିଖ ଅପରାହ୍ନରେ ପୋଲିସକୁ ଆସିଥିଲା । ବାନ୍ଦ୍ରା ପୋଲିସ୍ କ୍ରାଇମ ବ୍ରାଞ୍ଚର ଏକ ଟିମ୍ ବର୍ତ୍ତମାନ ରାୟପୁର ଅଭିମୁଖେ ବାହାରିଛନ୍ତି, ଯେଉଁଠାରୁ ଧମକ ଆସିଛି । ଫୋନ୍ କରି କୁହାଯାଇଥିଲା ଯେ, ଯଦି ଶାହରୁଖଙ୍କ ଜୀବନ ବଞ୍ଚାଇବାକୁ ଚାହୁଁଛ, ତେବେ ପଚାଶ ଲକ୍ଷ ଟଙ୍କା ଦିଅ, ନଚେତ ପରିଣାମ ଭୋଗିବାକୁ ପ୍ରସ୍ତୁତ ରୁହ । ସଲମାନଙ୍କ ପରେ ଶାହରୁଖଙ୍କୁ ଏପରି ଧମକପୂର୍ଣ୍ଣ କଲ୍ ଆସିବା ପରେ ତାଙ୍କ ବାସଭବନରେ ସୁରକ୍ଷା ବଢ଼ାଇ ଦିଆଯାଇଛି । ଏବେ ଶାହରୁଖଙ୍କ ଘର ମନ୍ନତ ନିକଟରେ ସୁରକ୍ଷା ବଢ଼ାଇ ଦିଆଯାଇଛି। କଲରଙ୍କୁ ପୋଲିସ ପଚାରିଥିଲା ଆପଣ କିଏ କହୁଛନ୍ତି ସେପଟୁ ଉତ୍ତର ଆସିଥିଲା ନାଁ ମ୍ୟାଟର କରେନି ଯଦି ଲେଖିବାକୁ ଚାହୁଁଛନ୍ତି ତେବେ ମୋ ନାଁ ହିନ୍ଦୁସ୍ତାନୀ ଲେଖିଦିଅନ୍ତୁ । କିଛିଦିନ ତଳେ ଶାହରୁଖଙ୍କ ଘର ବାହାରେ ପୋଲିସ ବ୍ୟାରିକେଡ ଲଗାଇଥିଲା । ତେବେ କୁହାଯାଉଛି କି ଶାହରୁଖଙ୍କ ତରଫରୁ ଏବେ ଅଧିକ ସୁରକ୍ଷା ମଗାଯାଇନାହିଁ । ଆଗରୁ ହେଉ ବା ବର୍ତ୍ତମାନ କେମିତି ଅପରାଧୀମାନେ ପାଉଛନ୍ତି ନେତା ଓ ଅଭିନେତାଙ୍କ ନମ୍ବର ? କାହା ସାହାଯ୍ୟରେ ଆଉ କେମିତି କରାଯାଉଛି ଅପରେଟିଂ । ଅପରାଧୀଙ୍କୁ ପୋଲିସର ଯେମିତି ଡର ନାହିଁ । ସଲମାନ ଖାଁଙ୍କୁ ଧମକ ଦେବା କାରଣରୁ ଦୁଇ ରୁ ତିନିଜଣ ଙ୍କୁ ବାନ୍ଧିଛି ପୋଲିସ ଆଉ ଏବେ ପୋଲିସ ପାଇଁ ଚିନ୍ତା ବଢାଇଛି ଏହିପରି ଧକମପୂର୍ଣ୍ଣ କଲ । ଧମକପୂର୍ଣ୍ଣ କଲ ପାଇବାପରେ ଆକ୍ସନ ମୋଡରେ ମୁମ୍ବାଇ ପୋଲିସ । ଅପରାଧୀକୁ ଟ୍ରାକ କରାଯାଇଛି ଆଉ ଅପରାଧି ଧରା ପଡିଲେ ଜଣାପଡିବ କଲ କରିବା ପଛର କାରଣ କଣ ଏବଂ କାହା ଇସାରାରେ କଲ୍ କରାଯାଇଛି ?

# ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ଭାରତୀୟ ସ୍କାଉଟସ ଓ ଗାଇଡର ୭୫ତମ ସ୍ଥାପନା ଦିବସ ପାଳିତ

ବସ୍ତା ୭/୧୧(ନିପ୍ର): ଭାରତ ସ୍କାଉଟସ ଓ ଗାଇଡସ ର ୭୫ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଶାଖାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ବିଶିଷ୍ଟ ସ୍କାଉଟ ଶିକ୍ଷକ ନରୋତ୍ତମ ଚକ୍ରବର୍ତ୍ତୀ ଶିକ୍ଷା କେନ୍ଦ୍ର ପରିସରରେ ପତାକା ଉତ୍ତୋଳନ କରିବା ସହ କ୍ୟାଡେଟ ମାନଙ୍କୁ ଶପଥ ଗ୍ରହଣ କରାଇଥିଲେ। ସମସ୍ତ ଛାତ୍ରଛାତ୍ରୀ ଜନସେବା ପ୍ରାର୍ଥନା ଗାନ କରିଥିଲେ।ପରେ ପରେ ଉଭୟ ସ୍କାଉଟ ଓ ଗାଇଡ ର ଦୁଇଟି ବାହିନୀ ବ୍ୟାଣ୍ଡ ଓ ଧୂନ୍ ସହ ବସ୍ତା ରେଳ ଷ୍ଟେସନ। ପର୍ଯ୍ୟନ୍ତ ନଗର ପରିକ୍ରମା କରିଥିଲେ। ପରବର୍ତ୍ତୀ ସମୟରେ ଏକ ବର୍ଣ୍ଣାଢ଼୍ୟ ପୁରସ୍କାର ବିବରଣୀ ସଭା ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠାତା ଲର୍ଡ ବାଡେନ ପାଓ୍ୱଲ ଓ ପଣ୍ଡିତ ରଘୁନାଥ ମିଶ୍ରଙ୍କ ଫଟୋ ଚିତ୍ର ରେ ମାଲ୍ୟାର୍ପଣ କରିଥିଲେ। ନିକଟରେ ଭୁବନେଶ୍ୱରରେ ହୋଇଥିବା ଶିବିରରେ କୃତି କ୍ୟାଡେଟ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଉପଦେଷ୍ଟା ଶ୍ୟାମାପ୍ରସାଦ ବେହେରା, ସମ୍ପାଦକ ରାମଚନ୍ଦ୍ର ଦେବ, ସଦସ୍ୟ ସୁଶାନ୍ତ ପ୍ରଧାନ ଉଦବୋଧନ ଦେଇଥିଲେ।ଉପ ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ରଞ୍ଜିତା ପାଢୀ ଅତିଥି ପରିଚୟ କରିଥିଲେ ଓ ଗାଇଡ ଶିକ୍ଷୟିତ୍ରୀ ପୁଷ୍ପଲତା ପଟ୍ଟନାୟକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ପାରାଦ୍ୱୀପ ବନ୍ଦର ସାଂସ୍କୃତିକ ମହୋତ୍ସବ ୨୦୨୪ର ପଞ୍ଚମ ସନ୍ଧ୍ୟା: ବନ୍ଦର ବ୍ୟବହାରକାରୀ ମାନଙ୍କର ନାଟକ 'ପର ଆପଣାର' ମଞ୍ଚସ୍ଥ

ପାରାଦ୍ୱୀପ , ୦୭/୧୧ (ନି.ପ୍ର): ପାରାଦ୍ୱୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ଆନୁକୂଲ୍ୟରେ ଆୟୋଜିତ ସାଂସ୍କୃତିକ ମହୋତ୍ସବ ୨୦୨୪ର ପଞ୍ଚମ ସନ୍ଧ୍ୟାରେ ପାରାଦୀପ ବନ୍ଦର ବ୍ୟବହାରକାରୀ ସଂସ୍ଥାର କର୍ମଚାରୀ ତଥା ସେମାନଙ୍କ ପରିବାରର ସଦସ୍ୟମାନେ ଗୁରୁ ପ୍ରଭାତ ମହାରଣାଙ୍କ ରଚନା ଓ ନିର୍ଦ୍ଦେଶନାରେ ନାଟକ 'ପର ଆପଣାର' ଜୟଦେବ ସଦନ ଠାରେ ମଞ୍ଚସ୍ଥ କରିଥିଲେ । ସମୟ କେତେବେଳେ ଆନନ୍ଦର ଉନ୍ମାଦନା ଦିଏ ତ ଆଉ କେତେବେଳେ ମରୁଭୂମିର ଘୂର୍ଣ୍ଣିଝଡ ଠାରୁ ବଳିଯାଏ । ଏଠି କିଏ କେତେବେଳେ ଖୁବ୍ ନିଜର ତ ଆଉ କେତେବେଳେ ଶତ୍ରୁ ଠାରୁ ବି ଅଧିକ ପର ଲାଗେ । ପର ଆପଣାର ଦୋ ଛକିରେ ସାମାଜିକ ମୂଲ୍ୟବୋଧର ମୂଲ୍ୟାଙ୍କନ କରିବାଟା ବହୁତ କଷ୍ଟସାଧ ହେଉଛି । ଜୀବନ ଜିଁବାର ରାସ୍ତାଟା ଏତେ ବଙ୍କା, ତେଢ଼ା ସହ ଖାଲଢ଼ିପରେ ପରିପୂର୍ଣ ଯେ ଲକ୍ଷ ସ୍ଥଳରେ ପହଞ୍ଚିବାକୁ ବେଳେ ବେଳେ ଦୁଃସାଧ ଜଣାପଡେ, ହେଲେବି ଲକ୍ଷ ସ୍ଥଳରେ ପହଞ୍ଚିବାକୁ ସମସ୍ତେ ବ୍ୟଗ୍ର । ଯେଉଁଭଳି ପରିସ୍ଥିତି ଆସୁ, ଅହଙ୍କାରର ଆବରଣକୁ ଦୂରେଇ ଦେଇ ପରକୁ ଆପଣାର କରି ପାରିଲେ ପୋଡ଼ା ଅଙ୍ଗାରଟା ବି ସୁନା ମୁଣ୍ଡା ପାଲଟିଯିବ । ସ୍ୱର୍ଗ ନର୍କର ପରିକଳ୍ପନା ତ ସବୁ ଆମରି ହାତରେ । ଜୀବନ ଯନ୍ତ୍ରଣାକୁ ଉପସମ କରିବାର ଗୋଟିଏ ପ୍ରସସ୍ଥ ମାର୍ଗ, ବସୁଧୈବ କୁଟୁମ୍ବକଂ, ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା । ଏଠି ସମସ୍ତେ ମୋର, ଖୁବ୍ ଆପଣାର ଭାବିଲେ ତେବେ ଯାଇ ଜୀବନ ସରଳ ସହ ମଧୁମୟ ହେବ , ବିଶ୍ୱ ହେବ ମଧ ମଧୁମୟ । ସମସ୍ତଙ୍କୁ ଆପଣାର କରି ସୁନ୍ଦର ଓ ସୁଖମୟ ଜୀବନ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ସର୍ବତ୍ର ଶାନ୍ତି ପ୍ରତିଷ୍ଠା କରିବାର ବାର୍ତ୍ତାକୁ ନାଟକରେ ପାରାଦୀପ ବନ୍ଦର ବ୍ୟବହାରକାରୀ ମାନଙ୍କ ପକ୍ଷରୁ ଗୋବର୍ଦ୍ଧନ ମହାପାତ୍ର, ନିଳୀମା ମହାପାତ୍ର, ଅମ୍ବିକା ସୁତାର, ମନୋଜ ସାମନ୍ତରାୟ, ମନୋରଞ୍ଜନ ମିଶ୍ର, ଆଶିଷ ଦାସ, କୀର୍ତ୍ତି ଦାସ, ତାପସ ସାହୁ, ରମାକାନ୍ତ ପରିଡ଼ା, ସୁବ୍ରତ ପ୍ରଧାନ, ଲକ୍ଷ୍ମୀ ରାୟଗୁରୁ, କାଞ୍ଚନ ଦାସ ଆଦି କଳାକାର ମାନେ ଦର୍ଶକ ମାନଙ୍କ ସମ୍ମୁଖରେ ଅଭିନୟ କରିଥିଲେ । ସେମାନଙ୍କର ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲେ ଯାହାକି ଦର୍ଶକ ମାନଙ୍କର କରତାଳୀରୁ ସ୍ପଷ୍ଟ ଜଣା ପଡୁଥିଲା ।



# ମାନସିଂବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରର କୃତିତ୍ୱ

ବାଲେଶ୍ୱର, ୦୭/୧୧ (ନି.ପ୍ର): ମାନସିଂବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪ର୍ଥ ଶ୍ରେଣୀର ଛାତ୍ର ଶ୍ରୀମାନ ହୃଷୀକେଶ ଲେଙ୍କା ଶିଶୁ ବିକାଶ ମେଧା ବୃତ୍ତି ପରୀକ୍ଷାରେ ରାଜ୍ୟରେ ୫ମ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିପାରିଛନ୍ତି। ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ଦୀର୍ଘ ୨୫ବର୍ଷ ଧରି ଶିଶୁମାନଙ୍କର ବିକାଶ ନିମନ୍ତେ ପ୍ରତିବର୍ଷ ମେଧାବୃତ୍ତି ପରୀକ୍ଷା ରାଜ୍ୟ ସ୍ତରରେ କରାଯାଇଥାଏ। ୨୦୨୩-୨୪ ବର୍ଷରେ ଅନୁଷ୍ଠିତ ଏହି ଶିଶୁ ବିକାଶ ମେଧା ବୃତ୍ତି ପରୀକ୍ଷାରେ ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪ର୍ଥ ଶ୍ରେଣୀର ଛାତ୍ର ଶ୍ରୀମାନ ହୃଷୀକେଶ ଲେଙ୍କା ରାଜ୍ୟ ସ୍ତରରେ ୫ମ ସ୍ଥାନ ଓ କେନ୍ଦ୍ର ସ୍ତରରେ ୧ମ ସ୍ଥାନ ପାଇ ବିଦ୍ୟାଳୟର ଗୌରବ ବଢାଇ ପାରିଛନ୍ତି। ଗତ ୩ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ୨୫ତମ ରାଜ୍ୟ ସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବରେ ଶ୍ରୀ ହୃଷୀକେଶ ଯୋଗ ଦେଇ ଅତିଥି ମାନଙ୍କ ଠାରୁ ଅର୍ଥରାଶି,ପଦକ ଓ ପ୍ରମାଣ ପତ୍ର ପ୍ରାପ୍ତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାମାନେ, ପରିଚାଳନା କମିଟିର ସମସ୍ତ କାର୍ଯ୍ୟକର୍ତ୍ତା,ବହୁ ଅଭିଭାବକ ଶୁଭେଚ୍ଛା ଜଣାଇଛନ୍ତି। ଏହି ମେଧାବୀ ଛାତ୍ର ପୂର୍ବରୁ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଭୁବନେଶ୍ୱର , ଓଡିଶା ଦ୍ୱାରା କରାଯାଉଥିବା ପ୍ରଶ୍ନମଞ୍ଚ, ଶ୍ରୀ ନିବାସ ରାମାନୁଜନ୍ ଗଣିତ ପ୍ରତିଭା ପରୀକ୍ଷା, ଉତ୍କଳ ଜ୍ୟୋତି ପ୍ରତିଭା ସମ୍ମାନ, ମେଧାବୃତ୍ତି ଆଦି ପରୀକ୍ଷାରେ ଜିଲ୍ଲା ଓ ରାଜ୍ୟସ୍ତରରେ ସଫଳତା ପାଇ କୃତିତ୍ୱ ଅର୍ଜନ କରିଛନ୍ତି।



# ସୋର-କୁପାରୀ ରାସ୍ତାରେ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ଲୁଟ

ଖଇରା, ୦୭/୧୧ (ନି.ପ୍ର): ସୋର-କୁପାରୀ ରାସ୍ତାର ଖଇରା ଥାନା ଅଧୀନ ନନ୍ଦପୁର ଛକ ନିକଟରେ ବନ୍ଧୁକ ଓ ଭୁଜାଲି ଦେଖାଇ ଜଣେ ଫାଇନାନ୍ସ କର୍ମଚାରୀଙ୍କ ନିକଟରୁ ୯୦ହଜାର ଟଙ୍କା ଲୁଟ ହୋଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି । ଖବରପାଇ ଖଇରା ଥାନା ଅଧିକାରିଣୀ ମୌସୁମୀ ମହାନ୍ତି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି । ଜିଓ ଫାଇନାନ୍ସ ର କର୍ମଚାରୀ ବିଶ୍ୱାନାଥ ରାଉତ ବିଭିନ୍ନ ସ୍ଥାନରୁ ଫାଇନାନ୍ସ ବାବଦ ଅର୍ଥ ଆଦାୟ କରି ଖଇରା କାର୍ଯ୍ୟାଳୟକୁ ଫେରୁଥିବା ବେଳେ ୩ଜଣ ଦୁର୍ବୃର୍ତ୍ତ ଏକ କଳା ପଲସରରେ ପିଛା କରି ତାଙ୍କୁ ଭୟଭୀତ କରି ଟଙ୍କା ନେଇ ପଳାଇଥିଲେ ।

# ଚୋରାପଥର ଚାଲାଣ ବେଳେ ମାଡ଼ିବସିଲା ନୀଳଗିରି ପୋଲିସ: ଡମ୍ପର ଜବତ

ନୀଳଗିରି, ୦୭/୧୧ (ନି.ପ୍ର): ଗତ ନଭେମ୍ବର ୫ତାରିଖ ମଧ୍ୟରାତ୍ରୀରେ ପେଟ୍ରୋଲିଂ ସମୟରେ ନୀଳଗିରି ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ସଜନାଗଡ ଭାଲୁକାଶୁଣୀ ରାସ୍ତାରେ ଏକ ବେଆଇନ ପଥର (ବୋଲ୍ଡର) ବୋଝେଇ ଡମ୍ପର (ଓଡି -୦୧-ଡବ୍ଲ୍ୟୁ -୯୫୮୫) କୁ ଜବତ କରି ଥାନାକୁ ଆଣିଥିଲେ। ପରେ ଗାଡ଼ିର ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲା ବେଳେ ଏହାର ପରମିଟ ନଥିବା ଜଣାପଡିଥିଲା। ପରେ ଉକ୍ତ ଗାଡ଼ିର ଡ୍ରାଇଭର ଖନ୍ତାପଡା ଥାନା ଅଧୀନସ୍ଥ ଚଣ୍ଡିପୁର ଗ୍ରାମର ରଜନୀ ସିଂର ପୁଅ ବାଇନ ସିଂ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଏନେଇ ନୀଳଗିରି ଥାନାରେ ୩୪୯/୨୪ରେ ଏକ ମାମଲା ରୁଜୁ କରାଯାଇଛି।

# ପାଂଚଦିନ ବ୍ୟାପୀ ମହା ସଂସ୍କୃତିର ଜାଗରଣ ଯାତ୍ରା ଉଦ୍‌ଯାପିତ

ଭଦ୍ରକ, ୦୭/୧୧ (ନି.ପ୍ର): ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚ୍ଚର ସମିତି ଅନୁଷ୍ଠାନରେ ଚରମ୍ପା ପ୍ଲାଟଫର୍ମରେ ସମିତି ପକ୍ଷରୁ ଅସ୍ଥାୟୀ ଭାବେ ନିର୍ମିତ ମଣ୍ଡପରେ ଗତ ତା୦୨/୧୧/ ୨୦୨୪ ଠାରୁ ୦୬/୧୧/ ୨୦୨୪ ରିଖ ଦୀର୍ଘ ୫ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଥିବା ମହା ସଂସ୍କୃତିର ଜାଗରଣ ଯାତ୍ରା ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଅଭିମନ୍ୟୁ ସେଠୀ ଓ ବିଧାୟକ ମାନ୍ୟବର ଶ୍ରୀଯୁକ୍ତ ସୀତାଂଶୁ ଶେଖର ମହାପାତ୍ର ମଣ୍ଡପସ୍ଥ ଶ୍ରୀଦିଆଁଙ୍କୁ ଦର୍ଶନ ଆର୍ଶିବାଦ ଭିକ୍ଷା କରିଥିଲେ। ବିଭିନ୍ନ ଦିପସରେ ଶ୍ରୀଜଗନ୍ନାଥଙ୍କ ତଥ୍ୟ, ତତ୍ତ୍ୱ ଓ ମହିମା ସମ୍ପର୍କରେ ପ୍ରାଧ୍ୟାପକ ଶିବରେଣ ରାମଚନ୍ଦ୍ର, ସାମ୍ବାଦିକ ରବି ନାରାୟଣ ଖିଲାର, ରୋଟାରିୟାନ ଶିଶିର ମିଶ୍ର, ଓଷ୍ଟାର ସଭାପତି ଶ୍ରୀ ଶଶୀ ଶେଖରକର ଶର୍ମା, ସମାଜସେବୀ ଇଂ ଅଭୟ ସୁତାର, ସୁବାସଚନ୍ଦ୍ର ସାହୁ, ରେଲୱେ ମ୍ୟାନେଜର, ପ୍ରାଧ୍ୟାପକ ରତିକାନ୍ତ ମହାନ୍ତି, ଅଧକ୍ଷ ଡଃ ନିତ୍ୟାନନ୍ଦ ମିଶ୍ର, ପ୍ର:ଶି: ଶ୍ରୀମତୀ ଜାନକୀ ପାଢ଼ୀ, ମନୋରମା ରାୟ, କଲ୍ୟାଣୀ ନନ୍ଦ, ସଂଯୁକ୍ତା ବଳ, ଭୂମିକନ୍ୟା ସଭାବିକ, କଳ୍ପନା ଜେନା ପ୍ରମୁଖ ବକ୍ତାଗଣ ଯୋଗଦାନ କରି ନିଜର ବକ୍ତୃତା ଉପସ୍ଥାପନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିକୁ ଆପଣେଶଇ ପାରିଲେ ଦେଶର ଦୁର୍ଗତି ଦୂରହେବା ସଙ୍ଗେ ସମାଜର ସୁସ୍ଥ ବାତାବରଣ ସୃଷ୍ଟି ହେବବୋଲି ସୂଚଇଥିଲେ। ୨ ତାରିଖଠାରୁ ୬ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାରେ ଅନୁଷ୍ଠିତ ଆଧାତ୍ମିକ ସଭାରେ ସମିତିର ମୁଖ୍ୟ ପରିଚ୍ଚଳକ ପ୍ର: ଭାଗୀରଥି ନନ୍ଦ ଶର୍ମା ଅଧକ୍ଷତା କରିଥିଲେ ଓ ମୁଖ୍ୟ ଆବାହକ ସେବକ ଶ୍ରୀ ଶରତ କୁମାର ସାହୁ, ସମିତିର ସଂକ୍ଷିପ୍ତ ବିବରଣୀ ପାଠ କରିଥିଲେ। ସହ ଆବାହକ ଶ୍ରୀ ବାବୁଲାଲ ଦାସ ଅତିଥି ମାନଙ୍କର ପରିଚୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଶେଷ ଦୁଇଦିନ ସମିତିର ସହ ପରିଚ୍ଚଳକ ଶ୍ରୀ ସୁଦର୍ଶନ ପଣ୍ଡା ଓ ସହ ଆବାହକ ଶ୍ରୀଯୁକ୍ତ ଅଧକ୍ଷତା କରି ମଂଚ ପରିଚ୍ଚଳନା କରିଥିଲେ। ପ୍ରତ୍ୟେହ ଦିବା ୧୦ ଘଟିକାରୁ ଛାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଗୀତା, ଭାଗବତ ପାଠ, ସଂକୀର୍ତନ, ଭଜନ ଆଦି ସାଂସ୍କୃତିକ କାର୍ଯ୍ୟକମ ଅନୁଷ୍ଠିତ ହେଉଥିଲା। ଏହି ସଂକୀର୍ତନ ମଣ୍ଡଳୀରେ ବାଲେଶ୍ୱର, ଭଦ୍ରକରୁ ଶ୍ରୀ ଅର୍ଣ୍ଣପୂର୍ଣ୍ଣ ଦାସ ଓ ସୁରେନ୍ଦ୍ର ପ୍ରସାଦ ନାୟକ, ଦୁର୍ଗା ଚରଣ ନାୟକଙ୍କ ତତ୍ତ୍ୱାବଧାନରେ ୧୨ଟି ସଂକୀର୍ତନ ମଣ୍ଡଳୀ ଯୋଗଦାନ କରିଥିଲେ। ପ୍ରତ୍ୟେହ ସମିତିର ସଦସ୍ୟ ଶ୍ରୀ କାହ୍ନୁଚରଣ ଦାସ ଓ ସନାତନ ସାହୁ ସମବେତ ଉକ୍ତ ମଣ୍ଡଳୀଙ୍କୁ ଅନ୍ନପ୍ରସାଦ ପରିବେକ୍ଷଣ କରିଥିଲେ। ସମାରୋହର ତୃତୀୟ ଦିବସରେ ସୁଦୂର ପୁରୀରୁ "ଜଗା ଋକର ସଂଘ"ର ଶ୍ରୀ ସଦାନନ୍ଦ ସାହୁ ଓ ସମ୍ପାଦକ ଶ୍ରୀ ବିଶ୍ୱନାଥ ପାତ୍ର, ସନ୍ତୋଷ ମିଶ୍ର, ଅଶିତ ସାଏନ୍ତ, କ୍ଷୀରୋଧ ନାୟକ, ସୁପ୍ରଭା ମିଶ୍ର, ନିରୁପମା ପଣ୍ଡା, ସସ୍ମିତା ପଣ୍ଡା, ଶ୍ରୀକାନ୍ତ ସାହୁ ପ୍ରମୁଖ ସେବକ ଶ୍ରୀ ମନ୍ଦିରରୁ ମହାପ୍ରସାଦ ଆଣି ସମିତିର ଉପଦେଷ୍ଟା, ଶ୍ରୀ ସନେଇ ଶିଅଳ, କାଶୀନାଥ ପଣ୍ଡା, ଲକ୍ଷ୍ମୀଧର ଖଟୁଆ ପ୍ରମୁଖ ସେବକ ଯୋଗ ଦେଇଥିଲେ।

# ସାମ୍ବାଦିକ ଓ ଉପଜିଲ୍ଲାପାଳ ବିବାଦର ସ୍ଥାୟୀ ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ସାମ୍ବାଦିକଙ୍କ ଚେତାବନୀ



ନୀଳଗିରି , ୦୭/୧୧ (ନି.ପ୍ର): ଗତ ଅକ୍ଟୋବର ୨୧ତାରିଖରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଆଞ୍ଚଳିକ କମିଟି ତରଫରୁ ସ୍ଥାନୀୟ ରାସ୍ତା ସମସ୍ୟା ନେଇ ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ଦେବାପରେ ନୀଳଗିରି ର କିଛି ସାମ୍ବାଦିକ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥଙ୍କ ପ୍ରତିକ୍ରିୟା ଆଣିବା ପାଇଁ ଯାଇଥିବା ବେଳେ ଉପଜିଲ୍ଲାପାଳ ମହୋଦୟା ଉତ୍କ୍ଷୀପ୍ତ ହୋଇ ସାମ୍ବାଦିକମାନଙ୍କୁ ଦୁର୍ବ୍ୟବହାର କରିବା ସହ ଅସ୍ୱାଭାବିକ ପ୍ରତିକ୍ରିୟା ପ୍ରକାଶ କରି ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ସମୟରେ କିଛି ବୈଦ୍ୟୁତିକ ଗଣମାଧମ ର ସାମ୍ବାଦିକ ଭିଡ଼ିଓ ଉତ୍ତୋଳନ କରୁଥିବାବେଳେ ନନ୍ଦିଘୋଷ ଟିଭିର ନୀଳଗିରି ପ୍ରତିନିଧି ସୁକାନ୍ତ ଦାସଙ୍କ ମୋବାଇଲ୍ ଛଡ଼ାଇନେଇଥିଲେ। ଏଥି ସହିତ ଭିଡ଼ିଓ କୁ ଭାଇରାଲ କଲେ ସମସ୍ତଙ୍କ ନାମରେ ଏଭଳି ଦଫା ଲଗାଇବି ଯାହା ତୁମେ ସ୍ୱପ୍ନରେ ସୁଦ୍ଧା ଭାବିନଥିବ ବୋଲି ଧମକ ଦେଇଥିଲେ । ଉକ୍ତ ଘଟଣା ନୀଳଗିରି ଉପଖଣ୍ଡ ସମସ୍ତ ସାମ୍ବାଦିକ ମାନଙ୍କୁ ମର୍ମାହତ କରିଥିବା ବେଳେ ଏ ନେଇ ବାଲେଶ୍ୱର ଜିଲ୍ଲାପାଳ ସହିତ ମୂଖ୍ୟମନ୍ତ୍ରୀ ମୂଖ୍ୟ ଶାସନ ସଚିବ, ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶାଙ୍କୁ ଅବଗତ କରାଯାଇଥିଲା। ମାତ୍ର ୧୫ ଦିନରୁ ଉର୍ଦ୍ଧ ସମୟ ବିତିଯାଇଥିଲେ ହେଁ ଉଚ୍ଚ କତୃପକ୍ଷ ଏହାର କୌଣସି ସମାଧାନର ପନ୍ଥା ବାହାର ନକରିବା ଫଳରେ ଆଶା ଆଶଙ୍କା ରେ ଥିବା ସାମ୍ବାଦିକ ଆଜି ସ୍ଥାନୀୟ ଲୋକସମ୍ପର୍କ କାର୍ଯ୍ୟାଳୟ ରେ ଏକ ବୈଠକର ଆହ୍ୱାନ କରିଥିଲେ। ବୈଠକର ସର୍ବସମ୍ମତି କ୍ରମେ ଉପଖଣ୍ଡ ସ୍ତରର ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ବର୍ଜନ କରିବା, ଜିଲ୍ଲାପାଳ ସାମ୍ବାଦିକ ମାନଙ୍କ ପ୍ରତି ସହାନୁଭୂତି ପୂର୍ବକ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଲେ ସରକାରୀ କାର୍ଯ୍ୟକ୍ରମ ରେ କଳାବ୍ୟାଚ ପରିଧାନ କରିବାକୁ ନିଷ୍ପତି ନିଆଯିବା ସହ ୧୫ ଦିନ ମଧ୍ୟମରେ ଘଟଣାର ସ୍ଥାୟୀ ସମାଧାନ ନ କଲେ ଉପଖଣ୍ଡ ର ସମସ୍ତ ସାମ୍ବାଦିକ ଗଣତାନ୍ତ୍ରିକ ପଦ୍ଧତିରେ ନ୍ୟାୟ ପାଇଁ ଲଢେଇ କରିବେ। ଏ ନେଇ ବାଲେଶ୍ୱର ଜିଲ୍ଲାପାଳଙ୍କୁ ସାମ୍ବାଦିକ ମାନଙ୍କର ଏକ ପ୍ରତିନିଧିମଣ୍ଡଳୀ ଭେଟିବାର କାର୍ଯ୍ୟକ୍ରମ ରହିଛି।ଏହି ବୈଠକରେ ବରିଷ୍ଠ ଲୋକନାଥ ଦଳେଇ, ପ୍ରଫୁଲ୍ଲ ମହାନ୍ତି, ବିଭୂତିଭୂଷଣ ବେହେରା, ରାମଚନ୍ଦ୍ର ମହଲ, ଜଗନ୍ନାଥ ପାତ୍ର, ଖଗେନ୍ଦ୍ର ପରମାଣିକ, ଶରତ ଦାସ, ପାର୍ଥସାରଥି ଦାସବାବୁ, ସୁକାନ୍ତ ଦାସ, ପ୍ରଶାନ୍ତ କୁମାର ବିଶ୍ୱାଳ, ଶରତ ଜେନା, ଧୀରେନ୍ଦ୍ର ନାୟକ, ଜଗନ୍ନାଥ ଦାସ, ଗଣେଶ ଜେନା, ସମରେନ୍ଦ୍ର ବାରିକ୍, ବିଶ୍ୱମ୍ଭର ଦାସ, ଦିଲୀପ ସ୍ୱାଇଁ ସତ୍ୟାନନ୍ଦ ପାତ୍ର, ବିଜୟ କୁମାର ଲେଙ୍କା, ପୁରୁଷତ୍ତମ ଦାସ, ପ୍ରିୟବ୍ରତ ବେହେରା, ରତିକାନ୍ତ ପରିଡ଼ା, ବିସ୍ମୟ ମଲିକ, ଚକ୍ରଧର ସିଂ, ଅନନ୍ତ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ବିଏଲଏଫ୍ ମହାସଂଘ ତରଫରୁ ଏସଏଚଜି ମହିଳାଙ୍କୁ ନେଇ ସଚେତନତା ବୈଠକ



ଲଙ୍ଗଳେଶ୍ୱର, ୦୭/୧୧ (ନି.ପ୍ର): ବାଲିଆପାଳ ଡାକବଙ୍ଗଳା ପରିସରରେ ଗତକାଲି ଏକ ମହିଳା ସଚେତନା ବୈଠକ ହୋଇଯାଇଛି ।ଏହି ବୈଠକରେ ବାଲିଆପାଳ ରେ ବି ଏଲ ଫ୍ ସଭାନେତ୍ରୀ ମାୟାରାଣୀ ଚକ୍ରବର୍ତ୍ତୀ, ସମ୍ପାଦିକା ସୁଷମା ଦତ୍ତ, ଇଷି ମେମ୍ବର ଇଉନିୟନ୍ ର ସଭାନେତ୍ରୀ ପ୍ରଭାତୀ ସାହୁ, ସମ୍ପାଦିକା ସ୍ନେହଲତା ବେହେରା, ଏମ୍ପିକେ ଇଉନୀୟନ୍ ସଭାନେତ୍ରୀ ଜ୍ୟୋତ୍ରିମୟୀ ଦାସଙ୍କ ନେତୃତ୍ୱରେ ୨୮ ପଂଞ୍ଚାୟତର ଏମ୍ପିକେ, ସିଆରପି, ବ୍ୟାଙ୍କମିତ୍ର, ସମସ୍ତ ଜି ପିଏଲଏଫର ଇଷି ମାନଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ବ୍ଲକରେ ଥିବା ସମସ୍ତ ସ୍ୱଂୟ ସହାୟକ ଗୋଷ୍ଠୀ ମାନଂକୁ ଅନ୍ୟ ଏକ ଦୂର୍ବୃତ ଦଳ ଆସି ଏକଜୁଟ କରି, ବିଭିନ୍ନ ପ୍ରଲୋଭନ ଦେଖାଇ ସେମାନଙ୍କୁ ଘର, ମାସିକ ଭତ୍ତା, କରିଦେବେ କହି ଆଧାର କାର୍ଡ ସହିତ ୨୦ ରୁ ୧୦୦ ପର୍ଯ୍ୟନ୍ତ ଆଦାୟ ବିନା ରସିଦରେ ନେଉଛନ୍ତି, ସରକାର ମହିଳା ମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଆସୁଥିବା ବେଳେ,ଏମାନେ ମହିଳାଙ୍କଠୁ ଲୁଣ୍ଠନ କରିଚାଲିଛନ୍ତି। ସରକାରଙ୍କ ବିନା ଗାଇଡ ଲାଇନ୍ ରେ କେମିତି ଟଙ୍କା ଆଦାଇ କରି ଲୋକଙ୍କୁ ପ୍ରଲୋଭନ ଦେଖାଉ ଛନ୍ତି ସେଥିପାଇଁ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସଚେତନ କରାଇବା ପାଇଁ ଆଜିର ସମାବେଶ ଥିଲା, ଯଦି କୌଣସି ଗୋଷ୍ଠୀ ରୁ ଏପରି ଦେଖିବାକୁ ମିଳେ ତୁରନ୍ତ ବିଏଲ୍ଫ,ଇଷି ମେମ୍ବର ମାଙ୍କୁ ଜଣାଇବାକୁ। ପଦ୍ମାଳୟା ଦେ, ତାପଶି କର, ମମତା ବିଶ୍ୱାଳ, ସୁଭଦ୍ରା ଦାସ,ନିୟତି ଗିରି,ରେଣୁକା ବାଳା ଭୂୟାଁ ପ୍ରମୁଖ ପରିଚନା କରିଥିଲେ।

# ମହିଳା ବିକାଶ ସମବାୟ ନିଗମର ବାର୍ଷିକ ସାଧାରଣ ସଭା

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନସ୍ଥ ମହିଳା ବିକାଶ ସମବାୟ ନିଗମର ବାର୍ଷିକ ସାଧାରଣ ସଭା ଡବ୍ଲୁସିଡ଼ି କମ୍ପ୍ଲେକ୍ସ ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ନିଗମର ଅଧକ୍ଷା ଶ୍ରୀମତୀ ସ୍ୱାଧିନବାଳା ଦାସ , ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନର୍ଜୀ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ଦୁର୍ଗାଚରଣ ମହାରଣା , ଏହାର ପରିଚାଳନା କମିଟି ସଦସ୍ୟ , ଅନ୍ୟ ସଦସ୍ୟା ସମିତିର ସଭ୍ୟ ତଥା ମହିଳା ନିଗମର ପ୍ରଶାସନିକ ଅଧିକାରୀ, ବିତ୍ତ ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଅଂଶଗ୍ରହଣ କରିଥିରେ । ସଦସ୍ୟ ସମିତିମାନଙ୍କର ପ୍ରସ୍ତାବ ମୁତାବକ, ସେମାନଙ୍କୁ ବିଭିନ୍ନ ଧନ୍ଦାମୂଳକ/ ଦକ୍ଷତା ବୃଦ୍ଧି ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ ମାଧ୍ୟମରେ ସେମାନଙ୍କର ବୈଷୟିକ ଜ୍ଞାନ କୌଶଳ ଏବଂ ଦକ୍ଷତା ବୃଦ୍ଧି ଉପରେ ପ୍ରାଧାନ୍ୟ ଦିଆଯାଇଥିଲା । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବଜାର ବ୍ୟବସ୍ଥା ପାଇଁ ଓରମାସ୍ ତଥା ବିଭିନ୍ନ ମାର୍କେଟିଙ୍ଗ ସଂସ୍ଥା ସହ ବୁଝାମଣା କରିବା ପ୍ରସଙ୍ଗରେ ମଧ ବିଶଦ ଆଲୋଚନା ହୋଇଥିଲା।

# ଖଇରା ବ୍ଲକ-ଦାନାରେ ପ୍ରଭାବିତ ହୋଇଛନ୍ତି ୯୦୩ ପରିବାର

ଖଇରା, ୦୭/୧୧ (ନି.ପ୍ର): ଖଇରା ବ୍ଲକରେ ବାତ୍ୟା ଦାନା ଯୋଗୁଁ ହଜାର ହଜାର ସଂଖ୍ୟାର ଗଛ ଭାଙ୍ଗି ପଡିବା ଯୋଗୁଁ ଘର ଭାଙ୍ଗିବା ସହ ରାସ୍ତାଘାଟ ନଷ୍ଟ ହୋଥିଲା । ୭ଦିନ ପରେ ଟାଟା ପାଓ୍ୱାର ବିଭିନ୍ନ ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇବାକୁ ସକ୍ଷମ ହୋଇଥିଲା । ହେଲେ ଏ ପର୍ଯ୍ୟନ୍ତ ଲୋକଙ୍କୁ ଉପଯୁକ୍ତ କ୍ଷତିପୁରଣ ମିଳିନଥିବା କାରଣରୁ ଗ୍ରାମବାସୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବାତ୍ୟା ଦାନା ପ୍ରଭାବରୁ ଅକ୍ଟୋବର ୨୪ତାରିଖରେ ପ୍ରବଳ ଝଡବର୍ଷା ହୋଇଥିଲା । ତହସିଲରୁ ମିଳିଥିବା ତଥ୍ୟ ଅନୁଯାୟୀ ଏଥିଯୋଗୁଁ ଖଇରା ବ୍ଲକର ୧୨ଟି ଆରଆଇ ସର୍କଲର ୩୭ପଞ୍ଚାୟତରେ ୯୦୩ ପରିବାରର ଘର ଭାଙ୍ଗିଥିବା ବେଳେ ଏ ପର୍ଯ୍ୟନ୍ତ ୭୮୫ଟି ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି । ପଲିଥିନ ବଣ୍ଟନ ଜାରି ରହିଥିବା ନେଇ ତହସିଲଦାର ଜିତେନ୍ଦ୍ର ମୁର୍ମୁ କହିଛନ୍ତି । ବିଧାୟକ, ତହସିଲଦାର ଉପଜିଲାପାଳଙ୍କୁ ଘରଭାଙ୍ଗିବା ନେଇ ଅଭିଯୋଗ ପରେ ମଧ୍ୟ ଏ ପର୍ଯ୍ୟନ୍ତ କିଛି ସାହାଯ୍ୟ ମିଳିନଥିବା ନେଇ ନୟାଖଣ୍ଡି ପଞ୍ଚାୟତ ଗଡ ଗ୍ରାମର ସରୋଜ କୁମାର ସେଣ୍ଠ କହିଛନ୍ତି । ମାଖନପୁର ପଞ୍ଚାୟତ ଅଧୀନ ସାଉଣ୍ଡିଆ ୟୁପି ସ୍କୁଲ ରୋଷେଇ ଘର ଉପରେ ଏପର୍ଯ୍ୟନ୍ତ ଗଛ ପଡିରହିଛି । ଖାଲି ମାଖନପୁର ନୁହେଁ ବହୁ ପଞ୍ଚାୟତରେ ଅଦ୍ୟାବଧି ଚାଷଜମି ଓ ଘରବାଡିରେ ବହୁ ଗଛାଝୁଲି ରହିଥିବା ବେଳେ ପ୍ରଶାସନ ଏଥିପ୍ରତି ନଜର ଦେଉନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ପାଣି ପ୍ରବାହିତ ହେବା ତଥା ଗଛପଡିବା ଯୋଗୁଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ୩୭ ଟି ରାସ୍ତା ଭାଙ୍ଗିରୁଜି ନଷ୍ଟ ହୋଇଥିବା ନେଇ କ୍ଷୟକ୍ଷତି ଆକଳନରୁ ଜଣାପଡିଛି । ଏହାଛଡା ପୂର୍ତ୍ତ ବିଭାଗ ଅଧୀନରେ ଥିବା ସୋର-କୁପାରୀ,ବର୍ଦ୍ଧନା-ଓସ୍ତପାଳ, କୁପାରୀ-ଶାରିଶୁଆ ଓ କୁପାରୀ-ଆଗରପଡା ରାସ୍ତା ନଷ୍ଟ ହୋଇଥିବା ନେଇ ଅଭିଯୋଗ ହୋଇଛି । ସେପଟେ କୋଚିଆକୋଇଲି ରାଜସ୍ୱ ନିରିକ୍ଷକ କ୍ଷୟକ୍ଷତି ଆକଳନ ବେଳେ ଗ୍ରାମବାସୀଙ୍କ ବାରମ୍ବାର ଅନୁରୋଧ ସତ୍ୱେ ସାନ ନୁଆଗାଁ ଗ୍ରାମକୁ ନଯିବା ଏବଂ ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର କରିବା ନେଇ ଗ୍ରାମର ବୃନ୍ଦାବନ ଜେନା,ହରେକୃଷ୍ଣ ପାତ୍ର ଓ ପ୍ରହଲ୍ଲାଦ ପାତ୍ର ଅଭିଯୋଗ କରିଛନ୍ତି । ଖୁବଶୀଘ୍ର ଗ୍ରାମବାସୀ ଏଥିନେଇ ଜିଲାପାଳଙ୍କୁ ଭେଟିବାକୁ ଚେତାବନୀ ଦେଇଛନ୍ତି । ତେବେ ଏ ପର୍ଯ୍ୟନ୍ତ ଖଇରାକୁ ବିଧିବଦ୍ଧ ଭାବେ ବନ୍ୟା ଓ ବାତ୍ୟାଞ୍ଚଳ ଭାବେ ଘୋଷଣା କରାଯାଇନଥିବାରୁ କ୍ଷତିକ୍ଷତି ମିଳିବା ନେଇ ଲୋକଙ୍କ ମନରେ ସଂଶୟ ସୃଷ୍ଟି ହୋଇଛି ।



# ଶିକ୍ଷାବିତ୍ ଦୁଃଶାସନ ରାଉତ ସମ୍ବର୍ଦ୍ଧିତ

ବାସୁଦେବପୁର, ୦୭/୧୧ (ନି.ପ୍ର): ଅଟଳ ବିହାରୀ ହାଇସ୍କୁଲ ପରିସରରେ ସ୍ମୃତି ସାନ୍ତ୍ୱନା ସାହିତ୍ୟ ପତ୍ରିକା ପକ୍ଷରୁ ଅନୁଷ୍ଠିତ ସାହିତ୍ୟ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ବାସୁଦେବପୁର ମୀରାକଲ୍ ପବ୍ଲିକ ସ୍କୁଲର ଅଧକ୍ଷ ଦୁଃଶାସନ ରାଉତ ସମ୍ବର୍ଦ୍ଧିତ ହୋଇଛନ୍ତି । ବିଶିଷ୍ଟ କବି ଡକ୍ଟର ପ୍ରଭାତ ନଳିନୀ ମହାପାତ୍ର, କବି ଡକ୍ଟର ରାଧାରାଣୀ ମହାପାତ୍ର, କବି ଗୀତା ରାଣୀ ଆଇଚ, କବି ସବିତା ରାଣୀ ବେହେରା ପ୍ରମୁଖ ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ଶ୍ରୀ ରାଉତ ଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଶ୍ରୀ ରାଉତ ଙ୍କୁ ବହୁ ସାହିତ୍ୟ ଓ ଶିକ୍ଷା ଅନୁଷ୍ଠାନ ଅଭିନନ୍ଦନ ଜଣାଇଛନ୍ତି । ଅତୀତରେ ଶ୍ରୀ ରାଉତ ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ହଜାର ହଜାର ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ାଇ ଉପଯୁକ୍ତ ମଣିଷ ଭାବେ ଗଢି ପାରିଛନ୍ତି । ସାହିତ୍ୟ ଓ କଳା ସଂସ୍କୃତି କ୍ଷେତ୍ରରେ ଶ୍ରୀ ରାଉତ ଙ୍କ ର ଗଭୀର ରୁଚି ରହିଛି । ଅନେକ ଅନୁଷ୍ଠାନ ପକ୍ଷରୁ ଶ୍ରୀ ରାଉତ ନିଜର ଦକ୍ଷତା ଓ ସାମାଜିକ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି । ସ୍ୱାଧୀନତା ସଂଗ୍ରାମର ମାଟି ବାସୁଦେବପୁର ଓ ରକ୍ତତୀର୍ଥ ଇରମ ର ଉନ୍ନତି ପାଇଁ ଶ୍ରୀ ରାଉତ ସର୍ବଦା ଉଦ୍ୟମ ଚଳାଇଛନ୍ତି ।




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo